# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 2/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 248 | ମୂଲ୍ୟ ₹୭/-




**ଜମିଲ ଫୁଟ୍‌ବଲ ମୁଖ୍ୟ କୋଚ୍**

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି ଖଲିଦ ଜମିଲ । ୧୪

୧୩ **ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା**

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଅଭିନେତା ଶାହରୁଖ ଖାନ୍ ଏବଂ ବିକ୍ରାନ୍ତ ମେସି ମିଳିତ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।



# ରାଜସ୍ୱ ହାନି ଏଡ଼ାଇବାକୁ ‘ଟ୍ରାକ୍ ଆଣ୍ଡ ଟ୍ରେସ୍’ ବ୍ୟବସ୍ଥା

- **ପାନମସଲା, ଇଟାଭାଟି, ବାଲି ଖନନ ଆଦିରେ ଲାଗୁହେବ**
- **ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର**

**ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟ କ୍ୟାବିନେଟ୍‌ରେ ୪ଟି ବିଭାଗର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମୋହର ବାଜିଛି। ବିଶେଷକରି ଏଭଳି କେତେକ କ୍ଷେତ୍ର ରହିଛି, ଯେଉଁଠି ସରକାରଙ୍କୁ ସବୁବେଳେ ରାଜସ୍ୱ ହାନିର ଆଶଙ୍କା ରହୁଛି। କାରଣ ସେସବୁ କ୍ଷେତ୍ରରେ ରାଜସ୍ୱ ଫାଙ୍କିବାକୁ ଅନେକ ବେଆଇନ କାର୍ଯ୍ୟ ହେଉଛି। ଏସବୁକୁ ଏଡ଼ାଇବା ପାଇଁ ସରକାର ‘ଟ୍ରାକ୍ ଆଣ୍ଡ ଟ୍ରେସ୍’ ବ୍ୟବସ୍ଥା ଆପଣାଇଛନ୍ତି। ଏହା ହେଉଛି ଏକ ସଫ୍ଟୱେରଭିତ୍ତିକ ସମାଧାନ। ଏହା ମାଧ୍ୟମରେ ଲୋଡିଂ ୟୁନିଟ୍, ସାମଗ୍ରୀ ପରିବହନ ଓ ଏଥିରେ ନିୟୋଜିତ ଯାନବାହନ ଉପରେ ନଜର ରଖାଯାଇ ଯୋଗାଣକାରୀଙ୍କଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସମଗ୍ର ଯୋଗାଣ ଶୃଙ୍ଖଳକୁ ତଦାରଖ କରାଯିବ।**

ଭୁବନେଶ୍ୱର,୧।୮ (ରବିନାରାୟଣ ଜେନା)

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ ସଂଶୋଧନ ଆଣିଛନ୍ତି। ଏହାଦ୍ୱାରା ବ୍ୟବସ୍ଥାକୁ ସରଳ କରିବା ସହ କରଦାତା ଓ କର ପ୍ରଶାସକଙ୍କୁ କେତେକ ସୁବିଧା ମିଳିବ। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନିର ଆଶଙ୍କାକୁ ଏଡ଼ାଇବା ପାଇଁ ‘ଟ୍ରାକ୍ ଆଣ୍ଡ ଟ୍ରେସ୍’ ବ୍ୟବସ୍ଥାର ପ୍ରଚଳନ କରାଯିବ। ଟ୍ରାକ୍ ଓ ଟ୍ରେସ୍ ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଶାସ୍ତି ବିଧାନ କରାଯିବ, ଯାହା ଅଧିକ ତାହା ପ୍ରଦାନ କରିବାକୁ ବାଧ୍ୟ ହେବେ।

ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇବା କ୍ଷେତ୍ରରେ ‘ପ୍ଲାଣ୍ଟ ଏବଂ ମେଶିନେରି’ ଏବଂ ‘ପ୍ଲାଣ୍ଟ କିମ୍ବା ମେଶିନେରି’ର ବ୍ୟାଖ୍ୟା ମଧ୍ୟରେ ଥିବା ଅସ୍ପଷ୍ଟତାକୁ ଦୂର କରାଯିବ। ଫଳରେ ଟିକସଦାତାଙ୍କୁ ରିଟର୍ନ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ କରିବ । ବିକ୍ରୟ ପରେ ଫେରସ୍ତ କିମ୍ବା ଅନ୍ୟ କୌଣସି କାରଣରୁ ଦ୍ରବ୍ୟ ବା ସେବା ଯୋଗାଣର ମୂଲ୍ୟ ହ୍ରାସ ପାଇଲେ, ଯୋଗାଣକାରୀମାନେ କ୍ରେଡିଟ୍ ନୋଟ୍ ଜାରି କରନ୍ତି। ଟିକସ ଫାଙ୍କିକୁ ରୋକିବା ପାଇଁ ଦ୍ରବ୍ୟ ବା ସେବା ଗ୍ରହଣକାରୀ ମଧ୍ୟ ଆନୁପାତିକ ଭାବେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍‌କୁ କମାଇବେ ।

ଆହୁଜା କହିଛନ୍ତି, କ୍ୟାବିନେଟରେ ‘ସ୍ଥାନୀୟ ପାଣ୍ଠି’ ଏବଂ ‘ମ୍ୟୁନିସିପାଲିଟି ପାଣ୍ଠି’ ଶବ୍ଦଗୁଡ଼ିକରେ ସ୍ପଷ୍ଟତା ଅଣାଯିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଭାଉଚର ସହିତ ଜଡ଼ିତ କାରବାର ସମ୍ବନ୍ଧରେ ଯୋଗାଣ ସମୟ ବ୍ୟବସ୍ଥାକୁ ହଟାଯିବ, କାରଣ ଏହା ନା କୌଣସି ସାମଗ୍ରୀ ଯୋଗାଣ ନା ସେବା ସମ୍ପର୍କିତ କାରବାର। ସେହିପରି ଟିକସ ☞ପୃଷ୍ଠା-୪

## ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ସଂଶୋଧନକୁ ଅନୁମୋଦନ

ଭୁବନେଶ୍ୱର,୧।୮ (ରବିନାରାୟଣ ଜେନା)

ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଶୁକ୍ରବାର ଅନୁମୋଦନ ଦେଇଛି। ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ସଂଶୋଧନ ନୀତି-୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରୋତ୍ସାହନ ଆବେଦନଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା। ସେଥିମଧ୍ୟରେ ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ (ଏସ୍‌ଡିଏଲ୍‌ସି) ବୈଠକରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରସ୍ତାବକୁ ଅନୁମୋଦନ ମିଳୁଥିଲା। ସେହିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ଉପ-ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଉପରେ ଅନୁମୋଦନ ଦେଉଥିଲା। ଶୁକ୍ରବାର ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମେ ଏବେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୪

**ଜିଲାପାଳଙ୍କ ହାତକୁ ଗଲା ଅନୁମୋଦନ କ୍ଷମତା, ବାଦ୍ ପଡ଼ିଲେ ମୁଖ୍ୟ ଶାସନ ସଚିବ**

# ‘ପୁଷ୍କରା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



ଭୁବନେଶ୍ୱର, ୧।୮ (ସୌମ୍ୟରଞ୍ଜନ ରାଉତ)

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି। ଏଥିରେ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ‘ପୁଷ୍କରା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତରଙ୍ଗ ସିନେ ପ୍ରଡକ୍ସନ୍ସ ପ୍ରସ୍ତୁତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ‘ପୁଷ୍କରା’କୁ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ଘୋଷଣା କରାଯାଇଛି। ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ ‘ନାଦବିନ୍ଦୁ’ ଉପରେ ଆଧାରିତ ଥିଲା। ଏଥିରେ ଓଡ଼ିଆ ପ୍ରଥା ପରମ୍ପରାରେ ମୃତ୍ୟୁ ସମୟରେ ପୁଷ୍କର ଲାଗିଲେ ତାହାକୁ କିପରି ଛଡାଯାଏ ଏବଂ ସେଥିପାଇଁ କିପରି ପରମ୍ପରା ପାଳନ ହୁଏ ଚଳଚ୍ଚିତ୍ରରେ ତାହା ଦୃଶ୍ୟମାନ ହୋଇଥିଲା। ଚଳଚ୍ଚିତ୍ରଟି ୨୦୨୩ ସେପ୍ଟେମ୍ବର ୧୯ରେ ମୁକ୍ତିଲାଭ କରିଥିଲା। ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟକୁ ବିପୁଳ ଦର୍ଶକୀୟ ଆଦୃତି ମିଳିଥିଲା। ଏଥିସହ ଚଳଚ୍ଚିତ୍ରରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ପରମ୍ପରାକୁ କାହାଣୀ ମାଧ୍ୟମରେ ସୁନ୍ଦର ଭାବରେ ☞ପୃଷ୍ଠା-୪

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ‘ପୁଷ୍କରା’ ଏବଂ ‘ଦ ସି ଆଣ୍ଡ୍ ସେଭେନ୍ ଭିଲେଜେସ୍’ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏନେଇ ସେ ତାଙ୍କ ‘X’ ଆକାଉଣ୍ଟରେ ଉଭୟ ଚଳଚ୍ଚିତ୍ରର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତ ନୂତନ ପ୍ରୟାସ ଓ ପ୍ରୟୋଗ ସହ ଏହିପରି ଆହୁରି ଅନେକ ସଫଳତା ପ୍ରାପ୍ତ କରୁ ବୋଲି କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


## Government of Odisha
### Higher Education Department

**Revised Remaining Timeline for admission into 2 Year B.Ed., B.H.Ed., M.Ed. Courses for the Academic Session 2025-26 under SAMS**

**No.N-141:** The revised remaining timeline for admission into 2 Year B.Ed., B.H.Ed., M.Ed. courses for the year 2025-26 under ‘Student Academic Management System (SAMS)’ is given below. Any change in the timeline will be published on the website https://te.samsodisha.gov.in/. The applicants are advised to read the information Brochure Carefully.

| Sl# | Activities | Timeline |
|---|---|---|
| 1 | Publication of Revised Entrance Test Score on SAMS TE Portal | 01-Aug-2025 (Friday) (11.00 AM) |
| 2 | **Students Activity:** **Editing of** **1) Choice locking for the institutions by the applicants in their student login, if required 2) Graduation/ Equivalent marks** | 01-Aug-2025 (04.00 PM) (Friday) to 04-Aug-2025 (11.45 AM) (Monday) |
| 3 | **1st Round** Publication of Provisional Allotment of Seats (For First Round Selection) | 08-Aug-2025 (Friday) (02.00 PM) |
| 4 | **Students Activity:** Selection of **Slide/Freeze** option and Online payment of admission fees by the selected students through SAMS (Student's login) portal | 08-Aug-2025 (04.00 PM) (Friday) to 13-Aug-2025 (03.00 PM) (Wednesday) |
| 5 | **Students Activity:** Reporting of applicants at allotted institutions for taking admission **(for First Round Selection)** **(Applicants who have chosen the Freeze option will only be required to report for admission)** | 11-Aug-2025 (10.00 AM) (Monday) to 13-Aug-2025 (05.00 PM) (Wednesday) |
| 6 | **Institution Activity:** Data updation of admitted students in the e-space **(for First Round Admission)** by the respective institutions | 11-Aug-2025 (10.00 AM) (Monday) to 13-Aug-2025 (11.45 PM) (Wednesday) |
| 7 | **2nd Round :** Publication of Provisional Allotment of Seats **(For Second Round Selection)** | 19-Aug-2025 (Tuesday) (02.00 PM) |
| 8 | **Students Activity:** Selection of Slide/Freeze option and **Online payment of admission fees** by the Selected students through SAMS (Student's login) portal | 19-Aug-2025 (04.00 PM) (Tuesday) to 22-Aug-2025 (03.00 PM) (Friday) |
| 9 | **Students Activity:** **Reporting of applicant** at allotted institutions for taking admission **(For Second Round Selection)** **(Applicants who have chosen the Freeze option will only be required to report for admission)** | 20-Aug-2025 (10.00 AM) (Wednesday) to 22-Aug-2025 (05.00 PM) (Friday) |
| 10 | **Institution Activity:** Data Updation of admitted students in the e-space **(For second round Admission)** by the respective Institutions | 20-Aug-2025 (10.00 AM) (Wednesday) to 22-Aug-2025 (11.45 PM) (Friday) |
| 11 | **3rd (Final) Round** Publication of Provisional Allotment of Seats **(For Third Round Selection)** | 26-Aug-2025 (Tuesday) (02.00 PM) |
| 12 | **Students Activity:** **(Selection of FREEZE OPTION)** & Online payment of admission fees by the selected students through SAMS (Student's login) portal | 26-Aug-2025 (04.00 PM) (Tuesday) to 01-Sep-2025 (03.00 PM) (Monday) |
| 13 | **Students Activity:** Reporting of the applicant at allotted institutions for taking admission **(for Third Round Selection)** | 29-Aug-2025 (10.00 AM) (Friday) to 01-Sep-2025 (05.00 PM) (Monday) (Except Holiday) |
| 14 | **Institution Activity:** Data updation of admitted students in the e-space **(for Third Round of Selection)** by the respective Institutions | 29-Aug-2025 (10.00 AM) (Friday) to 01-Sep-2025 (11.45 PM) (Monday) |
| 15 | **4th Round (Waiting/ Spot)** **Students Activity:** Availability of online Common Application Form (CAF) in the student's login for providing minimum 01 (One) and maximum as many fresh options to participate in the Phase-I 4th Round (waiting list / Spot) Admission process | 03-Sep-2025 (11.00 AM) (Wednesday) to 05-Sep-2025 (11.45 PM) Friday |
| 16 | Publication of merit wise list among the reported waitlisted applicants at HEIs e-space | 08-Sep-2025 (02.00 PM) (Monday) |
| 17 | **Institution Activity:** Publication of selected and waitlisted applicant's list by the HEIs at their Notice Board/ Website and the HEIs will also communicate to the applicants via phone call/ SMS/ whatsapp/ e-mail etc. | 09-Sep-2025 (02.00 PM) (Tuesday) |
| 18 | Reporting of selected applicants of waitlisted round to take admission in one of the selected HEI's where the total/ differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/UPI etc.) | 10-Sep-2025 (10.00 AM) (Wednesday) & 11-Sep-2025 (05.00 PM) (Thursday) |
| 19 | Reporting of **waiting** applicants in waitlisted round to take admission in one of the selected HEI's, where the **total/differential admission fees** will be deposited directly at the HEIs in online mode **(Net Banking/ Bank Challan/NEFT/UPI etc.)** | 12-Sep-2025 (10.00 AM) (Friday) to 13-Sep-2025 (05.00 PM) (Saturday) |
| 20 | Admission Updation of the student's data by the HEIs in their e-Space | 10-Sep-2025 (10.00 AM) (Wednesday) to 13-Sep-2025 (11.45 PM) (Saturday) |
| 21 | Commencement of 1st Year Classes for B.Ed., B.H.Ed. & M.Ed. for the AY:2025-26 | 02-Sep-2025 (Tuesday) |

**For More details please contact: e-Admission Helpline (Toll Free) Number 155335/ 1800-345-6770**

OIPR-11001/11/0095/2526 — Sd./- Deputy Director, PTC Section


## ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧।୮ (ପି.ଟି.)

ଉପରାଷ୍ଟ୍ରପତି ପଦବୀ ପାଇଁ ସେପ୍ଟେମ୍ବର ୯ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ଏଥିପାଇଁ ଅଗଷ୍ଟ ୭ରେ ବିଜ୍ଞପ୍ତି ଜାରି ହେବାକୁ ଥିବାବେଳେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିବ। ଆବଶ୍ୟକ ପଡ଼ିଲେ ସେପ୍ଟେମ୍ବର ୯ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ ମଧ୍ୟରେ ସଂସଦ ଭବନର ପ୍ରଥମ ମହଲା ପ୍ରକୋଷ୍ଠ ନମ୍ବର ଏଫ୍-୧୦୧, ବସୁଧାରେ ଅନୁଷ୍ଠିତ ହେବ ଓ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଜଗଦୀପ୍ ଧନ୍‌କର ଜୁଲାଇ ୨୧ରେ ଇସ୍ତଫା ଦେବା ପରେ ଉପରାଷ୍ଟ୍ରପତିପଦ ଖାଲି ପଡ଼ିଛି। ଏହି ନିର୍ବାଚନ ପାଇଁ ଇସି ରାଜ୍ୟ ସଭାର ମହାସଚିବଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିବାବେଳେ ଉଚ୍ଚ ସଦନ ସଚିବାଳୟର ୨ ଜଣ ଅଧିକାରୀଙ୍କୁ ସହକାରୀ ରିଟର୍ନିଂ ଅଫିସର ନିଯୁକ୍ତ କରିଛନ୍ତି। ☞ପୃଷ୍ଠା-୪

## ଅଗଷ୍ଟ ୩୧ରେ ସ୍ପେଶାଲ ଓଟିଇଟି

କଟକ,୧।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଅନୁଷ୍ଠିତ ହେବା ନିମନ୍ତେ ପୁନଃ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ ପାଇଛି। ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷା ୨ଟି ସିଟିଂରେ ଅଗଷ୍ଟ ୩୧ ତାରିଖ (ରବିବାର)ରେ ହେବାକୁ ସ୍ଥିର ହୋଇଛି। ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଅପରାହ୍ନ ସାଢ଼େ ୨ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସିଏସ୍‌ଏସ୍ ସଙ୍କଟ



# ‘ଶକ୍ତିଶ୍ରୀ ସଂଯୋଜିକା’, ‘ଶକ୍ତିଶ୍ରୀ ଅପା’ ଚୟନ ନିର୍ଦ୍ଦେଶ

## ତୁରନ୍ତ ଦାୟିତ୍ୱ ଦେବାକୁ ଉଚ୍ଚଶିକ୍ଷା ବିଭାଗର ଚିଠି

ଭୁବନେଶ୍ୱର,୧।୮ (ସୁଚିସ୍ମିତା ସାହୁ)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରାଜ୍ୟରେ ଛାତ୍ରୀଙ୍କ ସୁରକ୍ଷା ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ‘ଶକ୍ତିଶ୍ରୀ ଯୋଜନା’ରେ ସମସ୍ତ ଶିକ୍ଷାନୁଷ୍ଠାନରେ ‘ଶକ୍ତିଶ୍ରୀ ସଂଯୋଜିକା’ ଏବଂ ଜିଲାସ୍ତରରେ ‘ଶକ୍ତିଶ୍ରୀ ଅପା’ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ପ୍ରିନ୍ସିପାଲଙ୍କୁ ଚିଠି ଲେଖିଛନ୍ତି। ଅଗଷ୍ଟ ୪ ସୁଦ୍ଧା ଜଣେ ଅଧ୍ୟାପିକାଙ୍କୁ ‘ଶକ୍ତିଶ୍ରୀ ସଂଯୋଜିକା’ ଭାବେ ମନୋନୀତ କରି ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତିଶ୍ରୀ ସଂଯୋଜିକା ଛାତ୍ରୀଛାତ୍ରଙ୍କୁ ସମାନ ଭାବେ ଦେଖିବା ସହିତ ଛାତ୍ର କଲ୍ୟାଣ, ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ଦେଇପାରୁଥିବେ। ସେ ଜଣେ ଅଭିଜ୍ଞତା ଓ ଆଗ୍ରହୀ ଛାତ୍ର ଅନୁକୂଳ ମହିଳା ଅଧ୍ୟାପିକା ହୋଇଥିବା ଜରୁରୀ। ଛାତ୍ରୀଙ୍କ ଅଧିକାର ଏବଂ ସଶକ୍ତୀକରଣକୁ ସମର୍ଥନ କରୁଥିବା ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କ୍ୟାଲେଣ୍ଡର ଅନୁସାରେ ଆତ୍ମରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ଆଇନଗତ ସାକ୍ଷରତା, ଜୀବନ କୌଶଳ, ନୈତିକ ମୂଲ୍ୟବୋଧ ଆଦି ଉପରେ ତାଲିମ, କର୍ମଶାଳା କିମ୍ବା ସେମିନାର ମାଧ୍ୟମରେ ସଚେତନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଜିଲାସ୍ତରରେ ନିଯୁକ୍ତ ହେବେ ‘ଶକ୍ତି ଅପା’। ପ୍ରତି ଜିଲାରେ ୫ଜଣ ମହିଳାଙ୍କୁ ନିଯୁକ୍ତ କରାଯିବ। ଜିଲାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ମାର୍ଗଦର୍ଶନ ସହ ପ୍ରୋତ୍ସାହିତ କରିବା ସେମାନଙ୍କ ପ୍ରମୁଖ କାର୍ଯ୍ୟ ରହିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ୫ଜଣ ଶକ୍ତି ଅପାଙ୍କ ମଧ୍ୟରେ ଜଣେ ଲେଖାଏ ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ, ପୋଲିସ ବା ଶସସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ସରକାରୀ ମହିଳା ଅଧିକାରୀ, ଆଇନ୍ କ୍ଷେତ୍ର ସହ ଜଡ଼ିତ ଆଇନ ଏବଂ ସାଇବର ସିକ୍ୟୁରିଟି ଉପରେ ଅଭିଜ୍ଞତା ଥିବା ଶିକ୍ଷିତ ମହିଳା, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ମନସ୍ତତ୍ତ୍ୱବିତ୍ ଏବଂ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୱେଲଫେୟାର୍ କମିଟିର ସଂଯୋଜକ ବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସ୍ଥାନ ପାଇବେ। ସେମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରୀଙ୍କ ସହ ଆଲୋଚନା କରିବେ। ଆସନ୍ତା ୨୦ତାରିଖ ମଧ୍ୟରେ ସେମାନଙ୍କୁ ଚୟନ କରିବା ସହ ସେମାନଙ୍କ ସମସ୍ତ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସହ ଘଟିଚାଲିଥିବା ଅଘଟଣକୁ ଏଡ଼ାଇବା ପାଇଁ ଗତ ଜୁଲାଇ ୧୯ରେ ରାଜ୍ୟ ସରକାର ‘ଶକ୍ତିଶ୍ରୀ ଯୋଜନା’ ଘୋଷଣା କରିଥିଲେ। ରାଜ୍ୟର ୧୬ ବିଶ୍ୱବିଦ୍ୟାଳୟ ଓ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଇଗ୍ନୁ ନାମଲେଖା, ପୁନଃପଞ୍ଜୀକରଣ ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର,୧।୮ (ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୫ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ୧୫ ତାରିଖକୁ ବୃଦ୍ଧି କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ କୌଣସି ବୟସର ବ୍ୟକ୍ତିବିଶେଷ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍(ସ୍ନାତକ), ପୋଷ୍ଟ ଗ୍ରାଜୁଏଟ୍(ସ୍ନାତକୋତ୍ତର), ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମ ଲେଖାଇବାକୁ ଏହି ସଯୋଗ ଦିଆଯାଇଛି। ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ) ପ୍ରୋଗ୍ରାମ ଯଥା କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୁ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ। ଆଗ୍ରହୀ ଛାତ୍ରୀଛାତ୍ର ଇଗ୍ନୁ ୱେବ୍‌ସାଇଟ www.ignou.ac.in ଏବଂ http//ignouadmission.samarth.edu.in ଅନୁସରଣ କରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସେହିପରି ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ୮ରୁ ଧାରଣାରେ ବସିବେ ମା’ ମୋନାଲିସା

## ପିହୁ ନିଖୋଜକୁ ୬ ବର୍ଷ ପୂରିବ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ମୋନାଲିସା ନାୟକ।

ଯାଜପୁର ଟାଉନ,୧।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ଗାଁର ନାବାଳିକା ପିହୁ ନିଖୋଜ ଘଟଣାକୁ ୬ ବର୍ଷ ପୂରିବାକୁ ବସିଲାଣି, ହେଲେ ଏ ପର୍ଯ୍ୟନ୍ତ ତାଙ୍କ ସନ୍ଧାନ ମିଳିପାରିନାହିଁ। ଏହାକୁ ନେଇ ପିହୁଙ୍କ ମା’ ମୋନାଲିସା ନାୟକ ଭାଙ୍ଗିପଡ଼ିଛନ୍ତି। ଝିଅକୁ ପାଇବା ପାଇଁ ଚାରିଆଡ଼େ ଦୌଡ଼ି ନିରାଶ ହେବାପରେ ଏବେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୮ ତାରିଖଠାରୁ ମୋନାଲିସା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶୁକ୍ରବାର ଜିଲା ପ୍ରଶାସନକୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପିହୁ ନ ମିଳିବା ପର୍ଯ୍ୟନ୍ତ ମୋନାଲିସା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ସେ ଦାବିପତ୍ରରେ ଦର୍ଶାଇଛନ୍ତି।

ପିହୁ ନିଖୋଜ ହେବା ଦିନଠାରୁ ମୋନାଲିସା ଜିଲା ପ୍ରଶାସନ, ପୋଲିସ, ରାଜନେତା ଓ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବା ସହ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଏପରିକି ମୋନାଲିସା ବିଧାନସଭା ସମ୍ମୁଖରେ ଧାରଣାଦେବାକୁ ଯାଉଥିବାବେଳେ କ୍ରାଇମବ୍ରାଞ୍ଚ ତାଙ୍କୁ ଅଟକାଇ ନିଜ ଆଡ୍ରୁ ତଦନ୍ତ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ କିଛି ହୋଇ ନ ଥିଲା। ସୂଚନାଯୋଗ୍ୟ, ୨୦୨୦ଅଗଷ୍ଟ ୯ରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ପିହୁ ନିଖୋଜ ହୋଇଯାଇଥିଲେ।

# ଭିଜିଲାନ୍ସରେ ଧରାପଡ଼ିଲେ ବ୍ୟାସନଗର ତହସିଲ କିରାଣି



କିରାଣି ହେମନ୍ତ ପେରେଇଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ନେଉଛନ୍ତି।

ଯାଜପୁରରୋଡ୍,୧।୮ (ପବିତ୍ର ରଞ୍ଜନ ମହାନ୍ତି)

## ଜମି ରେକର୍ଡ ସଂଶୋଧନ ପାଇଁ ୫ ହଜାର ଲାଞ୍ଚ ନେଉଥିଲେ

ଯାଜପୁର ଜିଲା ବ୍ୟାସନଗର ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ହେମନ୍ତ ପେରେଇ ଶୁକ୍ରବାର ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଯାଜପୁର ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି।

କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ଲକ୍ଷ୍ମୀଧର ସାହୁ ତାଙ୍କର ଏକ ଜମିର ରେକର୍ଡ ସଂଶୋଧନ ପାଇଁ ୨୦୦୭ରୁ ବ୍ୟାସନଗର ତହସିଲକୁ ଦୌଡିଦୌଡ଼ି ନୟାନ୍ତ ହୋଇଥିଲେ। ତହସିଲର ବରିଷ୍ଠ କିରାଣି ପେରେଇଙ୍କୁ ତାଙ୍କ କାର୍ଯ୍ୟ କରିଦେବାକୁ ନେହୁରା ହୋଇଥିଲେ। କିରାଣି ତାଙ୍କୁ ୧୦ ହଜାର ଟଙ୍କା ଦେଲେ କାମ ହେବ ବୋଲି କହିଥିଲେ। ଲକ୍ଷ୍ମୀଧର ଜଣେ ଗରିବ ଶ୍ରେଣୀର ହୋଇଥିବରୁ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ୫ ହଜାର ଟଙ୍କା ଦେଲେ କାମ ହୋଇଯିବ ବୋଲି କିରାଣି ପେରେଇ କହିଥିଲେ। ଏନେଇ ଲକ୍ଷ୍ମୀଧର ଯାଜପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ ଲକ୍ଷ୍ମୀଧର କିରାଣି ପେରେଇଙ୍କୁ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ିବସିଥିଲେ। ଭିଜିଲାନ୍ସ ଡିଏସ୍‌ପି ସୁଲୋଚନା ନାୟକ, ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାହୁ, ଏଏସ୍‌ଆଇ ସୁରଜ କୁମାର ସେଠୀ, ସୁଶାନ୍ତ କୁମାର ସାମଲ ଓ ଶ୍ରୀକାନ୍ତ ନାୟକ ଚଢ଼ାଉରେ ସାମିଲ ହୋଇଥିଲେ।







# ଉପରାଷ୍ଟ୍ରପତି ନିର୍ବାଚନ: ଦୋଛକିରେ ବିଜେଡି

## ରାଜ୍ୟ ରାଜନୀତି ସରଗରମ

ଭୁବନେଶ୍ୱର,୧।୮(ରବିନାରାୟଣ ଜେନା)

ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଇସ୍ତଫା ପରେ ଜାତୀୟ ଓ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ଦେଖାଦେଇଛି। ଏକଦା ଧନକରଙ୍କୁ ତାଙ୍କର କାର୍ଯ୍ୟଶୈଳୀ ପାଇଁ ଯେଉଁ ବିରୋଧୀ ଦଳଗୁଡ଼ିକ ବିରୋଧ କରୁଥିଲେ, ଏବେ ଧନକରଙ୍କ ଇସ୍ତଫା ପରେ ତାଙ୍କୁ ସମର୍ଥନ କରି ସରକାରଙ୍କୁ ସଂସଦରେ ସମାଲୋଚନା କରିଥିଲେ। ଇତିମଧ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେପ୍ଟେମ୍ବର ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ସ୍ଥିର ହୋଇଛି। ତେବେ ଜଗଦୀପ ଧନକରଙ୍କ ଇସ୍ତଫାକୁ ନେଇ ଜାତୀୟସ୍ତରରେ ଅନେକ କଳ୍ପନା ଜଳ୍ପନା ଚାଲିଛି। ସେ ତାଙ୍କ ଇସ୍ତଫା ପତ୍ରରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାର କାରଣ ଦର୍ଶାଇଛନ୍ତି।

ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଆଭିମୁଖ୍ୟକୁ ନେଇ ଅନେକ ପ୍ରଶ୍ନବାଣ ଛିଡ଼ା କରିଛନ୍ତି। ଏହାକୁ ଅନୁଧ୍ୟାନ କଲେ ଉପରାଷ୍ଟ୍ରପତି ନିର୍ବାଚନ ସହମତିରେ ହେବା ନେଇ ସନ୍ଦେହ ରହିଛି। ଯଦି 'ଇଣ୍ଡି' ମେଣ୍ଟ ଉପରାଷ୍ଟ୍ରପତି ପାଇଁ ପ୍ରାର୍ଥୀ ଦିଏ ତେବେ ରାଜ୍ୟର ବିରୋଧୀ ଦଳ ବିଜେଡି ଏଥିରେ କିଭଳି ନିଷ୍ପତ୍ତି ନେବ ତାହାକୁ ନେଇ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। 'ଅପରେଶନ ସିନ୍ଦୂର' ବିତର୍କ ବେଳେ ରାଜ୍ୟ ସଭାରେ ସିନ୍ଦୂର ସପକ୍ଷରେ ବିଜେଡି ରହିଥିଲା। ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ସମୟରେ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ପୂର୍ଣ୍ଣ ବହୁମତରେ ସାହାଯ୍ୟ କରିଥିଲା। ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ମଧ୍ୟ ବିଜେଡି ଧନକରଙ୍କୁ ସମର୍ଥନ କରିଥିଲା। ଏପରି କି ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସେତେବେଳେ ଗଣମାଧ୍ୟମ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କିନ୍ତୁ ବର୍ତ୍ତମାନ ସମୟ ବଦଳିଛି। ବିରୋଧୀ ଆସନରେ ବସିଥିବାରୁ ବିଜେଡିର ଆଭିମୁଖ୍ୟ କ'ଣ ରହିବ ତାହାକୁ ନେଇ ବିଜେଡିରେ ଦ୍ୱିଧା ଲାଗି ରହିଛି। ରାଜ୍ୟର ଆଇନଶୃଙ୍ଖଳା ପ୍ରସଙ୍ଗରେ ଭାଜପା ସରକାରକୁ ବିଜେଡି ଘେରୁଥିବା ବେଳେ ଜାତୀୟ ପ୍ରସଙ୍ଗରେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କଲେ ଜାତୀୟ ସ୍ତରରେ ସମାଲୋଚନାର ସାମ୍ନା କରିବାକୁ ପଡ଼ିବ ବୋଲି ରାଜନୈତିକ ମହଲରେ କୁହାଯାଉଛି।

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସ ଉଭୟ ଭାଜପା-ବିଜେଡିକୁ ନେଇ ବହୁ ସମାଲୋଚନା କରିଥିଲା, ଏପରି କି ଏହି ଦୁଇ ଦଳ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିଥିଲା। ନିର୍ବାଚନ ପରେ ଏବେ ରାଜ୍ୟ ରାଜନୀତି ସମୀକରଣ ବଦଳିଛି। ବିଜେଡି-କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ଏକ ହୋଇ ଭାଜପା ସରକାରଙ୍କୁ ଘେରୁଛନ୍ତି। ତେବେ ୱାକଫ୍ ବିଲ୍ ବେଳେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ ନ ଥିଲା, ଯାହାକୁ ନେଇ ଦଳ ଭିତରେ ଏବେ ବି ତୁ ତୁ ମୈଁ ମୈଁ ଲାଗି ରହିଥିବା ନେଇ ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା, ବଲଙ୍ଗାରେ ଛାତ୍ରୀଙ୍କୁ ପୋଡ଼ିବାକୁ ଉଦ୍ୟମ ଭଳି ବହୁ ପ୍ରସଙ୍ଗ ବିରୋଧୀଙ୍କୁ ଏକ ହେବାର ସୁଯୋଗ ସୃଷ୍ଟି କରିଛି; ଯେଉଁଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଭାଜପା ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଆହ୍ୱାନ ଦେଇ ବିଜେଡିର ସମର୍ଥନ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗ ଏବେ ମୌସୁମୀ ଅଧିବେଶନ ପାଇଁ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ସମର୍ଥନ ନ କଲେ କେନ୍ଦ୍ର ସରକାରଙ୍କ ଆକ୍ରୋଶର ଶିକାର ହେବ ବୋଲି ରାଜନୈତିକ ମହଲରେ ବିବେଚନା କରାଯାଉଛି।

ରାଜ୍ୟ ସଭାରେ ନିକଟରେ ଏମ୍‌ପି ସୁଲତା ଦେଓ ଯେଉଁଭଳି ଧନକରଙ୍କ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ବକ୍ତବ୍ୟ ଥିଲା ନା ଦଳୀୟ ଇସାରା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଆଗକୁ ନିର୍ବାଚନ ବେଳେ ବିଜେଡିର ଆଭିମୁଖ୍ୟ କ'ଣ ରହିବ ତାକୁ ନେଇ ଏବେଠାରୁ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି।

ଅଗଷ୍ଟ ୨୧ ପୂର୍ବରୁ ଉପରାଷ୍ଟ୍ରପତି ନିର୍ବାଚନ ନେଇ ଭାରତର ବିରୋଧୀ ଆଞ୍ଚଳିକ ଦଳଗୁଡ଼ିକ କିଭଳି ନିଷ୍ପତ୍ତି ନେବେ ତାହା ଜଣାପଡ଼ିବ।

ଏନେଇ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଉଭୟେ ବିଜେଡି-ଭାଜପା ୧୦ବର୍ଷ ଧରି ସରକାରରେ ଥିଲେ। ସେମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ରହିଛି। ତେବେ ପ୍ରଥମଥର ପାଇଁ ବିଜେଡି ବିରୋଧୀ ଆସନରେ ବସିଛି। ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଭାଜପା ସରକାରଙ୍କୁ ବିରୋଧ କରୁଛନ୍ତି। ଆମେ ଆଶା କରିବୁ, ବିଜେଡି ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ 'ଇଣ୍ଡି' ମେଣ୍ଟକୁ ସମର୍ଥନ କରୁ ବୋଲି ବିଧାୟକ କହିଛନ୍ତି।

ବିଜେଡି ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନ ବେଳେ ଦଳର ଆଭିମୁଖ୍ୟ କ'ଣ ରହିବ ତାହାର ନିଷ୍ପତ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନେବେ। ବିଜେଡି ସବୁବେଳେ ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ଏଥର ମଧ୍ୟ ଠିକ୍ ସମୟରେ ଠିକଣା ନିଷ୍ପତ୍ତି ନେବ।

ଅନ୍ୟପକ୍ଷରେ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଭାଜପା ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ପୂର୍ବରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ବେଳେ ବିଜେଡିକୁ ସମର୍ଥନ ନ ମାଗିଲେ ମଧ୍ୟ ଦେଇଛି। ଆଗକୁ ସମର୍ଥନ ମଧ୍ୟ ଦେବ,ବିଜେଡିର କିଛି ଉପାୟ ନାହିଁ। ସମୟ କହିବ କିଏ କାହାକୁ ସମର୍ଥନ କରୁଛି। ଯେହେତୁ ନିର୍ବାଚନ କଥା, ଦଳ ପକ୍ଷରୁ ନିଶ୍ଚିତ ଭାବେ ସମସ୍ତଙ୍କୁ ସମର୍ଥନ ମଗାଯିବ।

ସେହିପରି ଭାଜପାର ଅନ୍ୟ ଜଣେ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ନିଶ୍ଚିତ ଭାବେ ଆମକୁ ଭୋଟ ଦେବ। ସେମାନେ ଗୋଡାଣିଆ, ସେମାନଙ୍କୁ କୌଣସି ତୋସାମଦ କରିବାକୁ ପଡ଼ିବ ନାହିଁ। ସେମାନେ ବଳେ ଆସି ଆମ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବେ।

# କଳାହାଣ୍ଡିରୁ ଆଉ ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ପ୍ରଘଟ ପ୍ରଶ୍ନପତ୍ର ଅଭିଯୁକ୍ତ ପ୍ରଶାନ୍ତଙ୍କ ହାତଲେଖା
- ଗିରଫଦାରି ସଂଖ୍ୟା ୭କୁ ବୃଦ୍ଧି

କଟକ,୧।୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ଅନ୍ତର୍ଗତ ଭେଜିପଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)। ସେ ବୋର୍ଡ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କଠାରୁ ପ୍ରଶ୍ନପତ୍ର ପାଇବା ସହ ତାକୁ ନିଜ ହାତଲେଖାରେ ନକଲ କରିଥିଲେ। ପୂର୍ବରୁ ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ୬ଜଣଙ୍କୁ ଗିରଫ କରିଥିଲା। ଫଳରେ ଏହି ମାମଲାର ଗିରଫଦାରି ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଖମାରୀଙ୍କ ମୋବାଇଲ ଫୋନ ଜବତ କରିବା ସହ ହାତଲେଖା ନମୁନା ସଂଗ୍ରହ କରିଛି। ଏହାର ପରୀକ୍ଷା ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋ ଏବଂ ସାଇବର ଫୋରେନସିକ ଲ୍ୟାବକୁ ପଠାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।


ଗିରଫ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ

ସୂଚନାନୁସାରେ, ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଏବଂ କୋରାପୁଟ ଜିଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘ ସଭାପତି ସନାତନ ବିଶୋୟୀଙ୍କ ସହ ଖମାରୀ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଖମାରୀଙ୍କ ବିରୋଧରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରଗୁଡ଼ିକୁ ପୂର୍ବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକମାନଙ୍କୁ ବିକ୍ରି କରିବା ଅଭିଯୋଗ ହୋଇଛି। ଆର୍ଥିକ କାରବାର ତଦନ୍ତରୁ ଜଣାପଡ଼ିଛି ଯେ, ସେ ଶିକ୍ଷକମାନଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଫୋନ ପେ' ମାଧ୍ୟମରେ ବିଜୟ କୁମାର ମିଶ୍ରଙ୍କୁ ୯୯,୦୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଖମାରୀଙ୍କୁ କଟକ ଜେଏମ୍‌ଏଫ୍‌ସି-୩ ଅଦାଲତକୁ ଚାଲାଣ କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଆଇଜି ଗଙ୍ଗାଧର ସୂଚନା ଦେଇଛନ୍ତି।

# ୩୦ ଜିଲାରେ ଖୋଲିବ ୩୮ ମଡେଲ ମଣ୍ଡି

ଭୁବନେଶ୍ୱର,୧।୮(ସୁନିତ୍ ମିଶ୍ର)

ରାଜ୍ୟରେ ଆସନ୍ତା ବର୍ଷ ସୁଦ୍ଧା ସମସ୍ତ ଜିଲାରେ ୩୮ଟି ମଡେଲ ମଣ୍ଡି ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଆବଶ୍ୟକତାକୁ ଦେଖି ବଡ଼ ଜିଲାରେ ୨ଟି ଲେଖାଏ ମଣ୍ଡି ହେବ। ମଡେଲ ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ବିଶ୍ରାମାଗାର, ବିଜୁଳି ବ୍ୟବସ୍ଥା, ଦୋକାନ, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଟିଫିନ୍ ସେଣ୍ଟର, ପାର୍କିଂ ଆଦି ବ୍ୟବସ୍ଥା ରହିବ। ମଡେଲ ମଣ୍ଡିର ରୂପରେଖ କେମିତି ରହିବ ସେ ନେଇ ସମବାୟ ମନ୍ତ୍ରୀ ବଳସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମଡେଲ ମଣ୍ଡି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ତଥ୍ୟ ରଖିଛନ୍ତି।

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୧।୮(ସୁନିତ୍ ମିଶ୍ର):** ରତ୍ନଭଣ୍ଡାରର ଗଣତି ମଣତି ଲାଗି ପ୍ରକ୍ରିୟା ଆଗେଇ ଚାଲିଛି। ଗଣତିମଣତି ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାର ୨ ଜଣ ଏକ୍ସପର୍ଟଙ୍କୁ ଦେବା ପାଇଁ ଆର୍‌ବିଆଇକୁ ଲେଖିଥିଲେ। ସେମାନେ ୨ ଜଣ ଏକ୍ସପର୍ଟଙ୍କ ନାଁ ମଧ୍ୟ ଦେଇଛନ୍ତି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। କମିଟିର ଅନୁମତିକ୍ରମେ ରତ୍ନ ସବୁକୁ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସେ ପ୍ରକ୍ରିୟା ସରିବା ପରେ ଆର୍‌ବିଆଇ ଅଧିକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଜଣାଯିବ। ଏହାପରେ ଏକ୍ସପର୍ଟ ଆସି ଉପସ୍ଥିତ ରହି ଗଣତି ମଣତି କରିବେ ବୋଲି ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଉନ୍ନୟନ କମିଶନର ଶରଧାବାଲି ଦଳାଚକଟା ରିପୋର୍ଟ ଦେବା ପ୍ରସଙ୍ଗରେ ଆଇନମନ୍ତ୍ରୀ କହିଛନ୍ତି ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ତର୍ଜମା କରୁଛନ୍ତି। ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ମୁଖ୍ୟମନ୍ତ୍ରୀ ତା'ର ନିଷ୍ପତ୍ତି ନେବେ।

# ତାଡ଼କାସାହି ଜଙ୍ଗଲରେ ବାଘ ପାଦଚିହ୍ନ

ପାତ୍ରପୁର,୧।୮(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ସାମନ୍ତିଆପଲ୍ଲୀ ବନାଞ୍ଚଳ ତାଡ଼କାସାହି ଓ ମାଡୁଆ ଜଙ୍ଗଲ ରାସ୍ତାରେ ଶୁକ୍ରବାର ବାଘ ପାଦଚିହ୍ନ ପଡିଥିବା କେତେଜଣ ଆଦିବାସୀ ଦେଖିଥିବା ପ୍ରକାଶ କରିଛନ୍ତି। ରାସ୍ତାରେ ଶାବକ ସହିତ ବାଘର ପାଦଚିହ୍ନ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏନେଇ ସାମନ୍ତିଆପଲ୍ଲୀ ରେଞ୍ଜର ମନୋଜ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଖବରପାଇ ସ୍ଥାନୀୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇ ସନ୍ଧାନ ଆରମ୍ଭ ହୋଇଛି। ମିଳିଥିବା ପାଦଚିହ୍ନ ଯାଞ୍ଚ କଲା ପରେ ପ୍ରକୃତ ସୂଚନା ଜଣାପଡ଼ିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ତଳେ ମଶାଣିବାଡ ଗ୍ରାମର କୁମର ବେହେରାଙ୍କ ଗୋଟିଏ ଛେଳିକୁ ବାଘ ଟାଣି ନେଉଥିବା ଚରାଳି ଦେଖିଥିଲେ।



# ୫ଦିନ ବଜ୍ରପାତ ଭୟ

ଭୁବନେଶ୍ୱର,୧।୮(ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ଶୁକ୍ରବାର ପୁରୀରେ ସର୍ବାଧିକ ୨୭.୧ ମିମି ଓ ଭବାନୀପାଟଣାରେ ୧୪.୮ ମିମି ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ପବନ ସହ ବଜ୍ରପାତ ସମ୍ଭାବନା ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ରହିଛି।

# ମା'ଙ୍କୁ ପିଠିରେ ୮ କି.ମି. ବୋହି ଡାକ୍ତରଖାନା ନେଲେ ଝିଅ

**ସାପ କାମୁଡ଼ାରେ ଚାଲିଗଲା ଜୀବନ**

**ଗାଁକୁ ରାସ୍ତା ନାହିଁ, ଆସିପାରିଲାନି ଆମ୍ବୁଲାନ୍ସ**

ତୁମୁଡ଼ିବନ୍ଧ/ବାଲିଗୁଡ଼ା,୧।୮(ଦୀପକ କୁମାର ପରାସେଠ/ସଞ୍ଜୟ ପାଣିଗ୍ରାହୀ)

ସାପ କାମୁଡ଼ାରେ ଗୁରୁତର ହୋଇପଡ଼ିଥିବା ମା'ଙ୍କ ଜୀବନ ବଞ୍ଚାଇବାକୁ ତାଙ୍କୁ ପିଠିରେ ୮ କି.ମି. ଜଙ୍ଗଲ ରାସ୍ତାରେ ବୋହି ଆମ୍ବୁଲାନ୍ସ ଯାଏ ନେଇଥିଲେ ଝିଅ। ପରେ ମା'ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଅଞ୍ଚଳରେ ଗୁରୁବାର ଦେଖିବାକୁ ମିଳିଛି ଏହି ଘଟଣା। ମୃତା ହେଲେ ବଲମାଡୁ ମାଝୀ (୪୫)।

ଖବରରୁ ଜଣାପଡିଛି, ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ତର୍ଲଙ୍ଗି ଡୁମେରପଡ଼ା ଅଞ୍ଚଳର ବିଧବା ମହିଳା ବଲମାଡୁ ବୁଧବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁବାର ସକାଳୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୮ କି.ମି ଦୂର ପିକୁସି ଗ୍ରାମ ପର୍ଯ୍ୟନ୍ତ ଆସି ଅଟକି ରହିଥିଲା। ଫଳରେ ଉପାୟଶୂନ୍ୟ ହୋଇ ଝିଅ ରଜନୀ ମାଝୀ ମା' ବଲମାଡୁଙ୍କୁ ପିଠିରେ ୮ କି.ମି. କାଦୁଅ ଓ ଜଙ୍ଗଲ ରାସ୍ତାରେ ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସରେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ବଲମାଡୁଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ନେଇ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅନୁଧ୍ୟାନ ଚାଲିଥିବା ତୁମୁଡିବନ୍ଧ ପୋଲିସ କହିଛି। ମୃତ ମହିଳାଙ୍କ ପୁଅ କହିଛନ୍ତି, ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନି। ଠିକ୍ ସମୟରେ ଡାକ୍ତରଖାନାକୁ ମା'ଙ୍କୁ ଆଣି ନ ପାରିବାରୁ ଏପରି ଘଟିଲା। ପ୍ରଶାସନ ନିକଟରେ ବାରମ୍ବାର ଦାବିକରିବା ସତ୍ତ୍ୱେ ଏଯାଏ ଗାଁକୁ ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ପ୍ରଶାସନ ଗାଁକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଜଙ୍ଗଲ ରାସ୍ତାରେ ମା'ଙ୍କୁ ଆମ୍ବୁଲାନ୍ସ ନିକଟକୁ ପିଠିରେ ବୋହି ନେଉଛନ୍ତି ଝିଅ ରଜନୀ ମାଝୀ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୟୁନିଟ୍-୮ ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## କଟକ
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ଦ୍ୱିତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୫୦ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ତିଳତର୍ପଣ, ସ୍ଥାନ: ମହାନଦୀର ଗଡ଼ଗଡ଼ିଆ ଘାଟ, ସମୟ: ସକାଳ ୮ଟା।
- ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୃଷ୍ଟିବାଧିତ ବିଦ୍ୟାଳୟ, ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ମହୋତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଦିନେତା ସ୍ୱର୍ଗୀୟ ବିଚିତ୍ରାନନ୍ଦ ଦାସଙ୍କ ୧୫୦ତମ ଶ୍ରାଦ୍ଧ ଦିବସ, ସ୍ଥାନ: କାୟସ୍ଥ ବୋର୍ଡିଂ ପରିସର, କାଠଗଡ଼ାସାହି, ସମୟ: ଅପରାହ୍ନ ୫ଟା।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସ୍ୱର୍ଗତ ଅରୁଣ ଦେଙ୍କ ସ୍ମୃତିସଭା, ସ୍ଥାନ: ଝୋଟକଳ ଶ୍ରମିକ ସଂଘ କାର୍ଯ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ହକି ଖେଳାଳି ଚୟନ ଶିବିର, ସ୍ଥାନ: ଜିଲା କ୍ରୀଡ଼ା ଛାତ୍ରାବାସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍ କିସାନ ଦିବସ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଶ୍ରୀବତ୍ସପୁର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅରୁଣ ଦେଙ୍କ ଚତୁର୍ଥ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ସଂଘର ଆନ୍ଦୋଳନ, ସ୍ଥାନ: ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ତମ ଜିଲା ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ବୃକ୍ଷ ରୋପଣ, ସ୍ଥାନ: ବଡ଼ବିଲ କଲେଜ ସମ୍ମୁଖ ଜଙ୍ଗଲ ଜମି, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ, ବନ ମହୋତ୍ସବ, ସ୍ଥାନ: କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ କିଶାନ ପ୍ରଦାନ ଉତ୍ସବ, ସ୍ଥାନ: କେନ୍ଦୁଝର ଯୁଡ଼ିଆ ଫାର୍ମ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ପଟ୍ଟା ଓ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ବଣ୍ଟନ, ସ୍ଥାନ: ଗନ୍ଦଲପଦା, ଗୁଆଲି, ସମୟ: ଅପରାହ୍ନ ୩ ଟା।
- କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଟାଉନ କ୍ଲବ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟର ଶୁଭ ଉଦ୍‌ଘାଟନ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

ସ୍ୱାଧୀନତା ଦିବସ ଅବସରରେ ଓଡ଼ିଆ ଭାଷା ସାହିତ୍ୟ କୁଇଜ ପ୍ରତିଯୋଗିତା, ସ୍ଥାନ:ଏମ୍‌ପିକେ ବାଳିକା ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଆଞ୍ଚଳିକସ୍ତରୀୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।

## ଗଞ୍ଜାମ
- ପିଏମ୍ କିଷାନ ଦିବସ ସମାରୋହ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ ଗୃହ, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ କିଷାନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନେ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ୪ଟା।
- ଆକାଂକ୍ଷା ହାଟ ଉଦଯାପନୀ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଆଠମଲ୍ଲିକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୧୫।
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗ ଶିବିର, ସ୍ଥାନ: କପିଳମୁନି ଆଶ୍ରମ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ପିଏମ୍ କିଶାନ ଦିବସ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସୁରକ୍ଷା ଉପରେ ସଚେତନତା,ସ୍ଥାନ: ଏରଡ଼ା, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ବୁଢ଼ୀ ସାଆନ୍ତାଣୀ ବୋଲବମ ସଂଘ ପକ୍ଷରୁ କାଶି ବିଶ୍ୱନାଥ ପଦଯାତ୍ରା, ସ୍ଥାନ, ଅଠରବାଟିଆ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଜିଲା ଭାଜପା ପକ୍ଷରୁ ରାଜନେତାଙ୍କ ମିଶ୍ରଣ ପର୍ବ, ସ୍ଥାନ: ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଅଖିଳ ଚକ୍ର ପକ୍ଷରୁ ଆଦି ନେତା ବିଚିତ୍ରାନନ୍ଦ ଦାସଙ୍କ ୧୫୦ତମ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଦଶରଥପୁର ବ୍ଲକ କଣ୍ଟାବଣିଆ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍-କିସାନ ଦିବସ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼
- ପିଏମ୍ କିଷାନର ୨୦ତମ କିସ୍ତି ପ୍ରଦାନ ଉତ୍ସବରେ ସିଧା ପ୍ରସାରଣ, ସ୍ଥାନ: ପାଣିପୋଇଲା କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଚାଷୀଙ୍କୁ ବିହନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା କୃଷି ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷୀ ହାଟ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ୧୧ଟା।

## କୋରାପୁଟ
- ଉପର କୋଲାବ ପ୍ରୋଜେକ୍ଟ କାର୍ଯ୍ୟାଳୟରେ ବିଜେଡିର ବିକ୍ଷୋଭ, ସ୍ଥାନ: ବାରିଣିପୁଟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଫିନାଇଲ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ ରୋଡ଼, ମାଲକାନଗିରି, ସମୟ: ମଧ୍ୟାହ୍ନ ୧୨ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦
- ଦେଓଗାଁ ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ପଞ୍ଚାୟତ ମୁଖ୍ୟାଳୟ, ଦେଓଗାଁ ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା

## ରାଉରକେଲା
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ବନ ମହୋତ୍ସବ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ,ସ୍ଥାନ: ସେକ୍ଟର––୧୬, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ସେକ୍ଟର––୬, ସ୍ଥାନ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ଅଗ୍ରସେନ ଭବନ, ଉଦିତ ନଗର, ସମୟ: ଅପରାହ୍ନ ୩ଟା ୩୦।
- ଅଲ୍ ଇଣ୍ଡିଆ ପ୍ୟାରେଣ୍ଟ୍ସ ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧୭, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ, ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି, ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୩ଟା ୧୦।

## କଳାହାଣ୍ଡି
- ଇନ୍ଦ୍ର ପୂଜା ଉପଲକ୍ଷେ ଋଷି ଶୃଙ୍ଗ ଋଷିଙ୍କ ଆଗମନ ଓ ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲ୍‌ସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଦକ୍ଷତା ବିକାଶ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା

## ଦେବଗଡ଼
- ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଦିବସ ପାଳନ, ସ୍ଥାନ: ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ପରିଚୟପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଦିବସ ପାଳନ, ସ୍ଥାନ: ଡିପିଆର୍‌ସି ଭବନ ସିଳଦା ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ପୋଲିସ ପଡିଆ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ସକାଳ ୯ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଙ୍ଗଳ ରାତି, ବୁଧ ପାହାନ୍ତି,**
**ଯେଣେ ଯାଇ ତେଣେ ଯଶଃ ପାଆନ୍ତି ।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ। ଏହି ସମୟ ମଧ୍ୟରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋତେ ଯେତେ ମାଠିବୁ ମାଠ,**
**ମୁଁ ସେଇ ଚେମେଡ଼ା କାଠ ।**

ଅଯୋଗ୍ୟ, ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...



ଲୋକସେବା ଭବନର ତୃତୀୟ ମହଲାରେ ଶୁକ୍ରବାର କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ ଓ ଅନ୍ୟମାନେ।

## ସେପ୍ଟେମ୍ବର ୯ରେ ...

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାର ସଦସ୍ୟ ରହିଛନ୍ତି। ରାଜ୍ୟ ସଭାର ମନୋନୀତ ସଦସ୍ୟମାନେ ମଧ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ। ଅର୍ଥାତ୍ ଏହି ନିର୍ବାଚନରେ ରାଜ୍ୟ ସଭାର ୨୩୩ ନିର୍ବାଚିତ ସଦସ୍ୟ, ୧୨ ମନୋନୀତ ସଦସ୍ୟ ଏବଂ ଲୋକ ସଭାର ୫୪୩ ସଦସ୍ୟ ଭୋଟ ଦେବେ। ବର୍ତ୍ତମାନ ରାଜ୍ୟ ସଭାରେ ୫ଟି ଆସନ ଏବଂ ଲୋକ ସଭାରେ ଗୋଟିଏ ଆସନ ଖାଲି ରହିଥିବାରୁ ଇଲେକ୍ଟୋରାଲ କଲେଜର ମୋଟ ସାମର୍ଥ୍ୟ ୭୮୨ ରହିଛି। ନିର୍ବାଚନ ଜିତିବା ପାଇଁ ୩୯୧ ସଦସ୍ୟଙ୍କ ଆବଶ୍ୟକତା ରହିଛି। ଲୋକ ସଭାର ୫୪୨ ସଦସ୍ୟଙ୍କ ମଧ୍ୟରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୨୯୩ ଜଣଙ୍କ ସମର୍ଥନ ରହିଛି। ସେହିପରି ରାଜ୍ୟ ସଭାରେ ବର୍ତ୍ତମାନର ୨୪୦ ସଦସ୍ୟଙ୍କ ମଧ୍ୟରୁ ୧୨୯ ଜଣ ଶାସକ ମେଣ୍ଟକୁ ସମର୍ଥନ କରୁଛନ୍ତି। ଏହା ବ୍ୟତୀତ ମନୋନୀତ ସଦସ୍ୟମାନେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବେ। ଏନ୍‌ଡିଏ ପଛରେ ମୋଟ ୪୨୨ ସଦସ୍ୟଙ୍କ ସମର୍ଥନ ରହିଛି।

## ଅଗଷ୍ଟ ୩୧ରେ ସ୍ପେଶାଲ ...

ଏଥିନିମନ୍ତେ ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଅଗଷ୍ଟ ୨୨ରୁ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in) ରେ ଉପଲବ୍ଧ ହେବ। ତେବେ ପରୀକ୍ଷାର୍ଥୀମାନଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ପ୍ରଦତ୍ତ ସୂଚନା ଆଧାରରେ ଆଡ୍‌ମିଟ୍ କାର୍ଡ ପ୍ରସ୍ତୁତ କରାଯିବ। କୌଣସି ପରୀକ୍ଷାର୍ଥୀ ମିଥ୍ୟା ତଥ୍ୟ ପ୍ରଦାନ କରିବାର ଜଣାପଡ଼ିଲେ ତାଙ୍କ ପରୀକ୍ଷା ଆବେଦନ ଅଥବା ଫଳାଫଳକୁ ଖାରଜ କରାଯିବ। ଏଥିସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଭିନ୍ନକ୍ଷମ ପରୀକ୍ଷାର୍ଥୀମାନେ ବୋର୍ଡର ଗାଇଡ୍‌ଲାଇନ ଅନୁଯାୟୀ ସୁବିଧା ପାଇବା ନିମନ୍ତେ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକଙ୍କୁ ପରୀକ୍ଷାର ୪ ଦିନ ପୂର୍ବରୁ ଅରିଜିନାଲ କାଗଜପତ୍ର ସହ ଅବଗତ କରାଇବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୨୦ରେ ହେବାକୁ ଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ୧୯ ତାରିଖ ରାତିରେ ପ୍ରଘଟ ହେବା କାରଣରୁ ବୋର୍ଡ ପକ୍ଷରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା।

## ରାଜସ୍ୱ ହାନି ଏଡ଼ାଇବାକୁ ...

ଦାବି ନ କରି କେବଳ ଜରିମାନା ସଂକ୍ରାନ୍ତ ଆଦେଶ ଜାରି ହୋଇଥିଲେ, ତାହା ବିରୋଧରେ ଆପିଲେଟ୍ କର୍ତ୍ତୃପକ୍ଷ କିମ୍ବା ଆପିଲେଟ୍ ଟ୍ରିବ୍ୟୁନାଲରେ ଆବେଦନ କରିବା ପାଇଁ ଜରିମାନା ରାଶିର ୧୦% ଆଗୁଆ ଜମା କରିବାକୁ ପଡ଼ିବ।

## ଖାଦ୍ୟ ପ୍ରକ୍ରିୟାକରଣ ...

(୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପ୍ରସ୍ତାବକୁ ଅନୁମୋଦନ ମିଳିପାରିବ। ସେହିପରି ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦେବ। ଅନୁରୂପ ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିପାରିବ। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଥିବା ପ୍ରକ୍ରିୟାକୁ ସରଳ କରିବ, ଯାହାଫଳରେ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## 'ପୁଷ୍କରା'କୁ ଜାତୀୟ ...

ଦେଖାଯାଇଛି। କାହାଣୀରେ ସବ୍ୟସାଚୀଙ୍କର ନାୟିକା ଭାବେ ସୁପ୍ରିୟାଙ୍କୁ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ରରେ ସୁପ୍ରିୟା ଓ ସବ୍ୟସାଚୀଙ୍କ ପ୍ରଥମଥର ଯୋଡ଼ିକୁ ସିନେମାରେ ଦର୍ଶକ ମଧ୍ୟ ବେଶ୍ ପ୍ରସଂଶା କରିଥିଲେ। ଅନ୍ୟତମ ମୁଖ୍ୟ ଭୂମିକା ନିଭାଇ ଥିବା କାଳାକାରଙ୍କ ଭିତରେ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ତ୍ରିଭୁବନ ପଣ୍ଡା, ଅଲକା ଶତପଥୀ, ରବି ମିଶ୍ର, ଶଙ୍କର ପ୍ରଧାନ ଭଳି କଳାକାର ଅଛନ୍ତି। ଏନେଇ ଅଭିନେତା ସବ୍ୟସାଚୀ କହିଛନ୍ତି, ଜାତୀୟସ୍ତରରେ ପରିଚିତି ପାଇଥିବା ଏକ ଓଡ଼ିଆ ଚଳଚ୍ଚିତ୍ର ସହିତ ଜଡିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି ଅନୁଭବ କରୁଛି। ଏହା ମୋ ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ। ପୁରସ୍କାର ପାଇବା ଖବର ଶୁଣିବା ପରେ ହଠାତ୍ ମୁଁ ବିଶ୍ୱାସ କରିପାରି ନଥିଲି। ଏହି ଚଳଚ୍ଚିତ୍ର ତରଙ୍ଗ ସିନେ ପ୍ରଡକ୍ସନ୍ସର ଏକ ଚମତ୍କାର ପ୍ରୟାସ ଥିଲା। ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ବକ୍ସ-ଅଫିସରେ ଭଲ ପ୍ରଦର୍ଶନ କରୁନଥିବା ସମୟରେ ସେମାନେ ଅତି ସୁନ୍ଦର ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ସେହିପରି ଆଉ ଏକ ଓଡ଼ିଆ ଚଳଚ୍ଚିତ୍ର (ନନ୍ ଫିଚର୍ ବର୍ଗରେ) 'ଦ ସି ଆଣ୍ଡ ସେଭେନ୍ ଭିଲେଜେସ୍' ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଆଡ୍‌ଜଷ୍ଟ କରିନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଆଗମନରେ ପରିବାର ସହ କିଛି ସମୟ ଅତିବାହିତ କରିବାକୁ ପଡିପାରେ। ଆକସ୍ମିକଭାବରେ ସରକାରୀ କାମରେ ହଠାତ୍ ବାହାରକୁ ଯାତ୍ରା କରିବାକୁ ପଡିପାରେ। ଲାଗି ରହିଥିବା ବିବାଦର ସମାଧାନର ରାସ୍ତା ସୁଗମ ହୋଇଯିବ।

**ବୃଷ**
ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ଆନୁଷ୍ଠାନିକ କାମ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବାର ସୂଚନା ରହିଛି।

**ମିଥୁନ**
ଆଜି ଅସୁବିଧାବଶତଃ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିରହିଥିବା ଯୋଗୁ ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାମଲାମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ଏକ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ଅର୍ଥ ଓ ସମ୍ମାନ ଲାଭରେ ଗୌରବାନ୍ୱିତ ମନେ କରିବାର ସୁଯୋଗ ମିଳିବ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ବହୁ ମାତ୍ରାରେ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**ସିଂହ**
ଭୁଲ୍ ବୁଝାମଣାରୁ ପରିବାରରେ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବନ୍ଧୁମିଳନ ଅବସରରେ ଆଜି ଦିନଟି ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା**
ଘଟିଯାଇଥିବା ଘଟଣାଗୁଡ଼ିକ ମନକୁ ବାରମ୍ବାର ଆଲୋଡ଼ନ କରିବା ଫଳରେ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ବ୍ୟବସାୟରେ ମନାନ୍ତର ଦେଖା ଦେବ। ବନ୍ଧୁଙ୍କ ସହାୟତାରେ ଟେନଶନ୍ ଦୂର ହେବ ଓ ତୀର୍ଥାଟନ ଯୋଗ ରହିଛି।

**ତୁଳା**
ବ୍ୟବସାୟରେ କ୍ଷତି, ଯାନବାହନରୁ ଆଘାତ, ଏବଂ ବନ୍ଧୁବର୍ଗରେ ମନାନ୍ତର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ବହୁ କଷ୍ଟରେ ସଫଳତା ହାସଲ ଆଶା କରାଯାଇପାରେ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା**
କର୍ମକ୍ଷେତ୍ରରେ ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହେବ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାମଲାମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତିଲାଭ କରିବେ। କୌଣସି କଥାର ସତ୍ୟତା ନ ଥାଇ ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ**
ନିଜ ଘର ଅପେକ୍ଷା ବାହାର ଲୋକ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଅଟକିଥିବା କାମ ହାସଲ ପାଇଁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହେବେ । ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ମାନିବା ଠିକ୍ ହେବ।

**ମକର**
ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବେ। ବାକି ପଡିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ଅଯଥା ସମ୍ପର୍କକୁ ତିକ୍ତ କରିବାରେ ସାହାଯ୍ୟ କରିବ।

**କୁମ୍ଭ**
ଆଜି ଯାହା ଚିନ୍ତା କରିଛନ୍ତି ତାହା ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ସଭାସମିତି, ଆନୁଷ୍ଠାନିକ କାମ ପ୍ରଭୃତିରେ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ କିନ୍ତୁ ଠିକ୍ ସମୟରେ ଠକି ଦେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ**
ବାରମ୍ବାର ଚେଷ୍ଟା ଦ୍ୱାରା କାର୍ଯ୍ୟ ହାସଲ କରିବା ହେତୁ ମାନସିକ ସ୍ଥିତି ଭଲ ରହିବ। ପଡ଼ୋଶୀଙ୍କ ପରାମର୍ଶରେ ପାରିବାରିକ ସ୍ଥିତିରେ ସୁଧାର ଆଣିବାକୁ ଚେଷ୍ଟାକଲେ ସଫଳ ହେବେ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଅଗଷ୍ଟ ୨ ତାରିଖ, ଶ୍ରାବଣ କୃଷ୍ଣ ନବମୀ ଶନିବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୧୬ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮.୩୯ ଗତେ ଘ.୧୦.୧୬ ମଧ୍ୟେ ରାହୁ କାଳ ।

# ଆଇନ ଅଧ୍ୟୟନରେ କଠିନ ପରିଶ୍ରମ, ଦୃଢ଼ତା ଦରକାର



## ବିର୍ଲା ଆଇନ ସ୍କୁଲରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭୁବନେଶ୍ୱର,୧୮ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଆଇନ ସ୍କୁଲ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟର ବିବିଏ ଏଲ୍ଏଲ୍ବି (ଅନର୍ସ) ଏବଂ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୋଲକାତା ହାଇକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଇନ ଶୃଙ୍ଖଳାରେ ସଫଳତା ପାଇଁ କଠିନ ପରିଶ୍ରମ ଓ ଦୃଢ଼ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବେଙ୍ଗାଲୁରୁର ପୁଭାୟା ଆଣ୍ଡ୍ କୋ'ର ପାର୍ଟନର ଧର୍ମେନ୍ଦ୍ର ଚତୁର ଆଇନ ଅଧ୍ୟୟନରେ ଆନ୍ତରିକତାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ୱିପ୍ରୋ ଲିମିଟେଡ୍ର ଜେନେରାଲ କାଉନ୍ସେଲ ଉପାଧ୍ୟକ୍ଷ ତେଜଲ ପାଟିଲ ଆଇନ ଛାତ୍ରୀଛାତ୍ରଙ୍କ ପାଇଁ ଭବିଷ୍ୟତ କ୍ୟାରିୟର ବିକଳ୍ପ ଭାବରେ ଉନ୍ମୁକ୍ତ ହୋଇଥିବା ବିଭିନ୍ନ ସୁଯୋଗ ବିଷୟରେ ତଥ୍ୟ ରଖିଥିଲେ। ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ଆଇନ ଅଧ୍ୟୟନ କ୍ଷେତ୍ରରେ କଠିନ ପରିଶ୍ରମ ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର ଡ. ବି.କେ. ଦାସ ଛାତ୍ରୀଛାତ୍ରଙ୍କୁ ଆଇନ ବିଷୟ ବାଛିଥିବାରୁ ଅଭିନନ୍ଦନ ଜଣାଇବା ସହ ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଆଇନ ଶିକ୍ଷାର ବର୍ଦ୍ଧିତ ପ୍ରାସଙ୍ଗିକତା ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଫେସର ଡ. କୁଳଭୂଷଣ ବାଲୁନ ଆଇନଗତ ବୃତ୍ତିଗତଙ୍କ ସହ କାମ କରିବାର ନିଜ ଅଭିଜ୍ଞତା ବାଣ୍ଟିଥିଲେ। ବିଜିୟୁର ସହଯୋଗୀ ପ୍ରଫେସର ଡ. ଭାବନା ଶର୍ମା ଛାତ୍ରୀଛାତ୍ରଙ୍କୁ ସମ୍ମାନ ସଂହିତା ପ୍ରଦାନ କରିଥିଲେ। ଏହି ଅବସରରେ 'ସମ୍ବିଧାନ ଆଇନର ଉଦୀୟମାନ ପ୍ରସଙ୍ଗ' ଶୀର୍ଷକ ଏକ ସମ୍ମିଳନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ତାରା ରୋପଣ କରାଯାଇଥିଲା। ଏକାଡେମିକ ଆସୋସିଏଟ ଅସ୍ମା ସିଦ୍ଦିକି ଧନ୍ୟବାଦ ଦେଇଥିଲେ।

# ଉପସ୍ଥିତ ସବୁ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା ହେବ: ଏସ୍ପି

## ଯନ୍ତ୍ରୀଙ୍କୁ ପାଣି ଭାବି ପରିସ୍ରା ପିଆଇବା ଘଟଣା

ପାରଳାଖେମୁଣ୍ଡି/ଆର. ଉଦୟଗିରି,୧୮ (ଗିରିଧାରୀ ପରିଛା/ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସଚିନ ଗୌଡ଼ଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦେବା ଘଟଣାରେ ଅଭିଯୋଗକୁ ଭିତ୍ତିକରି ପୋଲିସ ୮୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଶୁକ୍ରବାର ପୋଲିସ ପିଅନ ଶିବ ନାରାୟଣଙ୍କୁ ଧରିନେଇ ପଚରାଉଚରା ପରେ ଛାଡ଼ି ଦେଇଛି। ତେବେ ଅଭିଯୋଗ ଅନୁସାରେ ତାଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଘଟଣା ଦିନ ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟରେ ସେ ସମୟରେ ଯେଉଁମାନେ ଉପସ୍ଥିତ ଥିଲେ ସମସ୍ତଙ୍କ ପରିସ୍ରା ପରୀକ୍ଷା ହେବ ବୋଲି ଏସ୍ପି ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଏସ୍ପି କହିଛନ୍ତି, ଘଟଣା ପରେ କନିଷ୍ଠ ଯନ୍ତ୍ରୀ ନିଜ ଲାବରେଟୋରିରେ ଏହାକୁ ପରୀକ୍ଷା କରିଥିଲେ। ସେଥିରେ ଆମୋନିଆର ପରିମାଣ ଅଧିକା ଥିବା ଜାଣିବାକୁ ପାଇ ପରେ ଜିଲାସ୍ତରରେ ଥିବା ତାଙ୍କ ବିଭାଗର ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଇଥିଲେ। ରିପୋର୍ଟ ଆସିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନିଆଯାଇଛି। ପାଣି ଦେଇଥିବା ପିଅନ ଶିବଙ୍କ ବିରୋଧରେ ସେପରି କୌଣସି ଦୃଢ଼ ପ୍ରମାଣ ମିଳିନି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ପଣ୍ଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗତ ୨୨ ତାରିଖରେ ଏଠାରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ କନିଷ୍ଠ ଯନ୍ତ୍ରୀ ସଚିନ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ ସେ ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ରିପୋର୍ଟ ଆସିବା ପରେ ଥାନାରେ ଅଭିଯୋଗ କରିଥିଲେ।


HI-TECH MEDICAL COLLEGE & HOSPITAL
Health Park, Pandara, Rasulgarh, Bhubaneswar-751025

ନୋଟିସ୍

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି। ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି। ଅତଏବ, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସଂପୂର୍ଣ୍ଣ ଦାୟୀ ରହିବେ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | NAMITA MALLICK | Staff Nurse | 29.05.2025 | AT-SASANKHAS,PO-CHABISHAPADA SASAN,PS-TIHIDI, DIST-BHADRAK, 756130 |
| 2 | KANIZ FATMA | Staff Nurse | 06.06.2025 | KAZIMOHALLA NIMISAHI,PURUNA BAZAR,PO-BHADRAK, 756100 |
| 3 | IPSITA PAIKARAY | Staff Nurse Trainee | 06.06.2025 | AT-KSHETRAPAL,PO-RAHANBELLI, PURI, 752030 |
| 4 | LIPIKA GHOSH | Staff Nurse Trainee | 06.06.2025 | VILL-SANKOTI,PO-PANCHURI,PS-KOTOWALI, DIST-PASCHIM MEDINIPUR, West Bengal, 721150 |
| 5 | LIPSHA GHOSH | Staff Nurse Trainee | 06.06.2025 | AT-KERUKOCHA,PO-MURAL, DIST- EAST SINGHBHUM, Jharkhand, 832301 |
|  | SANTOSINI PANDA | Staff Nurse Trainee | 06.06.2025 | AT-GANDAPADA,PO-SINGBRAHMAPUR,PS-DELANG |
| 7 | ANANYA SAHOO | Pharmacist | 03.06.2025 | AT: GAMPAS PLASTECH PVT LTD, GANESWARPUR INDUSTRIAL AREA, JANUGANJ, PO: JANUGANJ, DIST : BALASORE, 756019 |
| 8 | RABINA NAIK | ANM | 05.06.2025 | AT-RANGAMATIA,PO-BADJOD,PS-BETNOTI, DIST-MAYURBHANJ, 757029 |
| 9 | NAMITA SETHY | Staff Nurse Trainee | 05.06.2025 | AT/PO-TARADAPADA,PS-JAGATSINGHPUR, DIST-JAGATSINGHPUR, 754103 |
| 10 | JHARANA SETHI | Staff Nurse | 26.09.2023 | AT/PO: SANKUDA, PS: BEGUNIAPADA, DIST : GANJAM, 761035 |
| 11 | MAMATAMAYEE BEHERA | Staff Nurse Trainee | 06.06.2025 | AT-BANAGURIA,PO-KUHUNDA,PS-MAHANGA, DIST-CUTTACK, 754204 |
| 12 | SASMITA DWARI | Staff Nurse | 04.06.2025 | AT: JOGITAPALLI, PO: BALUGAON, PS : KHANDAPADA, DIST : NAYAGARH, 752070 |
| 13 | DIPTIKANTA ROUT | Pharmacist | 06.06.2025 | AT-DHENUKHOIA,PO-NUAGAN,VIA-RUPSA,PS-BASTA, DIST-BALASORE, 756028 |
| 14 | SANJUKTA MALIK | Staff Nurse | 06.06.2025 | T-SANALHUMPAL,PO-MUDUSULI,PS-TIHIDI, DIST-BHADRAK, 756131 |
| 15 | ABHILIPSA BARIK | Staff Nurse | 08.06.2025 | AT/PO-RAMAKRUSHNAPUR,PS-BHADRAK, DIST-BHADRAK, 756113 |
| 16 | KALPANA BARIK | Staff Nurse | 08.06.2025 | AT/PO-RAMA KRUSHNAPUR,PS-BHADRAK, 756113 |
| 17 | KUMUDINI SAHOO | Staff Nurse Trainee | 06.06.2025 | TARINI NAYA, PS: NAYAPALLI, BHUBANESWAR, 751013 |
| 18 | ANDRILA SINGH | Staff Nurse Trainee | 06.06.2025 | AT-MISSION ROAD BY LANE,BHATBANDH,BIKASHPALLY,WARD NO-,PO-PURULIA TOWN,PS-PURULIA, DIST-PURULIA,WEST BENGAL, 723101 |
| 19 | ANUSRI MAITY | Staff Nurse Trainee | 06.06.2025 | VILL-CHOTTONALGERIA,PO-ATBATI,PS-EGRA, DIST-PURBA MEDINIPUR, West Bengal |
| 20 | ROHAN BHANJA | Staff Nurse Trainee | 01.06.2025 | VILL/PO- BAKCHA,PS- MOYNA, DIST- PURBA MEDINIPUR, West Bengal, 721642 |
| 21 | SUSHREE SANGEETA BISWAL | Staff Nurse Trainee | 06.06.2025 | AT/PO-GARHAKARAMALA,PS-GOP, DIST-PURI, 752116 |
| 22 | PRAVASINI SETHI | ANM | 06.06.2025 | AT: JANKIA, PO: GADASHI, PS: KANASH, DIST : PURI, 752017 |
| 23 | KALYANI BHOENA | Staff Nurse | 05.06.2025 | AT/PO: VSS NAGAR, PS: SAHID NAGAR, BHUBANESWAR, 751007 |
| 24 | SUBHASMITA KABAT | Staff Nurse Trainee | 05.06.2025 | AT/PO-MANATRI,PS-BAISINGA, DIST-MAYURBHANJ, 757017 |
| 25 | JHUNITA NAIK | Staff Nurse | 03.06.2025 | AT/PO- DONGASIL, BLOCK- KASHIPUR, RAYAGADA, 765015 |
| 26 | SUCHITRA SUBHADARSHINI NAYAK | Staff Nurse Trainee | 06.06.2025 | AT - MAHUR, PO - KOUDUKHOL, PS - BALICHANDRAPUR, DIST - JAJPUR, 754296 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର


# ଓଡ଼ିଶାରେ ସର୍ବାଧିକ ରକ୍ତଶିକୁଳି ମାମଲା

ନୂଆଦିଲ୍ଲୀ,୧୮

ଦେଶରେ ସର୍ବାଧିକ ସଂଖ୍ୟକ ରକ୍ତ ଶିକୁଳି (ସିକିଲ୍ ସେଲ୍) ରୋଗୀ ଓଡ଼ିଶାରେ ରହିଥିବା ରାଜ୍ୟ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି। ଦେଶରେ ମୋଟ ୨,୧୫,୩୮୦ ରକ୍ତ ଶିକୁଳି ରୋଗୀ ଥିବାବେଳେ କେବଳ ଓଡ଼ିଶାରେ ୯୬,୦୮୦ ମାମଲା ପଞ୍ଜୀକୃତ ହୋଇଛି। ଓଡ଼ିଶା ପଛକୁ ମଧ୍ୟପ୍ରଦେଶରେ ୩୦,୫୮୦, ଗୁଜରାଟରେ ୨୮,୧୫୦, ମହାରାଷ୍ଟ୍ରରେ ୨୩,୨୧୮ ଏବଂ ଛତିଶଗଡ଼ରେ ୨୬,୧୦୪ ମାମଲା ରହିଛି। ଅନ୍ୟ ରାଜ୍ୟ ମଧ୍ୟରେ ରାଜସ୍ଥାନରେ ୨,୭୨୯, ଆନ୍ଧ୍ରପ୍ରଦେଶରେ ୨,୧୫୯ ଏବଂ ଝାଡ଼ଖଣ୍ଡରେ ୨,୧୫୪ ସିକିଲ୍ ସେଲ୍ ରୋଗୀ ଅଛନ୍ତି। ଏହା ବ୍ୟତୀତ କେରଳରେ ୧,୪୬୯, ପଶ୍ଚିମବଙ୍ଗରେ ୮୮୩, କର୍ଣାଟକରେ ୫୭୯, ତାମିଲନାଡୁରେ ୪୮୫ ଏବଂ ତେଲଙ୍ଗାନାରେ ୪୬୮ ମାମଲା ଥିବାବେଳେ ଆସାମ, ଉତ୍ତରପ୍ରଦେଶ, ବିହାର ଏବଂ ଉତ୍ତରାଖଣ୍ଡରେ ଯଥାକ୍ରମେ ୨୮୫, ୩୨, ୮ ଏବଂ ୬ ମାମଲା ରହିଛି। ଏହି ରୋଗର ଚିକିତ୍ସା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇଦେଉଛନ୍ତି। ସିକିଲ୍ ସେଲ୍ ଆନେମିଆର ପରୀକ୍ଷାନିରୀକ୍ଷା, ଔଷଧ କିଣିବା, କାଉନସେଲିଂ, ସଚେତନତା ଶିବିର, ସ୍ୱାସ୍ଥ୍ୟକର୍ମୀଙ୍କ ତାଲିମ ଓ ରକ୍ତ ଟ୍ରାନ୍ସଫ୍ୟୁଜନ ପାଇଁ ଏହି ସହାୟତା ଉଦ୍ଦିଷ୍ଟ।

# ଗତବର୍ଷ ତୁଳନାରେ ୯ ହଜାର ଅଧିକ ଚାଷୀ ପଞ୍ଜୀକୃତ

ଭୁବନେଶ୍ୱର,୧୮ (ସୁନିତ୍ ମିଶ୍ର)

ରାଜ୍ୟରେ ଖରିଫ ଋତୁ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୧୯ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ଚାଷୀମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ପ୍ୟାକ୍ସ, ଲ୍ୟାମ୍ପସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣିପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରୁଛନ୍ତି। ଚଳିତ ବର୍ଷ ଆଜି ସୁଦ୍ଧା ୩ ଲକ୍ଷ ୯୫ ହଜାର ୯୪୯ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଗତବର୍ଷ ଏହି ଦିନ ସୁଦ୍ଧା ୩ ଲକ୍ଷ ୮୭ ହଜାର ୧୦୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଗତବର୍ଷ ତୁଳନାରେ ୫ ଦିନ ବିଳମ୍ବରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ଚାଷୀ ପଞ୍ଜୀକରଣ ହୋଇଥିବାରୁ ଶେଷ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି।

ସମସ୍ତ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗୀକରଣ କରିବା ସହ ଇ-କେୱାଇସି ବାଧ୍ୟତାମୂଳକ ଭାବେ କରାଯାଇଛି। ଯୋଗ୍ୟ ଚାଷୀମାନଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲକରିବା ଏବଂ ନକଲି ଚାଷୀମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଆଧାରଭିତ୍ତିକ ଇ-କେୱାଇସି କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଚାଷୀମାନଙ୍କ ମଧ୍ୟରେ ଧାନ ବିକ୍ରୟ ପାଇଁ ଆଗ୍ରହ ପରିଲକ୍ଷିତ ହେଉଛି। ଏତଦ୍ବ୍ୟତୀତ ଭାଗଚାଷୀ ଏବଂ ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଉପକୃତ ହୋଇପାରିବେ। ସମସ୍ତ ଚାଷୀଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେକର୍ଡଧାରୀ ତଥା ଜମି ମାଲିକଙ୍କ ସହମତିପତ୍ର ମଧ୍ୟ ସଂଲଗ୍ନ କରାଯାଉଛି। ଏହାଦ୍ୱାରା ଧାନ ସଂଗ୍ରହବେଳେ କୌଣସି ସ୍ତରରେ ଯୋଗ୍ୟଚାଷୀ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ ସମିତିଗୁଡ଼ିକରେ ନିୟୋଜିତ କର୍ମଚାରୀ ଓ ଅଧିକାରୀ ସମସ୍ତ ସହଯୋଗ ଯୋଗାଇଦେଉଛନ୍ତି। ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି କିମ୍ବା ଅଣଧାନ ଚାଷ ହୋଇଥିବା ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦେବା ପାଇଁ ସମିତି ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରାଯାଇ ଯୋଗ୍ୟ ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କୌଣସି ସମସ୍ୟା ଥିଲେ ଚାଷୀମାନେ ଦେୟମୁକ୍ତ ନଂ. ୧୯୬୭ରେ ଯୋଗାଯୋଗ କରିପାରିବେ।


ସତ୍ୟମେବ ଜୟତେ
ଭାରତ ସରକାର

ଅନ୍ନଦାତାଙ୍କୁ ସମ୍ମାନ
ଏକ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ

ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ
ଆଜି, ୨୦ତମ କିସ୍ତି ଆକାରରେ ₹୨୦,୫୦୦ କୋଟିରୁ ଅଧିକ ପରିମାଣର ଅର୍ଥରାଶି
ସିଧାସଳଖ ୯ କୋଟି ୭୦ ଲକ୍ଷ ଚାଷୀଙ୍କ ଖାତାକୁ ସ୍ଥାନାନ୍ତର କରାଯିବ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା



୦୨ ଅଗଷ୍ଟ, ୨୦୨୫ | ପୂ.୧୧.୦୦ ଘଟିକା | ବାରାଣସୀ, ଉତ୍ତରପ୍ରଦେଶ

ଏବେ ସୁଦ୍ଧା, ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ
ଚାଷୀମାନଙ୍କୁ ₹୩.୭୦ ଲକ୍ଷ କୋଟିର ସମ୍ମାନ ରାଶି ପ୍ରଦାନ କରାଯାଇସାରିଛି

ବିଶ୍ୱର ଅନ୍ୟତମ ସର୍ବବୃହତ୍ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି) ଯୋଜନା
ଚାଷୀମାନଙ୍କୁ ବାର୍ଷିକ ₹6000ର ସହାୟତା
ପିଏମ୍ କିଷାନ ଯୋଜନାର ୮୫%ରୁ ଅଧିକ ହିତାଧିକାରୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ
ପିଏମ୍-କିଷାନର ପ୍ରତି ଚାରିଜଣ ହିତାଧିକାରୀଙ୍କ ମଧ୍ୟରୁ ଅନ୍ୟୂନ ଜଣେ ମହିଳା ଅଟନ୍ତି

ବିହନରୁ ବଜାର ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମର୍ଥନ

ବିଗତ ୧୧ ବର୍ଷରେ କୃଷି ବଜେଟ ୫ ଗୁଣରୁ ଅଧିକ ବୃଦ୍ଧି ପାଇ ₹୨୨ ହଜାର କୋଟିରୁ ₹୧.୨୭ ଲକ୍ଷ କୋଟିରେ ପହଞ୍ଚିଛି
ବିଗତ ୧୧ ବର୍ଷରେ ଖାଦ୍ୟଶସ୍ୟର ଉତ୍ପାଦନ ୨୪୬ ମିଲିୟନ ଟନ୍ରୁ ୩୫୪ ମିଲିୟନ ଟନ୍କୁ ବୃଦ୍ଧି ପାଇଛି ଓ ଉଦ୍ୟାନକୃଷି ଫସଲ ଉତ୍ପାଦନ ୨୮୦ ମିଲିୟନ ଟନ୍ରୁ ୩୬୨ ଟନ୍କୁ ବୃଦ୍ଧି ପାଇଛି
सॉइल हेल्थ कार्ड
ମାଟିର ଉର୍ବରତା ବୃଦ୍ଧି କରିବା ଏବଂ ସାରର ବିଚାରବନ୍ତ ବ୍ୟବହାର ପାଇଁ ଚାଷୀମାନଙ୍କୁ ୨୫ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବଣ୍ଟନ
ପିଏମ୍ ଫସଲ ବୀମା ଯୋଜନା ଅଧୀନରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଚାଷୀମାନଙ୍କୁ କ୍ଷତିପୂରଣ ଭାବେ ₹୧.୮୩ ଲକ୍ଷ କୋଟି ପୈଠ କରାଯାଇଛି
ବିଗତ ୧୧ ବର୍ଷ ₹୨୩ ଲକ୍ଷରୁ ଅଧିକର ଦେୟ ପୈଠ କରାଯାଇ ଏମ୍ଏସ୍ପିରେ ଗହମ, ଧାନ, କପା, ଡାଲି ଓ ତୈଳବୀଜ କ୍ରୟ
ବିଗତ ୧୧ ବର୍ଷରେ ₹୧୪ ଲକ୍ଷ କୋଟିର ସାର ସବ୍ସିଡି ଏବଂ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସମୟୋଚିତ ଭାବେ ସାର ଯୋଗାଣ
ଇ-ନାମ୍ ପ୍ଲାଟଫର୍ମ ସହ ୧୫୨୨ଟି କୃଷି ମଣ୍ଡିକୁ ସଂଯୋଗ କରାଯାଇଛି; ₹୪.୨୦ ଲକ୍ଷ କୋଟିରୁ ଅଧିକ ସୁବିଧାଜନକ କେଣଦେଣ ସମ୍ପନ
'ପର୍ ଡ୍ରପ୍ ମୋର୍ କ୍ରପ୍' - ଲଘୁ ଜଳସେଚନ କଭରେଜ ୪୨ ଲକ୍ଷ ହେକ୍ଟରରୁ ୧୦୦ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି

ଡିଡି ନ୍ୟୁଜ୍ କିମ୍ବା ଡିଡି କିଷାନ ଚ୍ୟାନେଲରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
न्यूज़ किसान
ଆମକୁ ଅନୁସରଣ କରନ୍ତୁ: @AgriGoI
ଅଧିକ ବିବରଣୀ ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
CBC 01102/13/0002/2526

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସିଏସ୍‌ଏସ୍ ସଙ୍କଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ ସେକ୍ରେଟାରିଏଟ ସର୍ଭିସ(ସିଏସ୍ଏସ୍)ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇନ ପାରେ ; କିନ୍ତୁ ଏହା ନିଶ୍ଚିତ ଯେ, ତାହା ସରକାରଙ୍କର ସବୁ କ୍ଷେତ୍ରକୁ ଏମାନେ ସୁଚାରୁରୂପେ ଚଳାଇବାରେ ସାହାଯ୍ୟ କରିଥାଏ। ଏବେ ଏହା ଅଚଳ ହୋଇଯିବାର ସଙ୍କେତ ମିଳୁଛି। ଅନେକ ବର୍ଷ ଧରି ସିଏସ୍ଏସ୍ କ୍ୟାଡର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି ଏବଂ ଠିକ୍ ସମୟରେ କ୍ୟାଡର ସମୀକ୍ଷା, ତ୍ରୁଟିଶୂନ୍ୟ ପଦୋନ୍ନତି ଏବଂ ଅନ୍ୟ କେନ୍ଦ୍ରୀୟ ସର୍ଭିସ ସହ ସମାନତା ପାଇଁ ଦାବି କରିଆସୁଛି। ତେବେ ୨୦୧୮ରେ ହୋଇଥିବା ୪ର୍ଥ କ୍ୟାଡର ସମୀକ୍ଷା ଅମଲାତନ୍ତ୍ରିକ ମନ୍ଥରତା ଯୋଗୁ ଅଟକି ଗଲା । ଏହାର ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏକ କମିଟି ଗଠନ ହୋଇଥିଲେ ମଧ୍ୟ ଏହା ହୋଇପାରି ନ ଥିଲା। କ୍ୟାଡର ସମୀକ୍ଷା ନିୟମିତ ଭାବେ ପ୍ରତି ୫ ବର୍ଷରେ ହେବାକୁ ଥିବାବେଳେ ଏଥିରେ ୭ ବର୍ଷ ବିଳମ୍ବ ହୋଇଛି। ପଦୋନ୍ନତି ସମ୍ପୂର୍ଣ୍ଣ ଅଟକି ରହିଛି। ପାଞ୍ଚ ବର୍ଷ ପରେ ପଦୋନ୍ନତି ପାଇଁ ଯୋଗ୍ୟ ଅଣ୍ଡର ସେକ୍ରେଟାରିମାନେ ୧୨ ବର୍ଷରୁ ଅଧିକ ସମୟ ଅପେକ୍ଷା କରି ବସିଛନ୍ତି। ୨୦୧୪ ବ୍ୟାଚ୍‌ର ଏଏସ୍‌ଓମାନଙ୍କ ମଧ୍ୟରୁ ଜଣେ ହେଲେ କେହି ପଦୋନ୍ନତି ପାଇନାହାନ୍ତି। ଏହା ଏକ ଉଦାସୀନତା ଭଳି ମନେହେଉଛି। ଆରଟିଆଇ ଉତ୍ତରରୁ ଜଣାପଡ଼ିଛି ଯେ,କେବଳ ୨୪ଟି ବିଭାଗରେ ୨,୫୦୦ରୁ ଅଧିକ ସିଏସ୍ଏସ୍ ପଦବୀ ଖାଲି ରହିଛି , ଯାହା ଶାସନ, ଦକ୍ଷତା ଓ ସାର୍ବଜନୀନ ସେବାକୁ ପ୍ରଭାବିତ କରୁଛି। ଅତ୍ୟନ୍ତ ଦୁଃଖଦାୟକ ଯେ, ଅନ୍ୟ ସେବାଗୁଡ଼ିକର କ୍ୟାଡର ସମୀକ୍ଷା ଏକ ବର୍ଷରୁ କମ୍ ସମୟରେ ପୂର୍ଣ୍ଣ କରାଯାଉଛି। କେବଳ ସିଏସ୍ଏସ୍‌କୁ କାହିଁକି ଅଲଗା କରି ରଖାଯାଇଛି ବୋଲି ସିଏସ୍ଏସ୍ ବାବୁମାନେ ପ୍ରଶ୍ନ ଉଠାଉଛନ୍ତି । କାର୍ମିକ ନୀତି ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ହିଁ ଦାୟୀ। ଏହାକୁ ନିଶ୍ଚିତ କରିବାକୁ ପଡ଼ିବ ଯେ, ସିଏସ୍ଏସ୍ ଅଧିକାରୀଙ୍କୁ ସିଭିଲ୍ ସର୍ଭିସର ଅନ୍ୟ ସଦସ୍ୟଙ୍କ ଭଳି ସମ୍ମାନର ସହ ଗଣାଯିବା ଦରକାର। ତେବେ ସିଏସ୍ଏସ୍ ସୁବିଧା ପାଇଁ କହୁନାହିଁ ; କିନ୍ତୁ ପ୍ରଶାସନିକ କଳ ବନ୍ଦ ହେବା ପୂର୍ବରୁ ସେମାନଙ୍କ କଥା ଶୁଣିବାକୁ ହେବ।

### ଇସ୍ତଫାକୁ ନେଇ ନୀରବତା

ଉପରାଷ୍ଟ୍ରପତି ଜଗଦୀପ ଧନକର ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଇସ୍ତଫା ଦେଇଥିବା କହି ମୂଳ ରହସ୍ୟକୁ ଆଢୁଆଳରେ ରଖାଯାଇପାରେ, କିନ୍ତୁ ଏହାର ପରବର୍ତ୍ତୀ ଘଟଣାକ୍ରମ ବାସ୍ତବରେ ଅତି ଆଶ୍ଚର୍ଯ୍ୟଜନକ। ଧନକରଙ୍କ ଇସ୍ତଫାକୁ ଗଣମାଧ୍ୟମ ଭଲ ଭାବେ ହୃଦୟଙ୍ଗମ କରିବା ପୂର୍ବରୁ ଡେପୁଟେଶନରେ ଥିବା ଅଧିକାରୀଙ୍କ ସମେତ ତାଙ୍କ ସଚିବାଳୟ କର୍ମଚାରୀମାନଙ୍କୁ ତୁରନ୍ତ ସେମାନଙ୍କ ମୂଳ କ୍ୟାଡରକୁ ପଠାଇଦିଆଯାଇଥିବା ଜଣାପଡ଼ିଛି। ଏଭଳି ସ୍ଥାନାନ୍ତର ପାଇଁ ଏହା ଉପଯୁକ୍ତ ସମୟ ନୁହେଁ । ଏହି ସ୍ତରର ଏକ ସାମ୍ବିଧାନିକ ପଦବୀ ପାଇଁ ଏଭଳି ଶୀଘ୍ର ପଦକ୍ଷେପ ନେବା ଅନୁଚିତ । ଯେତେବେଳେ ଏକ ଉଚ୍ଚ ସାମ୍ବିଧାନିକ ପଦାଧିକାରୀଙ୍କୁ କାର୍ଯ୍ୟକାଳ ଅଧାରୁ ଅନ୍ତର କରାଯାଏ, ସେତେବେଳେ ସାଧାରଣତଃ ବ୍ୟବସ୍ଥାଗତ କାର୍ଯ୍ୟ ଅଟକି ଯାଏ, ସ୍ୱଚ୍ଛତା ଜାରି ରଖାଯାଏ ଏବଂ ଏକ ବ୍ୟବସ୍ଥିତ ହସ୍ତାନ୍ତରକୁ ନିଶ୍ଚିତ କରେ। କିନ୍ତୁ ଏହି ଘଟଣାରେ ତାହା ହୋଇନାହିଁ। ବରଂ ଏଥର କେବଳ ଉପରାଷ୍ଟ୍ରପତି ନୁହନ୍ତି, ବରଂ ତାଙ୍କ ଲୋକମାନେ ମଧ୍ୟ ବାହାରିଗଲେ ଏବଂ ତାହା ଖୁବ୍‌ଶୀଘ୍ର କରାଗଲା। ଏହି ପ୍ରକାର ପ୍ରଶାସନିକ କସରତ ଦର୍ଶାଉଛି ଏବଂ ଆଧିକାରିକ ସୂତ୍ରରୁ ଯାହା ଜଣାପଡୁଛି, ଧନକରଙ୍କ ଇସ୍ତଫା ସ୍ୱେଚ୍ଛାକୃତ ନ ଥିଲା। ଏହା ସହ ଶାସକ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରାଯାଉଛି। ଅମଲାତନ୍ତ୍ରର କାଗଜ କଲମ ଓ ତଥ୍ୟରେ ସବୁବେଳେ ବହୁତ କିଛି କହୁଥିବାବେଳେ ଏହି ସମୟରେ ତାହା ପ୍ରତିଶୋଧ ନେବା ମାନସିକତାରେ ଥିବା ଭଳି ମନେହେଉଛି। ବେଳେବେଳେ ଧନକରଙ୍କ ମନ୍ତବ୍ୟ ସରକାରଙ୍କୁ ଅକଳରେ ପକାଉଥିଲା, ସମ୍ଭବତଃ କ୍ଷମତାଧାରୀଙ୍କୁ ଏହି କଥା ପସନ୍ଦ ହୋଇନାହିଁ। କିନ୍ତୁ ତାଙ୍କ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବ୍ୟବହାରରୁ ଜଣାପଡ଼ିଛି ଯେ, ଏହା କେତେ ବ୍ୟକ୍ତିଗତ ହୋଇଗଲାଣି।

### ପୋଡକାଷ୍ଟରେ ବାବୁ

ପୋଡକାଷ୍ଟରେ ଏବେ ବାବୁମାନେ ଦେଖିବାକୁ ମିଳିଲେଣି। ଏଥିରେ ପୋଲିସ ଅଧିକାରୀ ଏବଂ ବାବୁମାନେ ସେମାନଙ୍କ କାହାଣୀକୁ ଶେୟାର କରୁଛନ୍ତି, ଯାହା ଗୋଟିଏ ସମୟରେ କେବଳ କାର୍ଯ୍ୟାଳୟ ପରିସରରେ ସୀମିତ ଥିଲା। ଉତ୍ତରପ୍ରଦେଶ ପୋଲିସର 'ବିୟଣ୍ଡ ଦି ବ୍ଲେଜ୍' ସିରିଜରେ ୧୦୦ କୋଟି ଟଙ୍କା ବୀମା ଜାଲିଆତି ଏବଂ ୟୁପିଏସ୍‌ସି ଟପ୍ପରଙ୍କ ଆକର୍ଷଣୀୟ କାହାଣୀ ନିଜେ ପୋଲିସ ଅଧିକାରୀମାନେ କହୁଛନ୍ତି। ଏଥିରେ ସେମାନେ ୟୁନିଫର୍ମରେ ଫୋରେନ୍‌ସିକର ସମ୍ପୂର୍ଣ୍ଣ ବିବରଣୀ ସହ ଆକାଂକ୍ଷାପୂର୍ଣ୍ଣ ଯାତ୍ରା ସମ୍ପର୍କିତ କାହାଣୀ ବଖାଣୁଛନ୍ତି। ହରିୟାଣାର ଏଚ୍ଏସ୍ଏନ୍‌ସିବି ମୁଖ୍ୟ ନିକଟରେ ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ଔଷଧ ସେବନ କରିବାଠାରୁ ଆରମ୍ଭ କରି ଆନ୍ତଃରାଜ୍ୟ ଚୋରାକାରବାର ନେଟୱର୍କ ପର୍ଯ୍ୟନ୍ତ ମାଦକଦ୍ରବ୍ୟର ଅବୈଧ ବ୍ୟବହାର ଓ ବେପାରକୁ ରୋକିବା ଲାଗି କରାଯାଉଥିବା ଆଇନଗତ ପ୍ରୟାସ ବା ପଦକ୍ଷେପ ସମ୍ପର୍କିତ କାହାଣୀର ଏକ ସିରିଜ ଆରମ୍ଭ କରିଥିଲେ। ପୋଡକାଷ୍ଟର ଭାବେ ବାବୁମାନେ ଅପରାଧର ଅବଗଣନା ଯେତିକି କରୁଛନ୍ତି ତାହାଠାରୁ ଅଧିକ ନିଜ ଭାବମୂର୍ତ୍ତି ଗଢ଼ିବାରେ ଜୋର ଦେଉଥିବା ଦେଖାଯାଉଛି। ଭାରତର ବ୍ୟାପକ ପୋଡକାଷ୍ଟ ସଂସ୍କୃତିରେ ଏବେ ବାବୁ ପୋଡକାଷ୍ଟରମାନେ ଜାଗା ଜମାଇ ସାରିଲେଣି। ବାବୁମାନଙ୍କ ପ୍ରବେଶ ଅତ୍ୟନ୍ତ କୌତୂହଳପ୍ରଦ। ବାବୁମାନେ ପୋଡକାଷ୍ଟିଙ୍ଗ ଆରମ୍ଭ କରି ସେମାନଙ୍କ ବ୍ୟକ୍ତିତ୍ୱକୁ ମାର୍ଜିତ କରିବା କିମ୍ବା ପଦବୀର ପ୍ରଚାର କରୁଥିବାବେଳେ ତାହା ସମସ୍ତଙ୍କୁ ଚକିତ କରିଛି ଏବଂ କିଛି ସନ୍ଦେହ ସୃଷ୍ଟି କରୁଛି। ଯଦି ବାବୁମାନେ ସେମାନଙ୍କ ପ୍ରଶଂସା ଚାହୁଁଛନ୍ତି, ତେବେ ବାସ୍ତବ ପରୀକ୍ଷା କହୁଥିବା କାହାଣୀରେ ନାହିଁ ବରଂ ତାହା ପ୍ରକୃତରେ ସଚ୍ଚୋଟ କାର୍ଯ୍ୟରେ ଅଛି।

Email: dilipcherian@gmail.com

# ଏନ୍ଏମ୍‌ସି, ନାକ୍ ଓ ଏନ୍‌ଟିଏ



ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଜାତୀୟ ମେଡିକାଲ କମିଶନ (ଏନ୍ଏମ୍‌ସି), କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କିଛି ଅଧିକାରୀ ଓ କେତେକ ଘରୋଇ ମେଡିକାଲ କଲେଜ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦୁର୍ନୀତିଜନିତ ଏଫ୍ଆଇଆର୍ ଦାଏର କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଉପରୋକ୍ତ ସଂସ୍ଥାର ଅଧିକାରୀଗଣ ମିଳିତ ଭାବେ ଦୁର୍ନୀତି ଉପାୟ ଅବଲମ୍ବନ କରି କିଛି ଘରୋଇ ମେଡିକାଲ କଲେଜକୁ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୬୧(୨) ଓ ଦୁର୍ନୀତି ନିବାରଣ ଆଇନର ଏକାଧିକ ଧାରାରେ ଏହି ମାମଲା ଦାଏର ହୋଇଛି। ଦେଶର ମେଡିକାଲ କଲେଜ ସ୍ୱୀକୃତି ବା ପୂର୍ବ ସ୍ୱୀକୃତି ନବୀକରଣ ଏନ୍ଏମ୍‌ସି ଅନୁମୋଦନରେ ହୋଇଥାଏ। ଏହାର ନାମ ପୂର୍ବରୁ ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ ବା ଏମ୍‌ସିଆଇ ଥିଲା। ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଏହି ନାମ ପରିବର୍ତ୍ତନ ହୋଇଛି। ଏହା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା। ଦେଶର ମେଡିକାଲ କଲେଜଗୁଡ଼ିକ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଓ ବିଭିନ୍ନ ସର୍ତ୍ତାବଳୀ ପାଳନ କରୁଛନ୍ତି କି ନାହିଁ ତାହା ତଦାରଖ କରି ବାର୍ଷିକ ଭିତ୍ତିରେ କଲେଜର ସ୍ୱୀକୃତି ନବୀକରଣ, ନୂଆ କଲେଜକୁ ସ୍ୱୀକୃତି ପ୍ରଦାନ ଅଥବା ନାମଲେଖା ଆସନ ସଂଖ୍ୟା ହ୍ରାସ ପାଇଁ ଏହି ସଂସ୍ଥା ନିଷ୍ପତ୍ତି ନେଇଥାଏ। ଏଥିପାଇଁ ସଂସ୍ଥା ପକ୍ଷରୁ ନିୟୋଜିତ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ ଦଳ ବିଭିନ୍ନ କଲେଜ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥାନ୍ତି। ବିଶେଷଜ୍ଞ ଦଳ ସଦସ୍ୟଙ୍କ ନାମ, ପଦବୀ ଓ ତଦାରଖ ସମୟ ଏକ ଗୋପନୀୟ ବ୍ୟବସ୍ଥା। କିନ୍ତୁ ଏନ୍ଏମ୍‌ସି ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କେତେକ ଅଧିକାରୀ ଏହି ଗୋପନୀୟ ସୂଚନା ଆଗୁଆ ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥାନ୍ତି। ଫଳରେ କଲେଜ କର୍ତ୍ତୃପକ୍ଷ ବିଭିନ୍ନ ସର୍ତ୍ତାବଳୀ ପୂରଣ ପାଇଁ 'ଭୂତ' ବା ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିଥାନ୍ତି। କାରଣ ଏହି କଲେଜଗୁଡ଼ିକର ଆବଶ୍ୟକ ଭିତ୍ତିଭୂମି ନ ଥାଏ। ଏହି ବ୍ୟବସ୍ଥାରେ ପ୍ରଚୁର ମାତ୍ରାରେ ଲାଞ୍ଚ କାରବାର ହୋଇଥାଏ। ପରିଶେଷରେ କଲେଜ ସ୍ୱୀକୃତି ପାଇଥାଏ ବା ଆସନ ସଂଖ୍ୟା ନବୀକରଣ ହୋଇଥାଏ। ଏହାଦ୍ୱାରା ମେଡିକାଲ କଲେଜ ଶିକ୍ଷା ବ୍ୟବସ୍ଥାରେ ନିମ୍ନ ମାନର ଡାକ୍ତର ସୃଷ୍ଟି ହେବା ନିଶ୍ଚିତ। ଏହି ଘଟଣାରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍‌ସ (ଟିସ୍)ର କୁଳପତିଙ୍କ ବିରୋଧରେ ମାମଲା ଦାଏର ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଏହି ଦୁର୍ନୀତିରେ ପ୍ରାୟ ୧୦୦୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଛି । ସିବିଆଇ ମାମଲା ପରେ ବିଭିନ୍ନ କଲେଜକୁ ସ୍ୱୀକୃତି ପ୍ରଦାନ,



ନବୀକରଣ ବା ଆସନ ସଂଖ୍ୟା ବୃଦ୍ଧି ବା ହ୍ରାସ କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ଏନ୍ଏମ୍‌ସିରେ କେହି ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି।

ଏବେ ଦେଖିବା ନାକ୍ ବିଷୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଧୀନସ୍ଥ ଏହି ସଂସ୍ଥା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ଭିତ୍ତିରେ ଦେଶର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନ କରିଥାନ୍ତି। ସର୍ତ୍ତାବଳୀ ଅନୁପାଳନ ଭିତ୍ତିରେ କାହାକୁ ଉଚ୍ଚ ଗ୍ରେଡ୍ ତ କାହାକୁ ନିମ୍ନ ଗ୍ରେଡ୍ ପ୍ରଦାନ କରାଯାଇଥାଏ। ଏହି ଗ୍ରେଡ୍ ଭିତ୍ତିରେ ମହାବିଦ୍ୟାଳୟ ମାନ୍ୟତା ବୃଦ୍ଧି ବା ହ୍ରାସ ପାଇଥାଏ ଏବଂ ଛାତ୍ରୀଛାତ୍ର ସେହି ଅନୁଯାୟୀ ଶିକ୍ଷାନୁଷ୍ଠାନ ପସନ୍ଦ କରିଥାନ୍ତି। ନାକ୍ ମାନ୍ୟତା ପାଇଁ ମଧ୍ୟ ବିଶେଷଜ୍ଞ କମିଟି ବିଭିନ୍ନ ମହାବିଦ୍ୟାଳୟ ଗସ୍ତ କରିଥାନ୍ତି। ତେବେ ଗତ ଫେବୃୟାରୀ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଥିବା ଏକ ମହାବିଦ୍ୟାଳୟକୁ ଅନୁକମ୍ପା ପ୍ରଦର୍ଶନ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ସିବିଆଇ ଦ୍ୱାରା ୭ ଜଣ ବିଶେଷଜ୍ଞ କମିଟି ସଦସ୍ୟ ଗିରଫ ହେଲେ। ଏମାନଙ୍କ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ପାହ୍ୟାର ସଦସ୍ୟ ମଧ୍ୟ ରହିଛନ୍ତି। ଏହି ଘଟଣା ପରେ ନାକ୍ ଏହାର ୧୨୦୦ ବିଶେଷଜ୍ଞ କମିଟି ସଦସ୍ୟଙ୍କୁ ବିଦା କରିଛି। ନୂଆ ପଦ୍ଧତିରେ ମୂଲ୍ୟାୟନ ପାଇଁ ନିଷ୍ପତ୍ତି ନେଇଛି ।

ଦେଶରେ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ବା ବୃତ୍ତିଗତ ଶିକ୍ଷା ମାନବୃଦ୍ଧି ପାଇଁ ଗଠନ କରାଯାଇଥିବା ଉପରୋକ୍ତ ସଂସ୍ଥାର ବିଶେଷଜ୍ଞ ସଦସ୍ୟ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଲୋଭିତ ହୋଇ ଯେଉଁ ରିପୋର୍ଟ ପ୍ରଦାନ କରୁଛନ୍ତି ତାହା ଦେଶର ଭବିଷ୍ୟତକୁ ତଳିତଳାନ୍ତ କରୁଛି। ମାନ୍ୟତା କମିଟିରେ ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ସାମିଲ ଥାଇ ଓ ଅତୀତରେ ମୋଟା ଅଙ୍କର ସରକାରୀ ଦରମା ନେଇ ବିଶେଷଜ୍ଞ ପଦବୀକୁ ଉନ୍ନୀତ ହୋଇଥିବା ସତ୍ତ୍ୱେ ଲୋଭର ମୋହ ସମ୍ବରଣ କରିପାରୁ ନାହାନ୍ତି। ଏହି ବ୍ୟକ୍ତିବିଶେଷ ଦେଶପ୍ରେମୀ ନା ଦେଶଦ୍ରୋହୀ ଭାବେ ବିବେଚିତ ହେବେ ? ଏହା ପଛରେ ରାଜନୈତିକ ପୃଷ୍ଠପୋଷକତା ରହିଥିବା ମଧ୍ୟ ଅନୁମେୟ।

ଏବେ ଦେଖିବା ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ନାମଲେଖା ଦୁର୍ନୀତି। ଅତୀତରେ ସ୍ନାତକ ମେଡିକାଲ ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା କରୁଥିଲା ସିବିଏସ୍‌ସି । ଭାଜପା ସରକାର ଆସିବା ପରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସୀ (ଏନ୍‌ଟିଏ) ନାମରେ ଏକ ନୂଆ ସଂସ୍ଥା ଗଠନ କରି ଉଭୟ ପରୀକ୍ଷା ଦାୟିତ୍ୱ ଏହି ସଂସ୍ଥା ଉପରେ ନ୍ୟସ୍ତ କଲେ। କୁହାଗଲା ନୂଆ ଢାଞ୍ଚା ତଥା ସ୍ୱଚ୍ଛ ପଦ୍ଧତିରେ ଏହି ସଂସ୍ଥା ପରୀକ୍ଷା ପରିଚାଳନା କରିବ। ଦେଖାଗଲା ଯେ, ୨୦୨୪ ମସିହାରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ହେଲା। ଦେଶବ୍ୟାପୀ ଏନ୍‌ଟିଏ ନିନ୍ଦିତ ହେଲା। ଏହି ଘଟଣାରେ ସିବିଆଇ ୪୦ ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ୨୦୨୪ ଶିକ୍ଷାବର୍ଷରେ ୨୪ ଲକ୍ଷ ବିଦ୍ୟାର୍ଥୀ ନିଟ୍-ୟୁଜି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩.୫ ଲକ୍ଷ ପରୀକ୍ଷାର୍ଥୀ ଅଧିକ ନମ୍ବର ରଖିଥିବା ଜଣାପଡ଼ିଲା। ଫଳରେ ପରୀକ୍ଷା ବାତିଲ କରି ପୁନଃପରୀକ୍ଷା ପାଇଁ ଦାବି ଉଠିଲା। ମାମଲା ଶୀର୍ଷ ଅଦାଲତକୁ ଗଲା। କେତେକ କେନ୍ଦ୍ରରେ ପୁନଃ ପରୀକ୍ଷା କରାଗଲା। ସେହିବର୍ଷ ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ ପ୍ରଘଟ ହେଲା। ଫଳରେ ପରୀକ୍ଷା ବାତିଲ କରାଗଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏନ୍‌ଟିଏ ନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ପଦବୀରୁ ହଟାଇବାକୁ ସରକାର ବାଧ୍ୟ ହେଲେ। ଏନ୍‌ଟିଏ କାର୍ଯ୍ୟଧାରା ଅନୁଧ୍ୟାନ କରି ଆବଶ୍ୟକ ସଂସ୍କାର ସୁପାରିସ କରିବାକୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟି ଗଠନ କରାଗଲା। ଏବେ ଏକ କେନ୍ଦ୍ରୀଭୂତ ଭାରତୀୟ ଉଚ୍ଚ ଶିକ୍ଷା କମିଶନ (ଏଚ୍ଇସିଆଇ) ଗଠନ କରିବାକୁ ଯାଉଛନ୍ତି।

ଦେଖାଯାଉଛି ନାକ୍ ଓ ଏନ୍ଏମ୍‌ସି ବିଶେଷଜ୍ଞ ମନୋନୟନ ରାଜନୈତିକ ଦୃଷ୍ଟିକୋଣରୁ ହେଉଛି। ଏଥିପାଇଁ ଲାଞ୍ଚ କାରବାର ମଧ୍ୟ ହେଉଛି। ଫଳରେ ଏହି ବିଶେଷଜ୍ଞମାନେ ପରବର୍ତ୍ତୀ ସମୟରେ ଦୁର୍ନୀତି ଉପାୟ ଅବଲମ୍ବନ କରି ନିକୃଷ୍ଟ ଶିକ୍ଷାନୁଷ୍ଠାନକୁ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନର ମାନ୍ୟତା ଦେଇ ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଆଇଆଇଟି, ଆଇଆଇଏମ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତାକୁ ଗ୍ରହଣ କରିନାହାନ୍ତି। ଏହାଦ୍ୱାରା କ'ଣ ସଂପୃକ୍ତ ଶିକ୍ଷାନୁଷ୍ଠାନ ମାନରେ ଅବନତି ଘଟିଯାଇଛି ? ଏଣୁ ନାକ୍ ମାନ୍ୟତା ସଂପ୍ରତି ପ୍ରହସନରେ ପରିଣତ ହୋଇଛି। ନାକ୍ ଓ ଏନ୍ଏମ୍‌ସି ସ୍ୱୀକୃତି ଆଳରେ ଯେଉଁ ଦୁର୍ନୀତି ହେଉଛି ତାହାର ନିରାକରଣ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ। ସେହିପରି ସମସ୍ତ ପରୀକ୍ଷାକୁ ଏକକ ପରିଚାଳନା କରିବାକୁ ଯେଉଁ ପଦକ୍ଷେପ ନିଆଯାଇଛି ତାହା ବିଫଳ ହୋଇଥିବା ଏନ୍‌ଟିଏ ଅବ୍ୟବସ୍ଥାରୁ ଜଣାପଡ଼ିଛି। ଯେତେଦିନ ପର୍ଯ୍ୟନ୍ତ ପ୍ରତିଯୋଗିତା ପରୀକ୍ଷା ବିକେନ୍ଦ୍ରୀକୃତ ଥିଲା ସେଥିରେ ଅନିୟମିତତା କମ୍ ରହିଥିଲା। କେନ୍ଦ୍ରୀଭୂତ ବ୍ୟବସ୍ଥାରେ ଅସ୍ୱଚ୍ଛତା ବୃଦ୍ଧି ପାଇଛି। ଏନ୍‌ଟିଏର ଆବଶ୍ୟକ ଭିତ୍ତିଭୂମି ନାହିଁ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସଂସ୍ଥା ଆଉଟସୋର୍ସିଂ କରୁଛି। ସଂପୃକ୍ତ ସଂସ୍ଥାର ମଧ୍ୟ ପ୍ରଯୁକ୍ତି ଭିତ୍ତିଭୂମି ନାହିଁ। ଫଳରେ ଗୋପନୀୟତା ପ୍ରସଙ୍ଗରେ ଏହା ନିୟନ୍ତ୍ରଣ ହରାଉଛି। ଏଣୁ ସମସ୍ତ ପରୀକ୍ଷା ଏନ୍‌ଟିଏ ଦ୍ୱାରା ପରିଚାଳନା କରା ନ ଯାଇ ଏହାର ବିକେନ୍ଦ୍ରୀକରଣ କରାଯିବା ଆବଶ୍ୟକ।

ମୋ: ୯୪୩୭୨୨୯୨୩୩

# ମାଟିର ବଇରୀ ମଣିଷ



ଡ. କମଳାକାନ୍ତ ଜେନା

ପୃଥିବୀରେ ବଞ୍ଚିବା ଲାଗି ମଣିଷ ପାଇଁ ପାଣି ଓ ବାୟୁ ଯେମିତି ଜରୁରୀ, ମାଟି ବି ସେମିତି ଜରୁରୀ। କିନ୍ତୁ ମଣିଷ ହିଁ ମାଟିର ବଇରୀ ଭଳି କାମ କରିଚାଲିଛି। ଯେଉଁ ମାଟି ମଣିଷକୁ ବଞ୍ଚେଇ ରଖିଛି, ଆଜି ମଣିଷର ଅସ୍ୱାସ୍ଥ୍ୟକର ଓ ଅବିବେକୀ ବ୍ୟବହାର ସେହି ମାଟିର କ୍ଷୟ ଓ ପ୍ରଦୂଷଣକୁ ବହୁଗୁଣିତ କରିଚାଲିଛି। ଏକଥା ସତ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମାଟି ଖରାପ ହୁଏ। କିନ୍ତୁ କିଛିଦିନ ଭିତରେ ପ୍ରକୃତି ସେହି ଖରାପ ମାଟିକୁ ଭଲ ମାଟିରେ ବଦଳାଇ ଦିଏ। ହେଲେ ମଣିଷର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ମାଟି ଥରେ ଖରାପ ହେଲା ପରେ ପ୍ରକୃତି ଦ୍ୱାରା ତାହା ସହଜରେ ଭଲ ମାଟିରେ ପରିଣତ ହୋଇପାରେ ନାହିଁ।

ମାଟିକୁ ମାଆର ସମ୍ମାନ ଦିଆଯାଏ। କାହିଁକି ନା, ମଣିଷ ମାଆ କୋଳରେ ସିନା ଜନ୍ମ ନିଏ, କିନ୍ତୁ ଖେଳେ ମାଟି ଉପରେ ଓ ବଡ଼ ହୁଏ ମାଟିର କୋଳରେ। ମାଟି ହେଉଛି ମଣିଷ ଜୀବନର ପୃଷ୍ଠଭୂମି। ସେଥିପାଇଁ ମାଟିର ଯେ କୌଣସି ପ୍ରକାରର ପରିବର୍ତ୍ତନ ମାନବ ଜାତିକୁ ପ୍ରଭାବିତ କରିବ। ମାଟି ପ୍ରଦୂଷିତ ହେଲେ ମାନବ ଜାତିର ଅଗ୍ରଗତି ବାଧାପ୍ରାପ୍ତ ହେବ। ଆମେ ଯେଉଁ ମାଟି ଦେଖୁ, ତାହା ଆଜି କି ଗତକାଲି ତିଆରି ହୋଇନାହିଁ। ଆଙ୍ଗୁଳାଏ ମାଟି ତିଆରି ହେବାପାଇଁ ଶହ ଶହ ବର୍ଷ ଲାଗିଛି। ଦୁଃଖର କଥା, ଆଜି ମାଟି ଅଛି, କିନ୍ତୁ ମଣିଷର ଅବିବେକୀ କାର୍ଯ୍ୟକଳାପ ହେତୁ ତାହାର ମାଟିତ୍ୱ ନାହିଁ। ମାଟିରେ ଅତିମାତ୍ରାରେ ବିଷାକ୍ତ ରାସାୟନିକ ଯୌଗିକ, ଲବଣ, ରୋଗ ସୃଷ୍ଟିକାରୀ ଅଣୁଜୀବ ଓ ତେଜସ୍କ୍ରିୟ ଉପାଦାନମାନ ରହି ତାକୁ ପ୍ରଦୂଷିତ କରିଛି। ମାଟିରେ ଅଧିକ ପରିମାଣରେ କାଗଜ, ଟିଣ, ପାଉଁଶ, ଧାତୁ, ପ୍ଲାଷ୍ଟିକ୍, ଯନ୍ତ୍ରାଂଶ, ସିରାମିକ୍, କାଚ, ପଲିଥିନ୍, ବିଷ୍ଠା, ସିମେଣ୍ଟ, ଇଟା, ସାର, କୀଟନାଶକ, କାଠ ଇତ୍ୟାଦି ପଦାର୍ଥ ରହିବା ଫଳରେ ତାହା ଆଉ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କଳକାରଖାନା, କୃଷିକାର୍ଯ୍ୟ, ଘରୋଇ ଆବର୍ଜନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ମାଟିକୁ ନଷ୍ଟ କରୁଛି। ପ୍ଲାଷ୍ଟିକ୍ ଉପକରଣ ତିଆରି କଳକାରଖାନା ଓ ବୟନ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍ ଖଣ୍ଡ, ପଲିଥିନ୍, ରଙ୍ଗ, ତୁଳାଗୁଣ୍ଡ ଓ ବିଭିନ୍ନ ରାସାୟନିକ ଦ୍ରବ୍ୟ ମାଟିରେ ମିଶି ମାଟିକୁ ଅମାଟି କରିଦେଉଛି। ଅଠା ଓ ରଙ୍ଗ ପ୍ରସ୍ତୁତକାରୀ କାରଖାନାରୁ ବାହାରୁଥିବା ଫେନଲ୍, ଫର୍ମାଲଡିହାଇଡ୍ ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମାଟିକୁ ବ୍ୟବହାର ଅନୁପଯୋଗୀ କରି ଦେଉଛି। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଇସ୍ପାତ କାରଖାନାରୁ ବାହାରୁଥିବା ତରଳ ଓ କଠିନ ବର୍ଜ୍ୟବସ୍ତୁ ମାଟିର ଗୁଣକୁ ନଷ୍ଟ କରୁଛି। ଖାଲି ସହର ମଣିଷ ନୁହେଁ, ଗାଆଁର ମଣିଷ ବି ଚାଷ କାମ ଛାଡ଼ିଲା ପରେ ମାଟିର ମମତାକୁ ପାସୋରି ଦେଇଛି।

ପଚାଶ ବର୍ଷ ତଳେ ଗାଆଁର ମାଟି ଓ ଗାଆଁ ମୁଣ୍ଡରେ କ୍ଷେତ ଠିକ୍ ଥିଲା। ଜମି ଚାଷ ହେଉଥିଲା।



ଜମି ଥିଲା ଜୀବିକା। ତେଣୁ ମଣିଷ ମାଟିକୁ ପୂଜା କରୁଥିଲା। ମାଟିକୁ ପୂଜା କରିବା ଲାଗି ଆମ ସଂସ୍କୃତିରେ ଅନେକ ପର୍ବପର୍ବାଣି ରହିଥିଲା। ଏବେ ସମସ୍ତେ ସହରମୁହାଁ। ଯିଏ ବି ଗାଆଁରେ ରହୁଛି, ସେ ଆଉ ଚାଷ କରୁନି। ସେ କାହିଁକି ମାଟିକୁ ପୂଜା କରିବ ? ସେ କାହିଁକି ମାଟିକୁ ସମ୍ମାନ ଦେବ ? ପଚାଶ ବର୍ଷ ତଳେ ଆମର ଜେଜେ ଜେଜେମା' ନାନା ପ୍ରକାର ଉଦ୍ଭିଦର ଔଷଧୀୟ ଗୁଣ ବିଷୟରେ ଜାଣିଥିଲେ। ସେହି ଉଦ୍ଭିଦର ଚେର, ମୂଳ, ପତ୍ର, ଫୁଲ ଓ ଫଳକୁ ଖାଇ ନୀରୋଗ ରହୁଥିଲେ। କିନ୍ତୁ ଆଜି ସେହି ଗଛଲତା ଆଉ ଦେଖିବାକୁ ମିଳୁନାହିଁ। ମାଟି ଖରାପ ହେଲା ପରେ ସେସବୁ ଗଛଲତା ଲୋପ ପାଇଗଲା। ମୁଁ ଯାହା ଶୁଣିଛି, ଆଗରୁ କାମ କରୁ କରୁ ଗୋଡ଼ହାତ ଖଣ୍ଡିଆ ହେଲେ ଲୋକ କ୍ଷତସ୍ଥାନରେ ମଲମ ବଦଳରେ ମାଟି ଲଗେଇ ଦେଉଥିଲେ। ଆମକୁ କଥାଟା ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ମାଟି ଲଗେଇ ଦେଲେ କ୍ଷତ ଶୁଖିଯାଉଥିଲା। ସେତେବେଳର ମାଟିରେ ବୋଧହୁଏ ଔଷଧୀୟ ଗୁଣ ଥିଲା। ହେଲେ ଆଜି ସେହି ମାଟି ବିଷ ହୋଇଯାଇଛି। ସେହି ବିଷାକ୍ତ ପ୍ରଦୂଷିତ ମାଟିକୁ କ୍ଷତ ସ୍ଥାନରେ ଲଗେଇବାର ପ୍ରଶ୍ନ ଉଠୁନି। ଗତକାଲିର ଶୁଦ୍ଧ ମାଟିକୁ ମଣିଷ ହିଁ ଅଶୁଦ୍ଧ କରିଦେଇଛି। ମାଟିରେ ରାସାୟନିକ ସାର ଓ କୀଟନାଶକର ଉପସ୍ଥିତି ମଣିଷ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି।

ମଣିଷର କାର୍ଯ୍ୟକଳାପ ପାଇଁ ଯେଉଁ ବିଷାକ୍ତ ଉପାଦାନ ମାଟିରେ ମିଶୁଛି, ତାହା ମାଟିରୁ ଗଛଲତା ଭିତରକୁ ପ୍ରବେଶ କରି ଶେଷରେ ମଣିଷ ଶରୀରକୁ ଯାଉଛି। ତେଣୁ ମଣିଷ ବିଭିନ୍ନ ଜଣାଅଜଣା ରୋଗର ଶିକାର ହେଉଛି। ତେଣୁ ମାଟିର ଶୁଦ୍ଧତା ଦିଗରେ ପଦକ୍ଷେପ ନେବା ଜରୁରୀ। ବିଭିନ୍ନ କିସମର ବର୍ଜ୍ୟବସ୍ତୁ ଦ୍ୱାରା ମାଟି ଖରାପ ହୁଏ। ଯେଉଁ ନିର୍ମାଣ କୌଶଳରେ କମ୍ ବର୍ଜ୍ୟବସ୍ତୁ ବାହାରିବ ଓ ମାରାତ୍ମକ ବର୍ଜ୍ୟବସ୍ତୁ ବାହାରିବ ନାହିଁ, ସେହି କୌଶଳକୁ ସ୍ୱାଗତ କରାଯାଉ। ବିପଦ ସୃଷ୍ଟିକାରୀ ଓ ବିଘଟିତ ହେଉ ନ ଥିବା ବର୍ଜ୍ୟବସ୍ତୁକୁ କମ୍ କରିବା ପାଇଁ ଉନ୍ନତ ବ୍ୟବସ୍ଥା ହେଉ। ବ୍ୟବହୃତ ଜିନିଷକୁ ଆଉ ଥରେ କଞ୍ଚାମାଲ୍ ରୂପରେ ବ୍ୟବହାର କରାଯାଇପାରିବ। ଅଦରକାରୀ ବର୍ଜ୍ୟବସ୍ତୁକୁ ଏଣେ ତେଣେ ଖୋଲାରେ ନ ପକେଇ ମାଟି ତଳେ ପୋତି ସେଥିରୁ ଦରକାରୀ କମ୍ପୋଷ୍ଟ ପ୍ରସ୍ତୁତ କରି ହେବ। ଜୀବଜନ୍ତୁ ଓ ମଣିଷଠାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏକତ୍ରିତ କରି ବାୟୋଗ୍ୟାସ୍ ମିଳିପାରିବ। ପାଉଁଶକୁ କୃଷିକ୍ଷେତ୍ରରେ ପ୍ରୟୋଗ କରିବା ଉଚିତ। ତାପଜବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶରେ ଇଟା ତିଆରି କରିହେବ। କମ୍ ବର୍ଜ୍ୟବସ୍ତୁ ବାହାରୁଥିବା କଞ୍ଚାମାଲ୍ କାରଖାନାରେ ବ୍ୟବହାର କରାଯିବ। ମାଟିକୁ ସୁସ୍ଥ ରଖିବା ସକାଶେ କଡ଼ା ଆଇନ ରହିବ। ଏମିତି କିଛି ପଦକ୍ଷେପ ନେଲେ ମାଟିର ଦୁଃଖ କିଛି ମାତ୍ରାରେ ଲାଘବ ହେବ।

**ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ଭଦ୍ରକ**
**ସ୍ୱୟଂଶାସିତ ସରକାରୀ କଲେଜ, ଭଦ୍ରକ**
**ମୋ:୯୪୩୯୫୦୧୬୫୧**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜର ସବୁକିଛି ଦାନ କରି ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାର କରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ସେ ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। ଚାକିରିକାଳର ସମସ୍ତ ରୋଜଗାରରେ ସେ ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି । କେବଳ ଏତିକି ନୁହେଁ ସେମାନଙ୍କୁ ନିଜ ଖର୍ଚ୍ଚରେ ମଧ ବିବାହ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଗରିବ କନ୍ୟାଙ୍କ ବିବାହ କରିସାରିଲେଣି। ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରିଛନ୍ତି। ଏହା ବ୍ୟତୀତ ସହ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୭୬

- ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଦୁର୍ନୀତି ନିରୋଧ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନୂତନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି କରିଥିବାର ଜଣାପଡ଼ିଛି।
- ଢେଙ୍କାନାଳ ଜିଲାର ସଦର ମହକୁମାଠାରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ।
- କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଡଃ ଶଙ୍କର ଦୟାଲ ଶର୍ମା ରାୟପୁରଠାରେ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମାଇକ୍ରୋୱେଭ ଟାୱାର ତିଆରି କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନନ୍ଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ
ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | | 6 | | | | | 5 |
| | 7 | | | 3 | | 1 | | 9 |
| 4 | | | | 2 | | | | |
| | 6 | | | | 1 | | 9 | |
| | | 4 | 2 | | | | 6 | 1 |
| | | | 7 | | | | | 3 |
| 6 | | 9 | 4 | | 8 | | | |
| | | | | 1 | 6 | | | 8 |
| 8 | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 4 | 9 | 6 | 5 | 2 | 8 |
| 5 | 9 | 8 | 3 | 2 | 7 | 1 | 4 | 6 |
| 2 | 6 | 4 | 5 | 8 | 1 | 3 | 7 | 9 |
| 4 | 7 | 1 | 2 | 3 | 9 | 6 | 8 | 5 |
| 8 | 2 | 5 | 1 | 6 | 4 | 7 | 9 | 3 |
| 9 | 3 | 6 | 8 | 7 | 5 | 2 | 1 | 4 |
| 6 | 8 | 2 | 7 | 4 | 3 | 9 | 5 | 1 |
| 1 | 4 | 9 | 6 | 5 | 2 | 8 | 3 | 7 |
| 3 | 5 | 7 | 9 | 1 | 8 | 4 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେଉ

ମହାଶୟ,

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଜଗନ୍ନାଥ ଦେଶ ଭାବେ ଏହାର ଖ୍ୟାତି ରହିଛି। ହେଲେ ରାଜ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ କିରାଣି, ଅମିନ, ପୋଲିସ, ଅଫିସର ଏବଂ ଇଞ୍ଜିନିୟର ପ୍ରତିଦିନ ଭିଜିଲାନ୍ସ, ଇଡି ଓ ସିବିଆଇ ଦ୍ୱାରା ଧରା ହେଉଛନ୍ତି ; ଯେଉଁମାନେ କି କୋଟି କୋଟି ଟଙ୍କାର ମାଲିକ। ଚାକିରି ଜୀବନରେ ସେମାନେ ଯେତିକି ଅର୍ଥ ରୋଜଗାର କରିଥାନ୍ତି ତାହାଠାରୁ ଅନେକ ହଜାର ଗୁଣ ସମ୍ପତ୍ତି କେମିତି ଠୁଳ କଲେ ବୁଝି ହୁଏ ନାହିଁ। ସରକାରଙ୍କ ଗେଜେଟେଡ୍ ପାହ୍ୟା ଏମାନଙ୍କୁ ମିଳିଥାଏ। ଧରାପଡ଼ିବା ପରେ ଏମାନେ ମୁହଁକୁ ଘୋଡ଼ାଇ ଯେମିତି ଯାଉଛନ୍ତି ଆମକୁ ଲଜ୍ଜା ଲାଗୁଛି। କାରଣ ସେମାନଙ୍କୁ ଦେଖି ଆମେ ନମସ୍କାର କରୁଥିଲୁ ତାଙ୍କର ପଦ ପଦବୀ ଲାଗି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାକିରିରୁ ବହିଷ୍କାର କରାଯାଉ ଏବଂ ସମ୍ପତ୍ତି ବାଜ୍ୟାପ୍ତି ହେଉ।

**-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦାବି ପୂରଣ ନ ହେଲେ ପଡ଼ିବ ତାଲା

**ବାରିପଦା,୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିକ୍ଷା ବିଭାଗରେ ବିଭିନ୍ନ ଅନିୟମିତାତକୁ ନେଇ ଅଣ ରାଜନୈତିକ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶିକ୍ଷକ ବଦଳିରେ ଅନିୟମିତତା, ମଧ୍ୟାହ୍ନଭୋଜନ ଚାଉଳରେ ହେରଫେର, ପେନସନ ପ୍ରଦାନରେ ବିଳମ୍ବତା ଓ ଶୁଳିଆପଦା ବିଇଓଙ୍କୁ ସୁରକ୍ଷା ଯୋଗାଇବା ଆଦି ପ୍ରସଙ୍ଗକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସଂଗଠନ ଦାବି କରିଛି। ଏହା ସହିତ ଜିଲା ଶିକ୍ଷାଧିକାରୀଙ୍କୁ ବଦଳି କରାଯିବା ସହ ନୂତନ ଅଧିକାରୀ ନିଯୁକ୍ତି କରିବାକୁ ଦାବି କରିଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରାଯିବ ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଚେତାବନୀ ଦେଇଛନ୍ତି।

ଭଞ୍ଜସେନାର ଅଭିଯୋଗ ଅନୁଯାୟୀ, ଜିଲାରେ ଥିବା ବିଭିନ୍ନ ସ୍କୁଲର ଶିକ୍ଷକମାନଙ୍କୁ ମନମୁଖି ଭାବେ ବଦଳି କରାଯାଇଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଶିକ୍ଷକ ବଦଳି ତଥା ରେସନାଲାଇଜେଶନ ନିୟମରେ ଅନିୟମିତତାକୁ ନେଇ ଜିଲା ଶିକ୍ଷାଧିକାରୀଙ୍କ ବିରୋଧରେ ଜିଲାପାଳ ହେମକାନ୍ତ ସୟ ନୋଟିସ ଜାରି କରିଛନ୍ତି। କାର୍ଯ୍ୟାଳୟରେ ଥିବା କେତେଜଣ କର୍ମଚାରୀ ବ୍ୟବସାୟରେ ମାତିଛନ୍ତି। ପେନସନ ପ୍ରଦାନଠାରୁ ଆରମ୍ଭ କରି ବଦଳି, ଚାଉଳ ହେରଫେର, କାର୍ଯ୍ୟାଳୟରେ ଆସବାବପତ୍ର କିଣାରେ ଅନିୟମିତତା କରି ସରକାରୀ ଅର୍ଥ ହରିଲୁଟ କରୁଛନ୍ତି। ଯାହା ଫଳରେ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଥିବା ବେଳେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବେ ଅର୍ଥ ଆଦାୟକାରୀ କାର୍ଯ୍ୟାଳୟ ଭାବେ ପରିଚୟ ହାସଲ କରିଛି ବୋଲି ଭଞ୍ଜସେନାର ଜିଲା ଅଧ୍ୟକ୍ଷ ଶିବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା ଓ ଜିଲା କାର୍ଯ୍ୟକାରୀ ସଭାପତି ରବିନ ମହାନ୍ତ ପ୍ରମୁଖ କହିଛନ୍ତି।

ସେହିପରି ଜିଲାର ବାଙ୍ଗରିପୋଷି ଅଞ୍ଚଳର ସ୍କୁଲଗୁଡ଼ିକରୁ ଶିକ୍ଷକମାନଙ୍କୁ ଡେପୁଟେଶନରେ ଅଣାଯାଇ ବାରିପଦା ସହର ଆଖାପାଖ ସ୍କୁଲରେ ଥଇଥାନ କରାଯାଇଛି। ଯାହା ଫଳରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡରେ ଥିବା ସ୍କୁଲଗୁଡ଼ିକରେ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ଗୋଟିଏ ଗୋଟିଏ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ରହିଥିବା ଜଣାପଡ଼ିଛି। ଏହି ଶିକ୍ଷକ ପାଠ ପଢ଼ାଇ ନ ପାରି କେବଳ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଦେଇ ଘରକୁ ପଠାଉଛନ୍ତି। ଫଳରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି । ଏଥିପ୍ରତି ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ କଡ଼ା ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ସମ୍ପାଦକ ଜ୍ୟୋତି ରଞ୍ଜନ ପୃଷ୍ଟି, ଏସ୍‌କେ.ରାଜାଖାନ, ଗଣେଶ ମହାନ୍ତି, ସୁଭଦ୍ରା ହେମ୍ବ୍ରମ, ସଞ୍ଜୟ ମାହାର୍ଣ୍ଣାଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କଲା ଭଞ୍ଜସେନା



ଭଞ୍ଜସେନା କର୍ମକର୍ତ୍ତାମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଯୌତୁକ ଦାବିରେ ବଧୂ ନିର୍ଯାତନା

**ମୋରଡ଼ା,୧।୮ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ଜାମବା ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ଅଭଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୨୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଜାମବା ଗ୍ରାମର ସୁଲୋଚନା ନାଏକ ସେହି ଗ୍ରାମର ଏକାଦଶୀ ନାଏକଙ୍କୁ ୧ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛି ମାସ ପରେ ସୁଲୋଚନାଙ୍କ ଦେଢ଼ଶୁର ଏକ ବାଇକ୍ କିଣିବାକୁ ନେଇ ୫୦ ହଜାର ଟଙ୍କା ଦାବି କରିଥିଲେ। ସୁଲୋଚନା ଟଙ୍କା ଦେବାକୁ ମନା କରିବାରୁ ସ୍ୱାମୀ ଏକାଦଶୀ ଏବଂ ଦେଢ଼ଶୁର ତାଙ୍କୁ ନିର୍ଯାତନା ଦେବା ସହିତ ମାରଣାସ୍ତ୍ର ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ବାପାଙ୍କ ସାମ୍ନାରେ ଟଳି ପଡ଼ିଲେ ପୁଅ

**ବୈଶିଙ୍ଗା,୧।୮ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ସହ ବାଇକ୍‌ରେ ଯାଉଥିବା ୪୦ ବର୍ଷୀୟ ପୁଅଙ୍କ ହଠାତ୍ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବେତନଟୀ ନିକଟସ୍ଥ ସଠିଲୋ ଗ୍ରାମର ରାକେଶ କୁମାର ଦାସ ଗଡ଼ଦେଉଳିଆ ସ୍ଥିତ ଏକ କାଗଜ କାର୍ଟୁନ ଫ୍ୟାକ୍ଟ୍ରିରେ କାମ କରନ୍ତି। ସେ ତାଙ୍କ ଘରଠାରୁ ଫ୍ୟାକ୍ଟ୍ରିକୁ ବାଇକ୍ ଯୋଗେ ଦୈନିକ ଯିବାଆସିବା କରିଥାନ୍ତି। ତେବେ ତାଙ୍କ ବାପା ଅମିୟଙ୍କ ସହ ଏକ ବାଇକ୍ ଯୋଗେ ଗୁରୁବାର ଯାଉଥିବା ବେଳେ ଫ୍ୟାକ୍ଟ୍ରିଠାରୁ ଅଳ୍ପ ଦୂରରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ଓହ୍ଲାଇ ଗାଡ଼ିକୁ ଗଡ଼ାଇ ଗଡ଼ାଇ ବାପପୁଅ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନରେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ରାକେଶ ପୂର୍ବରୁ କୌଣସି ରୋଗରେ ପୀଡ଼ିତ ନ ଥିବା ତାଙ୍କ ପରିବାର ଲୋକ କହିଛନ୍ତି।

# ପାଞ୍ଚପୀଢ଼ ପ୍ରଗତି ମଞ୍ଚର ବୈଠକ

## ଜିଲା ଗଠନ ଦାବି

**କରଞ୍ଜିଆ,୧।୮ (କବିତା ମହାନ୍ତ)**

ପାଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକକୁ ନେଇ ପାଞ୍ଚପୀଢ଼ ଜିଲା ଗଠନ ପାଇଁ ଶୁକ୍ରବାର ପାଞ୍ଚପୀଢ଼ ପ୍ରଗତି ମଞ୍ଚ ପକ୍ଷରୁ କରଞ୍ଜିଆ କଚେରି ପରିସରରେ ଆଡଭୋକେଟ ସଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଡଭୋକଜେଟ ଦିବ୍ୟ ପ୍ରସାଦ ସାହୁ ଯୋଗଦେଇ ତୁରନ୍ତ ବ୍ଲକସ୍ତରରେ ପ୍ରତି ପଞ୍ଚାୟତରୁ ସଭ୍ୟମାନଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରି ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ପାଞ୍ଚପୀଢ଼ବାସୀଙ୍କୁ ଆହ୍ୱାନ ଦେଇଥିଲେ। ଉପଖଣ୍ଡର ସମସ୍ତ ଅନୁଷ୍ଠାନଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ଉମାଶଙ୍କର ଦାସ କହିଥିଲେ। ଗୌରୀ ଶଙ୍କର ସିହ୍ନା ମଧ୍ୟ ଜିଲାଗଠନ ଦାବିରେ ସମସ୍ତଙ୍କ ସମର୍ଥନ ଦରକାର ବୋଲି ପ୍ରକାଶ କରିଥିଲେ। ଲୋପୁ ଭାରୁକାଙ୍କୁ ଏହି କମିଟିରେ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। କରଞ୍ଜିଆକୁ ଜିଲା ନ କରିଲେ ଆଗାମୀ ଦିନରେ ପାଞ୍ଚପୀଢ଼ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଦିବ୍ୟ ପ୍ରସାଦ ସାହୁ, ଜଗମୋହନ ମହାନ୍ତ, ଗୌରାଙ୍ଗ ବାରିକ, ଭାରତ ରାମ, ଗୌରୀ ଶଙ୍କର ସିହ୍ନା, ଧରଣୀ ମହାନ୍ତ, ଉମାଶଙ୍କର ଦାସ, କର୍ଣ୍ଣାର୍ଜୁନ ସାହା, ବି. ରାୟ, ଲୋପୁ ଭାରୁକା ଏହି ପ୍ରସଙ୍ଗରେ ମତାମତ ରଖିଥିଲେ।

# ବ୍ଲକ୍‌ସ୍ତରୀୟ ତାଲିମ ଶିବିର

**ଝାରପୋଖରିଆ,୧।୮ (ସୁଧୀର କୁମାର ମହାନ୍ତ)**

ସାରସକଣା ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାରସକଣା ସମଗ୍ର ଶିକ୍ଷା ଆନୁକୁଲ୍ୟରେ ଆୟୋଜିତ ପଞ୍ଚ ଦିବସୀୟ ବ୍ଲକ୍‌ସ୍ତରୀୟ 'ନିଷ୍ଠା' ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସାରସକଣାସ୍ଥିତ ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁମନ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧୀନ ବିଭିନ୍ନ କ୍ଲଷ୍ଟରର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ମୋଟ ୬୦ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ୨୧ ପ୍ରକାରର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ସକ୍ଷମ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଗୋଷ୍ଠୀ ସମ୍ବଳ ଶିକ୍ଷକ ହରମୋହନ ଆରଣ, ଶିକ୍ଷକ ଯାମିନୀକାନ୍ତ ପଣ୍ଡା, ସନାତନ ପରିଡ଼ା, ଦେବବ୍ରତ ବେରା ଓ ମାଧବ ଚନ୍ଦ୍ର ସେନାପତି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସର ଶେଷ ସୋପାନରେ ସମସ୍ତ ଶିବିରାର୍ଥୀମାନଙ୍କୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଆରଣ 'ନିଷ୍ଠା' ସମତା ଓ ଆନ୍ତଃନିବେଶୀ ଶିକ୍ଷା ସମ୍ପର୍କୀୟ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଉମାନ ହେମ୍ବ୍ରମ ଜେଏମ୍‌ଏମ୍ ବ୍ଲକ୍ ସଭାପତି

**ବେତନଟୀ,୧।୮ (ଧରଣୀଧର ମହାନ୍ତି)**

ଆଦିବାସୀ ନେତା ଆଷ୍ଟୁ ହେମ୍ବ୍ରମ (ଉମାନ)ଙ୍କୁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଜେଏମ୍‌ଏମ୍ ସଭାପତି ଭାବେ ନିଯୁକ୍ତି ମିଳିଛି। କିଛି ବର୍ଷ ତଳେ ସେ ଦଳର ନିୟମ ଉଲଂଘନ କରିଥିବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ଜେଏମ୍‌ଏମ୍ ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ବ୍ଲକ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସେ ବେତନଟୀ ବ୍ଲକରେ ଜେଏମ୍‌ଏମ୍ ସଂଗଠନକୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି ମତପ୍ରକାଶ କରିଛନ୍ତି। ଏନେଇ ସେ ଦଳର ରାଜ୍ୟ ସଭାପତି ଅଞ୍ଜଳି ସୋରେନ, ରାଷ୍ଟ୍ରୀୟ ଅଧ୍ୟକ୍ଷ, ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ସମସ୍ତ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦଳ ପକ୍ଷରୁ ରବୀନ୍ଦ୍ର ନାଥ ମାରାଣ୍ଡି, ମୁସୁ ମୁର୍ମୁ, ଦୁର୍ଗା ମୁର୍ମୁ, ପିଠା ମୁର୍ମୁ, ସଗୁନ ମୁର୍ମୁ, ସମ୍ରାୟ ଟୁଡ୍ଡୁ, ସଞ୍ଜୟ କିସ୍କୁ, ଦାସ ମାରାଣ୍ଡି, ଓ ସାହାର ମାରାଣ୍ଡିଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।


**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER**
Dt.: 02.08.2025
**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/ 2025-26/ 2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/ 2025-26/ 2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.29.07.2025
**No.C-779** : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
Name and Address of the officer inviting bid : The Superintending Engineer, P.H. Division, Balasore - 756056, Odisha, **Phone : 9438660004**
**OIPR-13053/11/0027/2526** **Sd./- Superintending Engineer, P.H.Division, Balasore**

**महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।**
सूचना पट्ट निविदा आमंत्रण सूचना सं0– 11/2025–26
**Poly Carbonate Lathi – 450 Nos.** की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदाएं आमंत्रित की जाती है :–
नियम एवं शर्तें :–
1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. **Poly Carbonate Lathi** का **Specifications** परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरुप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. **Poly Carbonate Lathi** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन), झारखण्ड, राँची।
PR 358730 Police(25-26)D

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.
CONTACT:
hr.hyd@keystoneinfra.com, 9393645644 | 7901031633

See Career Appointment on every Wednesday & Saturday

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- **At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789**

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts.<br>▸ Experience should include cash register maintenance, day to day accounting, MIS, Verification of Bills and Tally entry.<br>▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत | In assessment, India trusts us
वेबसाईट देखने हेतु स्कैन करें Scan to visit Website

**ସିଆର୍‌ପି ସିଏସ୍‌ଏ – XV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

Azadi Ka Amrit Mahotsav | G20
**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA
**RECRUITMENT NOTICE**
Applications are invited from the eligible candidates for the following posts:
**Adv. No.: AD6B10/07/2025 Dated: 31.07.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

**Adv. No.: AD6B19/08/2025 Dated: 31.07.2025**
**(Consultant Posts for SVNIRTAR, Cuttack & CRCSRE- Shillong)**

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.**
Sd/-
Director

## ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଚାନ୍ଦବାଲି,୧।୮(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକର ନାଲଗୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକ ପ୍ରଭାତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭାରତୀ ବିଶ୍ୱାଳ, ମୁଖ୍ୟବକ୍ତା ଓଷ୍ଟାର ଭଦ୍ରକ ଜିଲା କାର୍ଯ୍ୟକାରୀ ସଭାପତି ଅନୀଲ ମିଶ୍ର, ଅନ୍ୟତମ ଅତିଥି ଭାବେ ପଞ୍ଚଶଖା ଶିକ୍ଷା ସେତୁର ସଭାପତି ଦୈତାରୀ ଦାସ, ଓଷ୍ଟାର ବ୍ଲକ ସଭାପତି ରଞ୍ଜନ ମୁଦୁଲି ଓ ବ୍ଲକ ସମ୍ପାଦକ ପ୍ରଭାକର ପରିଡ଼ା ଯୋଗ ଦେଇଥିଲେ। ଅବସର ନେଇଥିବା ପୂର୍ବତନ ପ୍ରଧାନଶିକ୍ଷକ ରଙ୍ଗଲାଲ ମଣ୍ଡଳ, ସହକାରୀ ଶିକ୍ଷକ ରମାକାନ୍ତ ସାହୁ, ପ୍ରଭାତ ବେହେରା, ଧନେଶ୍ୱର ରାଉତ, ବୃନ୍ଦାବନ ନାୟକ, ବିଷ୍ଣୁମୋହନ ଦାସ ଓ ରମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ନାରାୟଣ କବି, ରାକେଶ ମାଝୀ, ବସନ୍ତ ଜେନା, ଦୀପୁ ମାଝୀ, ରାନୁସ୍ମିତା ସେଠୀ, ଶୁଭଲକ୍ଷ୍ମୀ ନାୟକ, ଭଗବାନ ପାଣି, ସୁରେଶ ରାଉତ, ବୁଧିରାମ ମହାକୁଡ଼, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଦୂରତାକୁ ନେଇ ହିତାଧିକାରୀଙ୍କ ପ୍ରତିବାଦ

- ନୂଆ ଏସ୍‌ଏଚ୍‌ଜିକୁ ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱ
- ବ୍ଲକ ଅଫିସ୍ ଘେରିଲେ, ଜିଲାପାଳଙ୍କୁ ଦାବିପତ୍ର ଦେଲେ

ଭଦ୍ରକ/ଧାମନଗର,୧।୮ (ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)


ଧାମନଗର ବ୍ଲକ କାର୍ଯ୍ୟାଳୟ ଆଗରେ ହିତାଧିକାରୀମାନେ ପ୍ରତିବାଦ କରୁଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ସାମଗ୍ରୀ ବଣ୍ଟନରେ ନୂଆ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ) ନିଯୁକ୍ତି ଏବଂ ଅଧିକ ଦୂରତାକୁ ନେଇ ଶତାଧିକ ହିତାଧିକାରୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଧାମନଗର ବ୍ଲକ ଅଫିସ୍ ଘେରାଉ କରିବା ସହ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ବିଡିଓ ବନବିହାରୀ ଦିଣ୍ଡା ଓ ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କୁ ଘେରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ଧାମନଗର ବ୍ଲକ ପାଳସାହି ଓ ରଇପୁର ପଞ୍ଚାୟତର ଶତାଧିକ ହିତାଧିକାରୀ ବେତାଳିଗାଁ ବଜାର ନିକଟସ୍ଥ ଓମ୍ ଶାନ୍ତି ଏସ୍‌ଏଚ୍‌ଜିଠାରୁ ଦୀର୍ଘବର୍ଷ ଧରି ରାଶନ ସାମଗ୍ରୀ ନେଉଥିଲେ। କିନ୍ତୁ ବ୍ଲକ ପ୍ରଶାସନ ଓ ଯୋଗାଣ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ଏବଂ ସ୍ଥାନୀୟ ହିତାଧିକାରୀମାନଙ୍କ ବିନା ପରାମର୍ଶରେ ଅନ୍ୟ ଏକ ନୂଆ ମହିଳା ଗୋଷ୍ଠୀକୁ ରାଶନ ସାମଗ୍ରୀ ବଣ୍ଟନ କରିବାକୁ ଅନୁମତି ଦେଇଛନ୍ତି। ପୂର୍ବ ସ୍ଥାନଠାରୁ ଏହା ପ୍ରାୟ ୩ କି.ମି.ରୁ ଊର୍ଦ୍ଧ୍ୱ ଦୂର ହେବ। ରାଶନ ସାମଗ୍ରୀ ଆଣିବାକୁ ଯାଉଥିବା ବୃଦ୍ଧାବୃଦ୍ଧ, ମହିଳା ଓ ଛୋଟ ପିଲାମାନେ ଏତେ ଦୂରରୁ ରାଶନ ସାମଗ୍ରୀ ଆଣିବା ପାଇଁ ସମସ୍ୟା ହେବ। ନୂତନ ଏସ୍‌ଏଚ୍‌ଜିକୁ ରଦ୍ଦ କରି ପୂର୍ବ ଗୋଷ୍ଠୀକୁ ରାଶନ ବଣ୍ଟନ ଦାୟିତ୍ୱ ପୂର୍ବପରି ବଜାୟ ରଖିବାକୁ ସେମାନେ ଦାବି କରିଛନ୍ତି। ପ୍ରଥମେ ଶତାଧିକ ମହିଳା ଯୋଗାଣ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ପରେ ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ଯାଇଥିଲେ। ବିନା ପରାମର୍ଶରେ ପୂର୍ବରୁ ସୂଚନା ନ ଦେଇ ଏତେସଂଖ୍ୟାରେ ଅଫିସ ଭିତରକୁ ପଶି ଆସିବାକୁ ବାରଣ କରିବାରୁ ବିଡିଓଙ୍କ ସହ ହିତାଧିକାରୀଙ୍କର କିଛି ସମୟ ଯୁକ୍ତିତର୍କ ହୋଇଥିଲା। ବିଡିଓ ଭଦ୍ରକ ଉପଜିଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ପରେ ଅନୀଲ କୁମାର ଦାସ, ଗଜେନ୍ଦ୍ର ମହାନ୍ତି, ଲକ୍ଷ୍ମଣ ନାୟକ, ଗୋଲକ ସାହୁ, ସରୋଜ ଜେନା, ଭାରତୀ ସାହୁ, ଭାନୁମତି ଦାସ, ସୁଲୋଚନା ଦାସ, ନୀଳିମା ସାହୁ, ଶାନ୍ତିଲତା ସାହୁଙ୍କ ସମେତ ହିତାଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବି ଜଣାଇଛନ୍ତି। ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆରଡ଼ି-ଭଦ୍ରକ ରାସ୍ତାରେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ଚାଇଁପୁର ସମିତିର ଭାରପ୍ରାପ୍ତ ସମ୍ପାଦକ

ବନ୍ତ,୧।୮(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଭାବେ ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ସମିତିର ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା ଗୁରୁବାର ଦାୟିତ୍ୱଗ୍ରହଣ କରିଛନ୍ତି। ଗୁରୁବାର ଡିଆର୍‌ସିଏସ୍‌ଙ୍କ ଚିଠି ନଂ-୯୬୫ ଅନୁଯାୟୀ ସୌମ୍ୟରଞ୍ଜନ ନେରଡ଼ା ସମିତିର ଦାୟିତ୍ୱ ତୁଲାଇବା ସହ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଚାଇଁପୁର ସମିତିର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ନିର୍ବାହ କରିବେ ବୋଲି ନିର୍ଦ୍ଦେଶ ହୋଇଛି। ପ୍ରକାଶଥାଉ କି, ଚାଇଁପୁର ସମିତିର ସମ୍ପାଦକଙ୍କ ନିଲମ୍ବନ ପରେ ୩ ମାସରୁ ଊର୍ଦ୍ଧ୍ୱ ଦିନ ଧରି ସମିତିରେ ତାଲା ଝୁଲୁଥିଲା। ଫଳରେ କୌଣସି କାର୍ଯ୍ୟ ହୋଇପାରୁ ନ ଥିଲା। ଏନେଇ ସମିତିର ସଭାପତି ଓ ପରିଚାଳନା ପରଷଦ ପକ୍ଷରୁ ବିଭାଗୀୟ ମନ୍ତ୍ରୀ, ଉଚ୍ଚ ଅଧିକାରୀଙ୍କଠାରେ ଅଭିଯୋଗ ହୋଇଥିଲା। ଫଳରେ ମେ ୨୩ରେ ବିବିସିସି ବ୍ୟାଙ୍କ ବନ୍ତ ଶାଖାର ସହକାରୀ କର୍ମଚାରୀ, ଜୁନ୍ ୯ରେ ପଧାନପଡ଼ା ସମିତିର ସମ୍ପାଦକ ଓ ଜୁଲାଇ ୯ରେ ପୁଣି ବିବିସିସି ବ୍ୟାଙ୍କ ବନ୍ତ ଶାଖାର ସହକାରୀ କର୍ମଚାରୀଙ୍କୁ ଏହି ସମିତିର ସମ୍ପାଦକ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ସେତେବେଳେ କୌଣସି କାରଣରୁ କେହି ଦାୟିତ୍ୱ ନେଇ ନ ଥିଲେ। ଜୁଲାଇ ୧୯ରୁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ସମସ୍ୟା ଦେଖାଯାଇଥିଲା। ଏଣୁ ଗତ ୨୪ ତାରିଖରେ ପ୍ରଶାସନ ପକ୍ଷରୁ ସମିତିର ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡପତ୍ର ଓ ଉପକରଣ ଜବତ କରାଯାଇ ସମିତିର ଲେଜର କ୍ଲର୍କଙ୍କୁ ଜିମା ଦିଆଯାଇଥିଲା। ଏଥିସହ ଡିଆର୍‌ସିଏସ୍‌ଙ୍କ ଆଦେଶ ସଂଖ୍ୟା-୯୩୧ ଅନୁଯାୟୀ ବସନ୍ତିଆ ସମିତିର ସହକାରୀ ସମ୍ପାଦକଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାଇଁପୁର ସମିତିର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ହୋଇଥିଲା। କୌଣସି କାରଣରୁ ସେ ଦାୟିତ୍ୱ ଗ୍ରହଣ କରି ନ ଥିଲେ। ଫଳରେ ନେରଡ଼ା ସମିତିର ସମ୍ପାଦକ ପଣ୍ଡାଙ୍କୁ ଚାଇଁପୁର ସମିତିର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ନେବାକୁ ଡିଆର୍‌ସିଏସ୍‌ଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା।

# ମଠ, ମନ୍ଦିରରୁ ଚୋରି

ଧାମନଗର/ ଭଣ୍ଡାରିପୋଖରୀ, ୧।୮ (ଦେବେନ୍ଦ୍ର ଆଦିଆ/ ରାଜେନ୍ଦ୍ର ଶତପଥୀ)

ଧାମନଗର ଥାନା ଅଧୀନ ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀ କୂଳରେ ଥିବା ଉତ୍ତରବାହିନୀ ଜଗନ୍ନାଥ ମଠରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋର ମଠରେ ଥିବା ଜଗନ୍ନାଥଙ୍କ ମନ୍ଦିରର ଗେଟ୍ ଓ କବାଟ ତାଲା କାଟି ପୂଜା ସାମଗ୍ରୀ ସହ ଠାକୁରଙ୍କ ବାସନକୁସନ, ରୁପା ମୁକୁଟ, ଚିକ, ବାଜୁ, ହାର ଆଦି ଚୋରି କରି ନେଇଛନ୍ତି। ମଠ ପରିଚାଳକ ଅଜୟ କୁମାର ଦାସଙ୍କ ସୂଚନା ଅନୁସାରେ, ତାଙ୍କ ଗାଁ ପାଖର ଜଣେ ବ୍ୟକ୍ତି ରାତି ପ୍ରାୟ ସାଢ଼େ ୩ଟା ବେଳେ ବୈତରଣୀ ପୋଲ ଦେଇ ଯାଜପୁରକୁ ପରିବା ଆଣିବାକୁ ଯାଉଥିଲେ। ଏତେ ରାତିରେ ମଠ ବାହାରେ ବାଇକ୍ ଗୋଟିଏ ଛିଡ଼ା ହୋଇଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ପୋଲ ଉପରେ ନିଜ ଗାଡ଼ିକୁ ରଖି ମଠ ପାଖକୁ ଯିବାରୁ ଜଣେ ବ୍ୟକ୍ତି ଗୋଟିଏ ପ୍ଲାଷ୍ଟିକ ଅଖାରେ କିଛି ସାମଗ୍ରୀ ଭର୍ତ୍ତି କରି ବାନ୍ଧିଥିବା ଦେଖିବାକୁ ପାଇଥିଲେ। ସେ ଯାଇ ମନ୍ଦିର ପାଖରେ ପହଞ୍ଚିଲା ବେଳକୁ ଚୋର ବାଇକ୍‌ରେ ବସ୍ତାକୁ ଲଦି ଫେରାର ହୋଇଯାଇଥିଲେ। ସେ ପିଛା କରିଥିଲେ ହେଲେ ଚୋର ଜଣକ ଯାଜପୁର ପଟେ ଥିବା ବୈତରଣୀ ବନ୍ଧରେ କଟିକଟା ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ। ଅଜୟ ଏନେଇ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ଭଣ୍ଡାରିପୋଖରୀ ଥାନା ଅଧୀନ କୋରିଗାଁ ପଞ୍ଚାୟତର ସଠଗାଁ ହନୁମାନ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଏନେଇ ମନ୍ଦିର ପୂଜକ ବିଭୁପ୍ରସାଦ ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂଜକ ଗୁରୁବାର ସନ୍ଧ୍ୟା ଆରତି ସାରି ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ଶୁକ୍ରବାର ସକାଳ ୬ଟାରେ ମନ୍ଦିରକୁ ଆସିବା ପରେ ଦ୍ୱାରରେ ପଡ଼ିଥିବା ୨ଟି ତାଲା ମଧ୍ୟରୁ ଗୋଟିଏ ଭଙ୍ଗା ହୋଇପଡ଼ିଥିଲା। ଅନ୍ୟ ତାଲାଟି ନ ଥିଲା। ମନ୍ଦିରର ହୁଣ୍ଡିବାକ୍ସ ଓ ଭଣ୍ଡାରଘର ତାଲା ମଧ୍ୟ ନ ଥିଲା। ସେ ମନ୍ଦିର ପରିଚାଳକ ଓ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ବହୁ ସାମଗ୍ରୀ ଓ ଅର୍ଥ ଚୋରି ହୋଇଥିବା ଜଣାପଡ଼ିଥିଲା। ଭଣ୍ଡାର ଘରୁ ୩ଟି ରୁପା ମୁକୁଟ, ୨ଟି ରୁପା ଆଖି, ଗୋଟିଏ ବଡ଼ ପିତ୍ତଳ ହାଣ୍ଡି, ୩ଟି ପିତ୍ତଳ ଭୋଗଥାଳି, ପିତ୍ତଳ ବାଲ୍‌ଟି, ଘଣ୍ଟି ସହ ହୁଣ୍ଡିରୁ ପ୍ରାୟ ୩୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ପୋଲିସ ମନ୍ଦିରରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୪୬/୨୫) ରୁଜୁ ହୋଇଛି। ଧାମନଗର ଏସ୍‌ଡିପିଓ ଏବଂ ପୋଲିସ ଟିମ୍ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଦୁଇ ସ୍ଥାନରେ ତଦନ୍ତ କରିଛନ୍ତି।

# ଚାନ୍ଦବାଲିରୁ ଭିତରକନିକା ଜଳଯାତ୍ରା ଶୁଭାରମ୍ଭ


ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟଠାରେ ଜଳଯାତ୍ରାର ଶୁଭାରମ୍ଭ କରାଯାଉଛି।

ଚାନ୍ଦବାଲି,୧।୮(କିଷାନ ପାତ୍ର)

କୁମ୍ଭୀର ପ୍ରଜନନ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ୩ ମାସ ବନ୍ଦ ରହିବା ପରେ ଶୁକ୍ରବାର ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ପୂର୍ବାହ୍ନ ୧୦ଟାରେ ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଏଣ୍ଟ୍ରି ପଏଣ୍ଟଠାରେ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡର ଏସିଏଫ୍ ସୁମିତ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ଚାନ୍ଦବାଲିରୁ ଭିତରକନିକା ଜଳଯାତ୍ରାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ସ୍ଥାନୀୟ ପର୍ଯ୍ୟଟକମାନେ ଚାନ୍ଦବାଲିରୁ ଭିତରକନିକା ଜଳଯାତ୍ରା କରିଥିଲେ। ବନ୍ୟପ୍ରାଣୀ ବନଖଣ୍ଡର କର୍ମଚାରୀ ଓ ବୋଟ୍‌ମାଲିକମାନେ ସମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ଜଣାଇଥିଲେ। ଏସିଏଫ୍ ସେମାନଙ୍କୁ ପତାକା ଦେଖାଇ ଜଳଯାତ୍ରାର ଶୁଭାରମ୍ଭ କରାଇଥିଲେ। ଚାନ୍ଦବାଲିରୁ ନଦୀ ମଧ୍ୟରେ ୧୭ କି.ମି. ଜଳଯାତ୍ରା କରି ପର୍ଯ୍ୟଟକମାନେ ଜାତୀୟ ଉଦ୍ୟାନରେ କୁମ୍ଭୀର, ହରିଣ, ବିଭିନ୍ନ ପ୍ରକାରର ବିଦେଶୀ ପକ୍ଷୀ, ସେଠାରେ ଥିବା ମ୍ୟୁଜିୟମ୍ ଆଦି ଦେଖିବା ସହ ଜଳଯାତ୍ରାର ମଜା ନେଇଛନ୍ତି। ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା, ଗାର୍ଡ ସୁବ୍ରତ ବେହେରା, ଗେଷ୍ଟହାଉସ ମାଲିକ ବିଶ୍ୱନାଥ ସୂତାର, ହୋଟେଲ ମାଲିକ ଦିନେଶ ନାଥ, ବୋଟ୍ ମାଲିକ ପ୍ରମୋଦ ମହାନ୍ତି, ସୁରଜିତ ପାଣି, ନିଲୁଆ ପାଣି, ପ୍ରଭାତ ଦାସ, ରାମ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ପଞ୍ଜୀକରଣରେ ଅହେତୁକ ବିଳମ୍ବ

**୧୫ ସମିତିରେ ଏଯାଏ ୨୪୭୮ ପଞ୍ଜୀକରଣ**

ତିହିଡ଼ି,୧।୮ (ସଞ୍ଜିତ ବଳ)

ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରାଯାଉଛି। ପଞ୍ଜୀକରଣ ଆରମ୍ଭ ହେବାର ୨ ସପ୍ତାହ ବିତିଥିଲେ ମଧ୍ୟ ତିହିଡ଼ି ବ୍ଲକ ଅଧୀନ ୧୫ ସମବାୟ ସମିତିରେ ଗୁରୁବାର ସୁଦ୍ଧା ମାତ୍ର ୨୪୭୮ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ନିଜ ନାଁରେ ଜମି ନ ଥିବା ଚାଷୀଙ୍କ ପଞ୍ଜୀକରଣ ପାଇଁ ଆବଶ୍ୟକ ଥିବା ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନରେ ରାଜସ୍ୱ ନିରୀକ୍ଷକମାନେ ସହଯୋଗ କରୁ ନ ଥିବାରୁ ପଞ୍ଜୀକରଣରେ ଅହେତୁକ ବିଳମ୍ବ ଘଟୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପାଳିଆବିନ୍ଧା ସମିତିରେ ଗତବର୍ଷ ୬ଶହ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ଗୁରୁବାର ସୁଦ୍ଧା ୧୫୩ଜଣ, ଆରସା ସମିତିରେ ୫୪୫ରୁ ୯୮, ଗାନ୍ଧୀନଗର ସମିତିରେ ୫୫୫ରୁ ୬୦, ମଙ୍ଗଳପୁରରେ ୬୬୮ରୁ ୧୮୭, ନିଶ୍ଚିନ୍ତପୁରରେ ୬୪୫ରୁ ୨୪୪, ବାମନବିନ୍ଧାରେ ୬୯୧ରୁ ୧୮୦, ବିଲଣାରେ ୩୬୦ରୁ ୩୮, ଅଣ୍ଡରାଇରେ ୪୨୦ରୁ ୭୨, ଜାମଯୋଡ଼ିରେ ୫୭୦ରୁ ୧୬୦, ଅମୃତପୁରରେ ୫୩୪ରୁ ୨୬୦, ଚାରିତରଫରେ ୬୧୫ରୁ ୨୮୦ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ଭାଟପଡ଼ା ସମିତିରେ ୭୯୩ରୁ ୩୮୦, ବାରସରରେ ୬୯୦ରୁ ୭୩, ଶ୍ୟାମସୁନ୍ଦରପୁରରେ ୬୬୭ରୁ ୧୬୮ ଓ ନରେନ୍ଦ୍ରପୁରରେ ୨୯୦ରୁ ୧୩୧ ଚାଷୀ ପଞ୍ଜୀକରଣ କରିଛନ୍ତି। ବ୍ଲକର ୧୫ ସମିତିରେ ଗତବର୍ଷ ମୋଟ ୮୬୪୩ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ଖରିଫ ଋତୁରେ ଚାଷୀଙ୍କ ସଂଖ୍ୟା ବଢ଼ିଥିବାରୁ ଏହା ୧୦ ହଜାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଆର୍‌ଆଇମାନେ ସହଯୋଗ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଏବେ ଚାଷକାମ ଚାଲିଥିବା ବେଳେ ଉତ୍ତରାଧିକାରୀ ପ୍ରମାଣପତ୍ର ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପ୍ରମାଣପତ୍ର ହାସଲ କରିବାକୁ ବାରମ୍ବାର ଆର୍‌ଆଇ କାର୍ଯ୍ୟାଳୟକୁ ଯିବାକୁ ପଡୁଥିବାରୁ ଚାଷ କାର୍ଯ୍ୟରେ ଅବହେଳା ହେଉଥିବା ଜଣାଯାଇଛି। ଏ ସମ୍ପର୍କରେ କୋହ୍ଲ ଆର୍‌ଆଇ ଆଶୁତୋଷ ଦାସଙ୍କୁ ପଚାରିବାରୁ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ କୌଣସି ସମସ୍ୟା ଉପୁଜୁନାହିଁ, ଠିକ୍ ସମୟରେ ଚାଷୀମାନେ ପାଇଯାଉଥିବା ସେ କହିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟର ୩ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୧।୮(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ୩ କର୍ମଚାରୀଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ରାଜସ୍ୱ ସହାୟକ ପ୍ରକାଶ କୁମାର ବେହୁରିଆ, ପିଅନ ରାଇଚରଣ ବାରିକ ଓ ଡ୍ରାଇଭର ନୟନ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ସମସ୍ତ ଅଧିକାରୀ, କାର୍ଯ୍ୟାଳୟର ଷ୍ଟାଫ୍ କମିଟି ସଦସ୍ୟ ଅମୂଲ୍ୟ କୁମାର ସାହୁ, ଅତୁଲ ନନ୍ଦୀ, ଶ୍ୟାମସୁନ୍ଦର ଜେନା, ଓଁକାର ଦାସଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରୀ ଗୁରୁତର, ଉତ୍ତେଜନା

ବାସୁଦେବପୁର,୧।୮(କାଳିପଦ ରାୟ)

ବାସୁଦେବପୁର ପୌରପାଳିକା ଅଧୀନ ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକଙ୍କ ମାଡ଼ରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍କୁଲରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, ପ୍ରଧାନଶିକ୍ଷକ ଶ୍ରେଣୀରେ ପଢ଼ାଉଥିବା ସମୟରେ ବ୍ୟାଗ୍ ବାଜିବାକୁ କେନ୍ଦ୍ରକରି ତୃତୀୟ ଶ୍ରେଣୀ ଛାତ୍ରୀ ଜଣକ ସେହି ଶ୍ରେଣୀଗୃହରେ ଥିବା ତାଙ୍କ ସାନଭଉଣୀକୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠ ସେହି ଛାତ୍ରୀଙ୍କୁ ଟେକି ଆଣିବାକୁ ଅନ୍ୟ ପିଲାଙ୍କୁ କହିଥିଲେ। ଅନ୍ୟ ପିଲାମାନେ ତାଙ୍କୁ ଟାଣି ଟାଣି ପ୍ରଧାନଶିକ୍ଷକଙ୍କ ପାଖକୁ ଆଣିଥିଲେ। ଏହାପରେ ପ୍ରଧାନଶିକ୍ଷକ ଛାତ୍ରୀଙ୍କ ଗାଲକୁ ଚାପୁଡ଼ା ପରେ ଚାପୁଡ଼ା ମାରିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ମାଡ଼ ଯୋଗୁ ଛାତ୍ରୀଙ୍କ ଗାଲ ଫୁଲିବା ସହ ଟାଣି ଟାଣି ଆଣିବା କାରଣରୁ ହାତରେ କ୍ଷତଚିହ୍ନ ହୋଇଥିବା ଦେଖିବାକୁ ମିଳିଛି। ଛାତ୍ରୀ ଜଣକ ଘରେ ପହଞ୍ଚି କହିବା ପରେ ତାଙ୍କ ମା' ଓ କେତେଜଣ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ପଚାରିଥିଲେ। ପ୍ରଧାନଶିକ୍ଷକ କୌଶଳକ୍ରମେ ଘରକୁ ପଳାଇ ଯାଇଥିଲେ। ଖବର ପାଇ ବାସୁଦେବପୁର ଏବିଇଓ ଅମିୟ ରଞ୍ଜନ ମହାଳିକ ପ୍ରଧାନଶିକ୍ଷକଙ୍କୁ ବିଇଓ ଅଫିସକୁ ଡକାଇ ପଚରାଉଚରା କରିବା ପରେ ଧୀରେ ମାଡ଼ ମାରିଥିବା ପ୍ରଧାନଶିକ୍ଷକ ସ୍ୱୀକାର କରିବା ସହ ଘଟଣା ସମାଧାନ କରିବାକୁ କହିଛନ୍ତି। ଅନ୍ୟପକ୍ଷେ ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ସନ୍ଧ୍ୟାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

## ଡ୍ରପ୍‌ଆଉଟ ପିଲାଙ୍କୁ ଶିକ୍ଷାମନସ୍କ କରିବାକୁ ପ୍ରଶିକ୍ଷଣ

ଭଦ୍ରକ,୧।୮(ସନାତନ ରାଉତ)

ଜିଲା ପ୍ରକଳ୍ପ ଅଧିକାରୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ଭଦ୍ରକ ବ୍ଲକ ବାଗୁରାଇସ୍ଥିତ ବିଦ୍ଧୁମାଧବ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦିବସବ୍ୟାପୀ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଯୋଗ ଦେଇଥିଲେ। ଅଗଷ୍ଟ ମାସରେ ପ୍ରାଥମିକ ଶିକ୍ଷାରେ ଶ୍ରେଣୀ କାର୍ଯ୍ୟ କିପରି ହେବ ଏବଂ ବିଦ୍ୟାଳୟ ନାମଲେଖାରେ ଡ୍ରପ୍‌ଆଉଟ୍ ହାର କମାଇବା ନେଇ ଆଲୋଚନା ହୋଇଥିଲା। ଜିଲାର ୧୩୮ଜଣ ସିଆର୍‌ସିସି ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଜୟିନୀ ମହାପାତ୍ର, ପ୍ରଫୁଲ୍ଲ କୁମାର ଗୋଛାୟତ, କିରଣ କୁମାର ପ୍ରଧାନ, ନିର୍ମଳ ଚନ୍ଦ୍ର ସେଠୀ, ପଦ୍ମିନୀ ବେହେରା, ପ୍ରଦୀପ କୁମାର ନାୟକ ପ୍ରମୁଖ ୨ୟ ଅଧିବେଶନରେ ଡ୍ରପ୍‌ଆଉଟ ପିଲାଙ୍କୁ ଶିକ୍ଷାମନସ୍କ କରାଇବା ନେଇ ସିଆର୍‌ସିସିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ଶିକ୍ଷା ସଂଯୋଜକ ବିଭୁକିଶୋର ରାଉତ ଓ ମାସିକ କ୍ଲଷ୍ଟରସ୍ତରୀୟ ବୈଠକକୁ ଶିକ୍ଷକ ପ୍ରଶିକ୍ଷକ ତ୍ରିଲୋଚନ ମହାଳିକ ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## 'ସମାଜବାଦକୁ ବଞ୍ଚାଇ ରଖିବାକୁ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ଆବଶ୍ୟକ'

ଭଦ୍ରକ,୧।୮ (ସନାତନ ରାଉତ)


ଅତିଥିଙ୍କ ସହ ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀଛାତ୍ର।

ଭଦ୍ରକ କଲେଜ ପରିସରରେ ସମାଜବାଦୀ ନେତା ତଥା ପୂର୍ବତନ ଆଇନଜୀବୀ ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତି ସ୍ମାରକୀ ଆଲୋଚନାଚକ୍ର ଓ ସ୍ନାତକ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ଅଭିଜିତ ନାୟକଙ୍କ ସଂଯୋଜନାରେ 'ଶିକ୍ଷା ଓ ସମାଜବାଦ' ଶୀର୍ଷକ ଆଲୋଚନାଚକ୍ରକୁ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିବା ଅବସରରେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ସମାଜବାଦୀକରଣର ଆବଶ୍ୟକତା ଉପରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଯୋଗଦେଇ ସମାଜବାଦକୁ ବଞ୍ଚାଇ ରଖିବା ପାଇଁ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ରେଳ ବିଭାଗର ମୁଖ୍ୟ ପରିଚାଳନା ପ୍ରବନ୍ଧକ ଅନୁପ କୁମାର ଶତପଥୀ କହିଥିଲେ, ଭଦ୍ରକ କଲେଜର ଜଣେ ପୁରାତନ ଛାତ୍ର ହିସାବରେ ତାଙ୍କ ସମୟରେ ସମାଜବାଦର ଗୁରୁତ୍ୱ ଶିକ୍ଷା ବ୍ୟବସ୍ଥାରେ ଅଧିକ ଥିଲା। ଏବେ ତାହା କମିଯାଉଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ଓ ଭଦ୍ରକ ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ମତ ରଖିଥିଲେ। ସ୍ମୃତି କମିଟି ସଭାପତି ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର ଓ ସମ୍ପାଦକ ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ସ୍ନାତକ ସମ୍ମାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ବିଦ୍ୟାର୍ଥୀ, ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇନଜୀବୀ ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ରାଧା ଦାଶ, ଗଦାଧର ବଳ, ଭଦ୍ରକ କଲେଜର ରସାୟନ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମନାଭ ପତ୍ରୀ, ଲକ୍ଷ୍ମୀଧର ନାୟକ, ଡ. କମଳାକାନ୍ତ ଜେନା, ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଉଚ୍ଛେଦକୁ ବର୍ଷେ ପୂରିଲା**

# ସ୍ଥାୟୀ ଦୋକାନ ଗୃହ ମିଳିଲାନି

## କଳା ଦିବସ ବୋଲି କହିଲା ବଣିକ ସଂଘ

ଭଦ୍ରକ,୧।୮ (ସନାତନ ରାଉତ)


ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବଣିକ ସଂଘ କର୍ମକର୍ତ୍ତା।

ଗତବର୍ଷ ଅଗଷ୍ଟ ୧ରେ ପ୍ରଶାସନ ପକ୍ଷରୁ ଭଦ୍ରକ କଚେରୀ ବଜାରରେ ଦୋକାନ ଉଚ୍ଛେଦ କରାଯାଇଥିଲା। ଭଙ୍ଗାଯିବାକୁ ବର୍ଷେ ପୂରିଗଲା କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ସ୍ଥାୟୀ ଦୋକାନ ଗୃହ ମିଳିଲାନି। ସେଥିପାଇଁ ଅଗଷ୍ଟ ୧କୁ କଳା ଦିବସ ବୋଲି କହିଛନ୍ତି ଭଦ୍ରକ କଚେରୀ ବଜାର ବଣିକ ସଂଘ କର୍ମକର୍ତ୍ତା। ମୁଣ୍ଡରେ କଳାପଟି ବାନ୍ଧି ସେମାନେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସ୍ଥାୟୀ ଦୋକାନ ଗୃହ ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଚରମ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସମ୍ପାଦକ ଲାଲା ଜଗଦୀଶ ରାୟ ଚେତାବନୀ ଦେଇଛନ୍ତି।

ସେ କହିଛନ୍ତି, ବର୍ଷେ ତଳେ ଆଜିର ଦିନରେ ବିନା ସୂଚନାରେ ସେମାନଙ୍କ ଦୋକାନ ଗୃହ ଭାଙ୍ଗି ଦିଆଯାଇଥିଲା। ବହୁ ଜିନିଷ ନଷ୍ଟ ହୋଇଗଲା। ମହାଜନ ଟଙ୍କା ଓ ବ୍ୟାଙ୍କ ଋଣ ସେମାନେ ଶୁଝି ପାରିନାହାନ୍ତି। ଉଚ୍ଛେଦ ହୋଇଥିବା ଦୋକାନୀମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କୁ ବାରମ୍ବାର ଅବଗତ କରାଯାଇଛି। ସହର ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ଉଚ୍ଛେଦ କରାଯାଇଥିବା ବେଳେ ବ୍ୟବସାୟୀମାନଙ୍କୁ ସ୍ଥାୟୀ ଦୋକାନ ଗୃହ ଯୋଗାଇ ଦିଆଯିବ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଭଙ୍ଗାଯାଇଥିବା ଜାଗାରେ ଆଜି ପର୍ଯ୍ୟନ୍ତ ମାଟି ମୁଠାଏ ପଡ଼ିନାହିଁ ବୋଲି ସଂଘର ସମ୍ପାଦକ କହିଛନ୍ତି। ସହରକୁ ସରସ ସୁନ୍ଦର କରିବା ପାଇଁ ମୁଖ୍ୟରାସ୍ତା ପାର୍ଶ୍ୱରେ ଦୋକାନ ଘରକୁ ପ୍ରଶାସନ ଭାଙ୍ଗିଥିଲା। ଦୋକାନୀମାନେ ମଧ୍ୟ ପ୍ରଶାସନକୁ ସହଯୋଗ କରିଥିଲେ। ହେଲେ ଏବେ ସୁଦ୍ଧା ଇଟା ଖଣ୍ଡେ ଯୋଡ଼ା ଯାଇ ନ ଥିବା କହିଛନ୍ତି ସଂଘର କର୍ମକର୍ତ୍ତା ଆଶିଷ କୁମାର ନାୟକ। ସଂଘର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ଶିକ୍ଷା କର୍ମଚାରୀଙ୍କ ମୃତ୍ୟୁ

ସୋର, ୧।୮ (ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ବ୍ଲକ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲର ଶିକ୍ଷା କର୍ମଚାରୀ ଶରତ ଚନ୍ଦ୍ର ଜେନା ମଙ୍ଗଳବାର ସକାଳେ ନିଜ ଘରୁ ସୋରକୁ ବାଇକ୍‌ରେ ଯାଉଥିବା ବେଳେ ଅନନ୍ତପୁର ବଜାରରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ପ୍ରଥମେ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମରଶରୀରକୁ ଉପେନ୍ଦ୍ର ନାଥ ହାଇସ୍କୁଲ ପରିସରକୁ ନିଆଯାଇଥିଲା। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ସାହୁ, ଦେବେନ୍ଦ୍ର କୁମାର ପାତ୍ର, ପୁରାତନ ଛାତ୍ର ସଂସଦ ସମ୍ପାଦକ ନିତ୍ୟାନନ୍ଦ କର ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ।

# ଡ୍ରେନ୍ ନିର୍ମାଣରେ ମନମାନି

ନୀଳଗିରି, ୧।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର- ନୀଳଗିରି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଏକ ପ୍ରକାର ସରିଥିବା ବେଳେ ନୀଳଗିରି ମେଡିକାଲ ଛକଠାରୁ ଦୁର୍ଗାମଣ୍ଡପ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ବନ୍ଦ ହୋଇପଡିଥିଲା। ଗତମାସରେ ଅନୁଷ୍ଠିତ ରଥଯାତ୍ରାକୁ ଦୃଷ୍ଟିରେ ରଖି ମେଡିକାଲ ଛକରୁ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଠିକାଦାର ଜଣକ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟି ଉଠାଇ ରାସ୍ତାର ଉଭୟ ପାର୍ଶ୍ୱରେ ମେଟାଲ ବିଛାଇ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ। ଏବେ ଡ୍ରେନ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଡ୍ରେନକୁ ସିଧାରେ ନ ନେଇ ପୂର୍ତ୍ତବିଭାଗ ଅଫିସ ସମ୍ମୁଖରେ ଥିବା ପରିତ୍ୟକ୍ତ ଡିଆଇ ଅଫିସ ଏବଂ ଦୁଇ ତିନିଜଣ ଦୋକାନୀଙ୍କୁ ଦୟା ଦେଖାଇ ଡ୍ରେନ୍‌କୁ ସିଧାରେ ନ ଆଣି ବଙ୍କା କରି ଆଣୁଥିବାରୁ ନୀଳଗିରି ବଜାରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ରାସ୍ତା ମଧ୍ୟ ସଙ୍କୁଚିତ ହେଉଛି। ଅନ୍ୟପକ୍ଷେ କେଉଁ ସ୍ୱାର୍ଥରେ ବିଭାଗ ଦ୍ୱାରା ଏଭଳି କାର୍ଯ୍ୟ କରାଯାଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭପ୍ରକାଶ ପାଇଛି। ଯଦ୍ୱାରା ନୀଳଗିରିର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବାକୁ ବସିଛି। ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ ଉକ୍ତ ଜାଗା ଓ ଦୋକାନ ଏନ୍‌ଏସି ଅଧୀନରେ ହୋଇଥିବା ବେଳେ ତାଙ୍କୁ ଆମ୍ଭେ ଉଠାଇ ପାରି ନ ଥିଲୁ, ଏଣୁ ଡ୍ରେନକୁ ସିଧାରେ ନ ଆଣି ବଙ୍କା କରିବାକୁ ପଡିଛି। ଏ ନେଇ କୌଣସି ସୌନ୍ଦର୍ଯ୍ୟକରଣ ନଷ୍ଟ ହେବ ନାହିଁ।




ନିର୍ମାଣାଧୀନ ଡ୍ରେନ୍।

## ମଞ୍ଚସ୍ଥ ହେଲା ନାଟକ 'ମିଛ ରାଗ'




ନାଟକ 'ମିଛ ରାଗ'ର ଏକ ଦୃଶ୍ୟ।

ବାଲେଶ୍ୱର, ୧।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ସ୍ରଷ୍ଟା କଳାକାରଙ୍କ ଦ୍ୱାରା ନାଟ୍ୟକାର ପୀତାମ୍ବର ଦାସଙ୍କ ଲିଖିତ ନାଟକ 'ମିଛରାଗ' ଗୁରୁବାର ମଞ୍ଚସ୍ଥ ହୋଇଯାଇଛି। ପ୍ରାରମ୍ଭରେ ସ୍ରଷ୍ଟାର ସମ୍ପାଦକ ତଥା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ରଷ୍ଟାର ସଭାପତି ଆଲୋକ କୁମାର ସାହୁ, ନାଟ୍ୟକାର ପୀତାମ୍ବର ଦାସ, ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗଦେଇ ସଚେତନତାଧର୍ମୀ ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହାପରେ କଳାକାର ଗୋବିନ୍ଦ ଦ୍ୱିବେଦୀ, ଦିବାକର ମହାନ୍ତି, ସମରାଇ କର, ସ୍ୱାଗତିକା ବାରିକ, ସ୍ୱାତୀସ୍ମିତା ଦାସ ଓ ସୌରଜିତ ସାହୁଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ପୀତାମ୍ବର ଦାସ ନାଟକ ଓ ଗୀତ ରଚନା କରିଥିଲା ବେଳେ ପ୍ରସନ୍ନ କୁମାର ଦାସ ନିର୍ଦ୍ଦେଶନା ଦେଇଥିଲେ। ଗୁରୁ ନନ୍ଦକିଶୋର ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ହାସ୍ୟ ରସାତ୍ମକ ନାଟକ 'ମିଛ ରାଗ', ମାଧ୍ୟମରେ ଏକ ଅନାବିଳ ସ୍ନେହ, ମମତା, ପ୍ରୀତିଭରା ପବିତ୍ର ସମ୍ପର୍କକୁ ଏକ ମିଛିମିଛିକା ରାଗରେ ପରିବାର ମଧ୍ୟରେ କିପରି ସମ୍ପର୍କକୁ ଆହୁରି ନିବିଡ଼ କରାଯାଇପାରେ ତାହା ହିଁ ଥିଲା ନାଟକର ସାରାଂଶ। ନାଟକକୁ ବହୁ ଦର୍ଶକ ପ୍ରାଣ ଭରି ଉପଭୋଗ କରିଥିଲେ।

## ସିମୁଳିଆ କଲେଜରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ

ସିମୁଳିଆ, ୧।୮ (ସନ୍ତୋଷ ନାୟକ)

ୟୁଥ୍ ରେଡ଼କ୍ରସ, ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଭାରତ ସ୍କାଉଟ ଓ ଗାଇଡର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସିମୁଳିଆ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୫୭ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଂଗୃହୀତ ରକ୍ତକୁ ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଭଦ୍ରକ ଜିଲାର ବ୍ଲଡ ବ୍ୟାଙ୍କକୁ ପ୍ରଦାନ କରାଯାଇଥିଲା। ସିମୁଳିଆ କଲେଜ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ବ୍ଲଡ ବ୍ୟାଙ୍କର ଡା. ବିମଳା ମିଶ୍ରଙ୍କ ସମେତ ରବୀନ୍ଦ୍ର କୁମାର ଜେନା, ରତିକାନ୍ତ ବଳ, ମଧୁସ୍ମିତା ବେହେରା, ଏସ୍‌କେ ବୁଦ୍ଧିଆ, ବଳରାମ ପୁହାଣଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଯୁବ ରେଡକ୍ରସ ଅଧିକାରୀ ଡା. ମାନସ କୁମାର ସାହୁ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ରାଜଶ୍ରୀ ମହାନ୍ତି ଓ ସ୍କାଉଟ ଗାଇଡ ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଜିତ କୁମାର ମହାନ୍ତି, ମାଷ୍ଟର ଆପୋଲୋ, ଅଶୋକ କୁମାର କବି, ଭାଗିରଥି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ସିମୁଳିଆ କଲେଜରେ ଅନୁଷ୍ଠିତ ରକ୍ତଦାନ ଶିବିର।

## ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ବାଲିଆପାଳ, ୧।୮ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ମାଇକ୍ରୋ ଫାଇଲେରିଆକୁ ସମୂଳେ ନିଧନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଇଚ୍‌ଓ ଝୁନାବାଳା ଦେଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିପିଏଇଚ୍‌ଓ ଡା. ସୂର୍ଯ୍ୟପ୍ରକାଶ ରାଉତରାୟ, ଭିବିଡ଼ି ସୁପ୍ରିୟା ପାଢ଼ୀ, ଭିବିଡିଟିଏସ୍ ସ୍ୱୟଂପ୍ରଭା ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ବାଲିଆପାଳ ବ୍ଲକର ସବୁ ବର୍ଗର ଲୋକଙ୍କୁ ୮୯୨ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଫାଇଲେରିଆ ଔଷଧ ସେବନ କରାଯିବ। ଭାରତରେ କେବଳ କେରଳ ଏବଂ ଓଡ଼ିଶାରେ ଏହି ରୋଗ ରହିଛି। ଓଡ଼ିଶାରେ କେବଳ ବାଲିଆପାଳ ବ୍ଲକରେ ଫାଇଲେରିଆ ରୋଗ ରହିଥିବାରୁ ଏହାର ମୂଳୋତ୍ପାଟନ କରିବା ପାଇଁ ସରକାର ବିଶେଷ ଗୁରୁତ୍ୱ ସେଥିପାଇଁ ଆସନ୍ତା ଅଗଷ୍ଟ ୧୦ରେ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତରୁ ଜନସାଧାରଣଙ୍କୁ ଫାଇଲେରିଆ ଔଷଧ ଖୁଆଇବା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବ। ଏହି ରୋଗକୁ କେହି ହାଲ୍‌କା ଭାବେ ନ ନେଇ ନିଜ ପରିବାର ସହିତ ସମସ୍ତଙ୍କୁ ଔଷଧ ଖାଇବା ପାଇଁ ପ୍ରବର୍ତ୍ତାଇବା ଦରକାର। ଯେପରି ଏହି ରୋଗକୁ ଆମ ଅଞ୍ଚଳରୁ ଦୂରେଇ ଦେବା ପାଇଁ ସମସ୍ତେ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଲାୟନ୍ସ କ୍ଲବ ବାଲିଆପାଳ, ବାଘାଯତୀନ ସ୍ମୃତି ପରିଷଦ, ବରିଷ୍ଠ ନାଗରିକ ପରିଷଦ, ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ଯୋଗଦେଇ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ।

## ପୁଅ ମାଡ଼ରେ ଆହତ ମା'ଙ୍କ ମୃତ୍ୟୁ

ଜଳେଶ୍ୱର, ୧।୮ (ନବୀନ ସାହୁ)

ଜନ୍ମକଲା ପୁଅର ମାଡ଼ରେ ମା'ଙ୍କ ମୃତ୍ୟୁ ଘଟଣା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଖୁଆଡ଼ ପଞ୍ଚାୟତ କେନ୍ଦୁଖୁଣ୍ଟା ଗ୍ରାମରେ ଜୁନ୍ ୨୩ ତାରିଖ ରାତିରେ ଚାମି ଟୁଡୁ (୪୮) ଘରେ ଥିବା ବେଳେ ତାଙ୍କ ବଡ଼ପୁଅ ହପନା (୩୦) ନିଶାସକ୍ତ ଅବସ୍ଥାରେ ଆସି ଠେଙ୍ଗାରେ ଆକ୍ରମଣ କରିଥିଲେ। ମା'ଙ୍କୁ ପ୍ରବଳ ପିଟିଥିଲେ। ଗ୍ରାମବାସୀ ପୁଅଠାରୁ ମା'ଙ୍କୁ ଉଦ୍ଧାର କରି ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ମା'ଙ୍କୁ ହାତୀଗଡ଼ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅପରପକ୍ଷରେ ସାମାନ୍ୟ ସୁସ୍ଥ ହେବା ପରେ ୧ ମାସ ହେବ ଚାମି ଘରକୁ ଆସି ଶଯ୍ୟାଶାୟୀ ଥିଲେ। ଗୁରୁବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରାଇବଣିଆ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

## ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା

ବାଲେଶ୍ୱର, ୧।୮ (ବାଞ୍ଛାନିଧି ଦେ)

ଅଗଷ୍ଟ ୪ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ରାଉରକେଲା ବିର୍ସା ମୁଣ୍ଡା ଇଣ୍ଟରନ୍ୟାଶନାଲ ହକି ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହେବ। ବାଲେଶ୍ୱର ଜିଲାରୁ ଏହି ପ୍ରତିଯୋଗିତାରେ ଖେଳାଳିଙ୍କ ଅଂଶଗ୍ରହଣ ନିମନ୍ତେ ଅତିରିକ୍ତ ଜିଲାପାଳ ସାଧାରଣ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ହକି ଆସୋସିଏଶନ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅଗଷ୍ଟ ୨ ତାରିଖରେ ଭୀମପୁରାସ୍ଥିତ ଜିଲା କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ସିନିୟର, ଜୁନିୟର ଓ ସବ୍-ଜୁନିୟର ବାଳିକାବାଳକ ବିଭାଗରେ ଖେଳାଳି ଚୟନ କରାଯିବାର ନିଷ୍ପତ୍ତି ହୋଇଥିଲା। ଇଚ୍ଛୁକ ଖେଳାଳିମାନେ ଶନିବାର ପୂର୍ବାହ୍ନ ୮ଟାରୁ ନିଜର ବୟସ ପ୍ରମାଣ ପତ୍ର ସହ ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ।

# ପ୍ରାର୍ଥନା ବେଳେ ଅସୁସ୍ଥ ହୋଇ ପଡ଼ିଲେ ୯ ଛାତ୍ରୀ

## କୁପାରୀ ସରକାରୀ ହାଇସ୍କୁଲରେ ଅଘଟଣ

ଖଇରା, ୧।୮ (ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ସରକାରୀ ହାଇସ୍କୁଲରେ ବାରମ୍ବାର ଛାତ୍ରୀ ଅସୁସ୍ଥ ହେବା ଏବଂ ଭିନ୍ନ ପ୍ରକାର ଆଚରଣ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। କେତେକ ଏହାକୁ ଭୌତିକ କାଣ୍ଡ ବୋଲି ଦାବି କରୁଥିବା ବେଳେ ଆଉ କେତେକ ଏହାକୁ ଦୁର୍ବଳ ମାନସିକତା ବୋଲି କହିଛନ୍ତି। ପୂର୍ବରୁ ୨ଥର ଏଭଳି ଘଟିବା ପରେ ପୁନଶ୍ଚ ଶୁକ୍ରବାର ପ୍ରାର୍ଥନା ଚାଲିଥିବା ବେଳେ ୯ଜଣ ଛାତ୍ରୀ ଅସୁସ୍ଥ ହୋଇପଡିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ସହ ତଳେ ଗଡି ଚିତ୍କାର କରିଥିଲେ। ପ୍ରଧାନ ଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପ୍ରଚେଷ୍ଟାରେ ଆମ୍ବୁଲାନ୍ସ ଡକାଯାଇ ସୋମନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା । ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୂର୍ବରୁ ଏକାଧିକ ବାର ଏଭଳି ଘଟଣା ଘଟିସାରିଥିବା ବେଳେ ଏହି ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ବାରମ୍ବାର ଏଭଳି ଘଟଣା ଘଟିବା ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ, ଜିଲାପାଳ ଓ ଖଇରା ବିଡିଓଙ୍କୁ ଜଣାଇ ସାରିଛନ୍ତି । ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ନିର୍ଦ୍ଦିଷ୍ଟ ଭାବେ କୁମ୍ଭକା ଗ୍ରାମର କେତେଜଣ ପିଲା ଏଥିରେ ଶିକାର ହେଉଥିବା ବେଳେ କ୍ରମାଗତ ଘଟଣାକୁ ନେଇ କିଛି ରୋମାଞ୍ଚକର ତଥ୍ୟ ପଦାକୁ ଆସିଛି । କୁମ୍ଭକାରେ ତନ୍ତ୍ର ସାଧନା କରୁଥିବା ଜଣେ ବ୍ୟକ୍ତିଙ୍କ ପ୍ରଭାବରୁ ଏମିତି ଘଟଣା ଘଟିଥାଇପାରେ ବୋଲି କେତେକ ଗ୍ରାମବାସୀ ସନ୍ଦେହ କରି କହିଛନ୍ତି। କେତେଜଣ କାଳିଶୀ ଲାଗିବା ଭଳି କାନ୍ଦି କାନ୍ଦି ଏଣୁତେଣୁ କହୁଥିବାରୁ ଏହା ଭୌତିକ କାଣ୍ଡ ହୋଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ଅନୁମାନ କରିଛନ୍ତି।

## ନିର୍ବାହୀଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଅତିଥିବୃନ୍ଦ।

କାଳିପଦା, ୧।୮ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକର ଗ୍ରାମ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ଅବନୀ କୁମାର ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଠିକାଦାର ସଂଘ ପକ୍ଷରୁ ବ୍ଲକ ଛକସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ସଂଘ ସଭାପତି ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ମୁଖ୍ୟ ନିର୍ମାଣଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ, ବାଲିଆପାଳ ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ସୁମିତ ମିଞ୍ଜ, ଡିଭିଜନ୍‌ର ହିସାବ ରକ୍ଷକ ଜୟନ୍ତ କୁମାର ଗୋହା ପ୍ରମୁଖ ଯୋଗଦେଇ ରାଉତଙ୍କ କାର୍ଯ୍ୟ କରିବା ତରିକା ବେଶ ଉଚ୍ଚକୋଟୀର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଉତ ୨୦୨୦ଠାରୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଠିକାଦାର ସଂଘର ସଞ୍ଜୟ ଦେ, ଗଣେଶ ମହାପାତ୍ର, ଦୁର୍ଯ୍ୟୋଧ ନାୟକ, ରାଜେଶ ଦେ, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ଦିଲୀପ ଜେନା ଧନ୍ୟବାଦ ଦେଇଥିଲେ।

# ପୁରୁଣା ପେନ୍‌ସନ୍ ଲାଗୁ ନ ହେଲେ ଆନ୍ଦୋଳନ

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର, ୧।୮ (ବାଞ୍ଛାନିଧି ଦେ)

ପୁରୁଣା ପେନସନ୍ ପାଇଁ ଜାତୀୟ ଆନ୍ଦୋଳନ (ଏନ୍‌ଏମ୍‌ଓପିଏସ୍) ଓଡ଼ିଶା ଶାଖାର ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲା ସଂଘ ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନ୍‌ପିଏସ୍ / ୟୁପିଏସ୍ ଯୋଜନା ଉଚ୍ଛେଦ କରାଯାଇ ପୁରୁଣା ପେନସନ ଲାଗୁ କରିବା ପାଇଁ ଦାବି ହୋଇଛି। ସରକାର ରାଜ୍ୟ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁରୁଣା ପେନସନ୍ ଯୋଜନା ଲାଗୁ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି।

କେନ୍ଦ୍ର ସରକାର କର୍ମଚାରୀଙ୍କ ନିମନ୍ତେ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍) ଘୋଷଣା କରିବା ପରେ ଓଡ଼ିଶା ସରକାର ମଧ୍ୟ ଏହାକୁ ରାଜ୍ୟରେ ଲାଗୁ କରିଛନ୍ତି। ୨୦୦୪ଠାରୁ କେନ୍ଦ୍ର ଓ ୨୦୦୫ଠାରୁ ରାଜ୍ୟ ସରକାର ଜାତୀୟ ପେନସନ୍ ଯୋଜନା (ଏନ୍‌ପିଏସ୍) ଲାଗୁ କରିଛନ୍ତି। ଯାହାକି ରାଜ୍ୟ କର୍ମଚାରୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିଛି। ଦୀର୍ଘଦିନରୁ ପରିଚାଳିତ ଅନୁକୂଳ ପୁରୁଣା ପେନସନ୍ ଯୋଜନାକୁ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଜିଲା ସଂଘ ତରଫରୁ କାର୍ଯ୍ୟରତ ସମସ୍ତ ବିଭାଗର ଓ ସମସ୍ତ ବର୍ଗର ନୂତନ ପେନସନ୍ ଯୋଜନାଭୁକ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ବଜ୍ରପାତରେ ଯୁବକ ମୃତ, ମହିଳା ଗୁରୁତର

ବାଲେଶ୍ୱର, ୧।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅଧୀନ ସୋଲପଟା ଗ୍ରାମର ଜଣେ ଯୁବକ ଶୁକ୍ରବାର ବଜ୍ରପାତରେ ପ୍ରାଣ ହରାଇଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଗଣେଶ ମହାଳିକ। ସେ ଧାନ ରୋଇବା ପାଇଁ ବିଲକୁ ଯାଇଥିଲେ। ଅପରାହ୍ନରେ ହଠାତ୍ ଘଡ଼ଘଡି ସହ ବର୍ଷା ଆରମ୍ଭ ହୋଇଥିଲା। ଗୋରୁ ନେଇ ସେ ଘରକୁ ଆସିବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ଘରୋଇ ଭ୍ୟାନ୍‌ରେ ଗାଁ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

ସେହିପରି ଉକ୍ତ ଗ୍ରାମର ମହିଳା ସରସ୍ୱତୀ ମହାଳିକ (୬୭) ଗାଁ ପୋଖରୀ ନିକଟକୁ ଛେଳି ଆଣିବା ପାଇଁ ଯାଇଥିବା ବେଳେ ବଜ୍ରାଘାତରେ ଗୁରୁତର ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

# ବିପଦସଙ୍କୁଳ ଅବସ୍ଥାରେ ତେଘରୀ ଉନ୍ନୀତ ବିଦ୍ୟାଳୟ

ଜଳେଶ୍ୱର, ୧।୮ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଚମାରଗାଁ ପଞ୍ଚାୟତ ତେଘରୀ ଗ୍ରାମରେ ୧୯୭୫ରେ ସ୍ଥାପିତ ହରେନ୍ଦ୍ରନାଥ ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟ ବହୁତ ପୁରୁଣା ହୋଇଥିବା ବେଳେ ଏଠାରେ ୯ଟି ଶ୍ରେଣୀଗୃହ ରହିଛି। ସେଥିରୁ ଗୋଟିଏ ଶ୍ରେଣୀଗୃହ ପକ୍କା ହୋଇଥିବା ବେଳେ ଆଉ ସବୁ ମାଟି ଓ ଆଜବେଷ୍ଟସ ଛାତ ଘର।

ଏହି ବିଦ୍ୟାଳୟରେ ତେଘରୀ ଏବଂ ଚେଙ୍ଗଦା ଗ୍ରାମର ପିଲା ପାଠ ପଢନ୍ତି। ଏଠାରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୨ ପିଲା ଅଧ୍ୟୟନ କରନ୍ତି। ଏଠାରେ ୫ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ୩୦ବର୍ଷ ତଳେ ନିର୍ମାଣ ହୋଇଥିବାରୁ ଏହି ବିଦ୍ୟାଳୟ ଗୃହ ଫାଟି ଆଁ କରିବା ସହ ଛାତରୁ ପାଣି ମଧ୍ୟ ଗଳୁଛି। ଏବେ ବର୍ଷାଦିନ ହୋଇଥିବାରୁ ଫଟା କାନ୍ଥରୁ ବିଷଧର ସାପ ମଧ୍ୟ ବାହାରୁଛି। ସାପର ଭୟ ଥିଲେ ମଧ୍ୟ ବିଦ୍ୟାଳୟ କୋଠରୀ ଅଭାବ ହେତୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଗୃହରେ ବସି ପଢିବାକୁ ବାଧ ହେଉଛନ୍ତ। ଛାତ୍ରୀଛାତ୍ରଙ୍କ ଅଭିଭାବକ ଏନେଇ ପୂର୍ବରୁ ଜଳେଶ୍ୱର ବିଡିଓ ଏବଂ ଶୁକ୍ରବାର ଜଳେଶ୍ୱର ଏବିଇଓ ସୁଶାନ୍ତ ଜେନାଙ୍କୁ ଜଣାଇଥିଲେ ହେଲେ ଫଳ ଶୂନ। ଅଭିଭାବକ ମମତା ଗିରି, ସୁସ୍ମିତା ଦେ, ମାନସୀ ଜେନା, ସୁନୀତା ଦାସ, ସୁସ୍ମିତା ବାରିକ, ମଧୁସୂଦନ ଦାସ, ଲିଲି ପ୍ରାମାଣିକ, ଗୌରୀଶଙ୍କର ଜେନା, ଶିବଶଙ୍କର ଜେନା, ଅତୁଲ୍ ଜେନା, ରୁବିରାଣୀ ଦେ, ମମତା ଜେନା, ରଶ୍ମିତା ସାସମଲ, କୁଳମଣି ସାହୁ ପ୍ରମୁଖ ଅଭିଯୋଗ କରିବା ସହିତ ତୁରନ୍ତ କୋଠରୀ ନିର୍ମାଣ ପାଇଁ ଦାବି କରିଛନ୍ତି। ଏନେଇ ଜଳେଶ୍ୱର ଏବିଇଓ ଜେନାଙ୍କୁ ପଚାରିବାରୁ, ଆଉ ଏକ କୋଠରୀ ନିର୍ମାଣ ପାଇଁ ପାଣ୍ଠି ରହିଛି। ଅନ୍ୟ କୋଠରୀ ପାଇଁ ପାଣ୍ଠି ନାହିଁ, ଆସିଲେ ନିର୍ମାଣ ହେବ ବୋଲି କହିଥିଲେ।



ତେଘରୀ ଉନ୍ନୀତ ବିଦ୍ୟାଳୟ।

## ପୋଖରୀରେ ବୁଡ଼ି ଯୁବକ ମୃତ

ପାଟଣା,୧।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ବାଲିପୋଷି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ପୋଖରୀରେ ବୁଡ଼ି ଗ୍ରାମର ଯୁଧିଷ୍ଠିର ନାଏକଙ୍କ ପୁଅ ନିର୍ମଳ(୩୮)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୧/୨୫) ରୁଜୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



**କେନ୍ଦୁଝର**

# ମେଡିସିନ ବିଭାଗରେ ୨ ଡାକ୍ତର, ବଢୁଛି ଚାପ

■କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ
■ସିଡିଏମ୍‌ଓଙ୍କୁ ଜଣାଇଲେ ମେଡିସିନ ବିଶେଷଜ୍ଞ

କେନ୍ଦୁଝର,୧।୮(ଦୀପକ ମିଶ୍ର)

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ଲାଗି ରହିଛି। ଫଳରେ ରୋଗୀ ସେବା ପ୍ରଭାବିତ ହେବା ସହ କାମ କରୁଥିବା ଡାକ୍ତର ଚାପରେ ରହୁଥିବା ଅଭିଯୋଗ କରିଛନ୍ତି। ଏପରିକି ରାତିରେ ନିଦ ପାଇଁ ଔଷଧ ଖାଇବାକୁ ପଡୁଥିବା କହିଛନ୍ତି। ଏଭଳି ଅଭିଯୋଗ ମେଡିସିନି ବିଭାଗର ୨ ଜଣ ଡାକ୍ତର କରିଛନ୍ତି। କାମର ଚାପ କମାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଗୁରୁବାର ଲିଖିତ ଭାବେ ମଧ୍ୟ ଜଣାଇଛନ୍ତି।

ପ୍ରକାଶ ଯେ, ଡାକ୍ତରଖାନାରେ ମୋଟ ଡାକ୍ତର ପଦବୀ ୧୭୦ ହୋଇଥିବା ବେଳେ ବର୍ତ୍ତମାନ ୫୫ ଜଣ କାର୍ଯ୍ୟରତ ଅଛନ୍ତି। ବିଶେଷକରି ମେଡିସିନ ବିଭାଗରେ ଡାକ୍ତର ଅଭାବ କାରଣରୁ ଅଧିକ ସମସ୍ୟା ଦେଖାଯାଉଛି। ଡାକ୍ତରଖାନାରେ ୫ ଜଣ ମେଡିସିନ ବିଭାଗରେ ଡାକ୍ତର ଥିଲେ। ଜଣେ ବିଶେଷଜ୍ଞ ବିନୋଦ ବିହାରୀ ମିଶ୍ରଙ୍କୁ ତାଙ୍କ ଅନିଚ୍ଛା ସତ୍ତ୍ୱେ ସିଡିଏମ୍‌ଓ କରାଯାଇଛି। ତେଣୁ ସେ ଏବେ ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଆଉ ଜଣେ ବିଶେଷଜ୍ଞ ପ୍ରଦୀପ କୁମାର ମିଶ୍ରଙ୍କୁ ଡାକ୍ତରଖାନାର ଏଡିଏମ୍‌ଓ ଭାବରେ ପୋଷ୍ଟିଂ କରାଯାଇଛି। ଫଳରେ ସେ ବି ୱାର୍ଡରେ ରୋଗୀ ଦେଖୁନାହାନ୍ତି। ଅନ୍ୟ ଜଣେ ଡାକ୍ତର ପୁରୁଷୋତ୍ତମ ମହାନ୍ତଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଇଛି। ବାକି ୨ ଜଣ ଡା. କମର ମହମ୍ମଦ ଓ ଡା. ନିରଞ୍ଜନ ବେହେରାଙ୍କ ଉପରେ ଏବେ ମେଡିସିନ ବିଭାଗ ନିର୍ଭର କରୁଛି। ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରତିଦିନ ଅନେକ ଶହ ରୋଗୀ ସ୍ଥାନାନ୍ତର ହୋଇ ଏହି ବିଭାଗକୁ ଆସୁଛନ୍ତି। ଏଥିସହ ବହିର୍ବିଭାଗ, ଡାଇରିଆ ବିଭାଗ ଓ ଆଇସିୟୁ ବିଭାଗ ଦାୟିତ୍ୱ ମଧ୍ୟ ଉକ୍ତ ୨ ଡାକ୍ତରଙ୍କ ଉପରେ ନ୍ୟସ୍ତ ହୋଇଛି। ଫଳରେ ସେମାନେ ଅଧିକ ମାନସିକ ଓ ଶାରୀରିକ ଚାପଗ୍ରସ୍ତ ରହୁଥିବା କହିବା ସହ ଚିନ୍ତିତ ହୋଇପଡ଼ିଛନ୍ତି। ନିଜର ବ୍ୟକ୍ତିଗତ ଓ ପରିବାର ପ୍ରତି ଦୃଷ୍ଟି ଦେଇପାରୁ ନ ଥିବା ଡା. କମର ମହମ୍ମଦ ଓ ନିରଞ୍ଜନ ବେହେରା କହିଛନ୍ତି। ଏହା ସହ ଜଣଙ୍କୁ ୬୨ ଓ ଆଉ ଜଣଙ୍କୁ ୫୭ ବର୍ଷ ବୟସ ହୋଇଯାଇଥିବାରୁ ବୟସର ଚାପ ମଧ୍ୟ ସେମାନେ ଅନୁଭବ କରୁଛନ୍ତି। ଏହାପରେ ବି ଏତେ କାମର ଚାପ ଯୋଗୁ ସେମାନେ ରାତିରେ ଶୋଇବା ପାଇଁ ନିଦ ବଟିକା ଖାଇବାକୁ ପଡୁଥିବା ଡାକ୍ତର ମହମ୍ମଦ ପ୍ରକାଶ କରିଛନ୍ତି। ଅଧିକ କାର୍ଯ୍ୟ ସମ୍ପାଦନ କରିବାକୁ ସେମାନେ ଅକ୍ଷମତା ପ୍ରକାଶ କରିବା ସହ ଚାପକୁ ଲାଘବ ପାଇଁ ସିଡିଏମ୍‌ଓଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହା ଜଣାପଡ଼ିବା ପରେ ମେଡିସିନ ବିଭାଗରେ ଅନ୍ତତଃ ପକ୍ଷେ ତୁରନ୍ତ ୨ ଜଣ ବିଶେଷଜ୍ଞ ପୋଷ୍ଟିଂ କରାଯିବାକୁ ପ୍ରୟାସ କରିବା ପାଇଁ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର କହିଛନ୍ତି, ଏନେଇ ସରକାରଙ୍କୁ ଜଣାଇବେ। ଏଥିସହ ଜିଲା ପ୍ରଶାସନ ସହ ଆଲୋଚନାକରି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ।

# ସାର ଦୋକାନରେ ଚଢ଼ାଉ



ପାଟଣା,୧।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଓ ସାହାଜୁଲାଇ ୨୪ରେ ଧରିତ୍ରୀରେ 'କଳା ବଜାରରୁ ଉଚ୍ଚା ଦରରେ ସାର କିଣୁଛନ୍ତି ଚାଷୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ଶୁକ୍ରବାର କୃଷି ବିଭାଗ ଆକ୍ସନ ମୋଡକୁ ଆସିଛି। ପାଟଣା ବ୍ଲକ୍ ଟାଙ୍ଗରପଡ଼ା ସହଦେବ ସାହୁଙ୍କ ଦମୟନ୍ତୀ ସାର ଦୋକାନରେ ବେଆଇନ ଭାବେ ସାର ବିକ୍ରି ହେଉଥିବା ଅଭିଯୋଗ ପାଇ ଫର୍ଟିଲାଇଜର ଏନ୍ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ଏ ନେଇ ସହଦେବଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ସହ ଶନିବାରଠାରୁ ସରକାରୀ ଦରରେ ସମସ୍ତ ସାର ବିକ୍ରି କରିବାକୁ ଘଟଗାଁ କୃଷି ଜିଲା ଅଧିକାରୀ ତୁଷାର କାନ୍ତ ମହାନ୍ତି ତାଗିଦା କରିଛନ୍ତି। ଚଢ଼ାଉରେ କୃଷି ଜିଲା ଅଧିକାରୀଙ୍କ ସହ ପାଟଣା କୃଷୀ ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷୀ ଅଧିକାରୀ ପରେଶ କୁମାର ଦାଶ, ଘଟଗାଁ ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଲରେ ଟଳି ପଡ଼ିଲେ ଶ୍ରମିକ

ଆନନ୍ଦପୁର,୧।୮(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ନହଙ୍ଗି ଗାଁ ନିକଟ ଧାନ କ୍ଷେତରେ ତଳି ଉପାଡ଼ିବା ସମୟରେ ଜଣେ ଶ୍ରମିକ ଟଳି ପଡ଼ିଛନ୍ତି। ମୃତକ ହେଲେ ଯାଜପୁର ଟାଉନ ଅଞ୍ଚଳର ଅଶାନ୍ତ ନାୟକ(୪୦)। ଶ୍ୱଶୁର ଘର ଗଡ଼ବନ୍ଧଗୋଡା ପଞ୍ଚାୟତ ଗୁଡିଆଡୀହ ଗ୍ରାମରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଜମିରେ ତଳି ଉପାଡୁଥିବା ସମୟରେ ହୃଦ୍‌ଘାତର ଶିକାର ହୋଇ ଟଳି ପଡ଼ିଥିଲେ। ରାମଚନ୍ଦ୍ରପୁର ପୋଲିସ ଏକ ମାମଲା(ନଂ.୧୨/୨୫) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

# ପଦବୀ ପୁନର୍ଗଠନ ଦାବି

### ବିଧାୟକଙ୍କୁ ରାଜସ୍ୱ ଅମଲା ସଂଘର ଦାବିପତ୍ର



ଅମଲା ସଂଘର ସଦସ୍ୟ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୧।୮(ନରେଶ ଚନ୍ଦ୍ର ପଟ୍ଟନାୟକ): ପଦବୀ ପୁନର୍ଗଠନ ଓ ରାଜସ୍ୱ ସହାୟକଙ୍କ ମୂଳ ଦରମା ଲେଭେଲ-୯ (ଗ୍ରେଡ୍ ପେ- ୪୨୦୦) ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ ଜିଲାର ସମସ୍ତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଅଗଷ୍ଟ ୧୧ରୁ ସମୂହ ଛୁଟିରେ ରହିବେ ବୋଲି ଜଣାଇଛନ୍ତି।

ପ୍ରକାଶ ଯେ, ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ୧୯୮୪ରୁ କରାଯାଇନାହିଁ। ଏ ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ୧୦ ଦଫା ଦାବି ନେଇ ଏକ ଚରମ ପତ୍ର ପ୍ରଦାନ କରାଯାଇଥିଲା। ପରେ ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କର ଉଚ୍ଚ ପଦାଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ସେବା ପଦବୀର ସଂଶୋଧନ କରାଯିବ ବୋଲି ରାଜସମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ବୋଲି ଅମଲା ସଂଘ ନେତା କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ବୈଠକର ବିବରଣୀରେ ଏ ବିଷୟରେ କୌଣସି କଥା ଉଲ୍ଲେଖ କରାଯାଇ ନ ଥିବା ବେଳେ ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ ସଂଶୋଧନ ଆଳରେ ଗତ ଜୁଲାଇ ୧୬ରେ ରାଜ୍ୟ କ୍ୟାବିନେଟ ଓ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତିରେ ନେଇଥିବା ନିଷ୍ପତ୍ତି ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ସ୍ୱାଭିମାନକୁ କ୍ଷତ ବିକ୍ଷତ କରିଛି ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ବହୁ ଦିନର ପ୍ରତିକ୍ଷିତ ଦାବି ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉ ନ ଥିବାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ ସଂଘର ସଭାପତି ଜିତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଭାତେନ୍ଦୁ ନାୟକଙ୍କ ନେତୃତ୍ୱରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ସଚିନ କୁମାର ପଣ୍ଡା, ଉପଦେଷ୍ଟା କୈଳାଶ ଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ଅଧ୍ୟକ୍ଷା ସୁନନ୍ଦାରାଣୀଙ୍କ ସ୍ମୃତିସଭା

ବଉଳା,୧।୮(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ବଉଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସୁନନ୍ଦାରାଣୀ ସ୍ୱାଇଁଙ୍କ ସ୍ମୃତିଚାରଣ ସଭା ସୋସୋ ପଞ୍ଚାୟତ କାନପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସେ ୧୯୮୬ରେ ବଉଳା ମହାବିଦ୍ୟାଳୟର ଅଧ୍ୟାପିକା ଓ ପରେ ଅଧ୍ୟକ୍ଷା ହୋଇ ୨୦୨୦ରେ ଅବସର ନେଇଥିଲେ। ସେ ଜଣେ ସାହସୀ, ସ୍ପଷ୍ଟବାଦୀ ମହିଳା ଥିବାବେଳେ ନାରୀ ଶିକ୍ଷାର ବିକାଶ ପାଇଁ ସଚେତନତା ସୃଷ୍ଟି କରିବାର ବିନ୍ଧାଣୀ ଥିଲେ ବୋଲି ସ୍ମୃତିଚାରଣ ସଭାରେ ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ରାଉତ, ମୋହନ କୁମାର ମହାନ୍ତିଙ୍କ ସଂଯୋଜନାରେ ପୂର୍ବତନ ପିସିସି ସଭାପତି ନୀରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଧାୟକ ଅଭିମନ୍ୟୁ ସେଠୀ, ହାଟଡ଼ିହି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, କବି ଡ. ଅଶୋକ ପୁହାଣ, ବିକ୍ରମ ବିଶ୍ୱାଳ, ଶଙ୍ଖାଳୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ 'ସ୍ମୃତିରେ ସୁନନ୍ଦା' ନାମକ ଏକ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ।


**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office: **OHPC CORPORATE OFFICE, BHOINAGAR, JANPATH, BHUBANESWAR –751022**
**Tel: 91- 0674-2542983, 2542802, 2545526, 2542826, Fax-2542102**
**E-mail: ohpc.co@gmail.com, CIN : U40101OR1995SGC003963**

**No. OHPC: TECH: C&P: 25/2025-26/6132,** **Date: 01.08.2025**
**ICB No. OHPC -C&P-01/2025 dated: - 01.08.2025**
**NOTICE INVITING TENDER (NIT)**
**(INTERNATIONAL COMPETITIVE BIDDING)**

Odisha Hydro Power Corporation Limited Invites bids from eligible and qualified bidders for carrying out Design, Engineering, Manufacturing, Testing at manufacturer's works before Dispatch, Supply, Transportation, Storage at site, Intra site transportation, Insurance (Transit, Storage cum Erection, Testing & Commissioning), Erection, Testing and Commissioning of 4 nos. Vertical Francis Reversible Pump-Turbines and synchronous Motor-Generator sets each of 150 MW (total of 4 x 150 MW i.e 600 MW) along with all associated Auxiliary and Ancillary Equipments, 400KV GIS, Pothead yard & Power evacuation Structures including all Civil works, Hydro Mechanical works for Upper Indravati Pumped Storage Project through EPC on turnkey basis at Ranibahal, Kalahandi District, Odisha.

For enquiry, the interested bidders may contact Contract & Procurement Head, OHPC Corporate Office and visit website **www.ohpcltd.com**. Subsequent corrigendum/addendum/clarifications to the tender shall be published only on OHPC website mentioned above.

**Tender paper Cost Fee: Rs 20,000/- + G.S.T. @ 18% (Rupees Twenty Thousand Only + G.S.T @18%)**
**Earnest Money Deposit (EMD): ₹40,00,00,000/-(Rupees Forty Crores) Only**
**Sale of Tender documents: 07.08.2025 to 22.08.2025.**
**Last date for submission of Pre-bid queries: 22.08.2025.**
**Pre-Bid Meeting: -29.08.2025.**
**Uploading of Pre-Bid Compliance: - 04.09.2025.**
**Bid submission: - From 05.09.2025 to 19.09.2025 up to 4.00PM.**

**For OHPC Limited**
**Contract & Procurement Head,**
**OHPC Corporate Office, Bhoinagar, Janpath,**
**Bhubaneswar-751022**
**Place: Bhubaneswar, Odisha, India**
**Date : 01.08.2025**
**Email: ohpc.co@gmail.com**
**Website: www.ohpcltd.com**


## ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲା ପୁଅ

ଘଟଗାଁ,୧।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ଥାନା ମେଲାଣ ରଙ୍ଗମାଟିଆ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅନ୍ଧ ବିଶ୍ୱାସର ବଶବର୍ତ୍ତି ହୋଇ ଜନ୍ମକଲା ମା'ଙ୍କୁ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସାହିର ରାଙ୍କି ସୋରେନ ଓରଫ ମୁଣ୍ଡା(୭୦)। ପୋଲିସ ଅଭିଯୁକ୍ତ ପୁଅ ସାଲଖାନ ସୋରେନଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପୁଅ ସାଲଖାନଙ୍କ ସହ ମା'ଙ୍କ ଝଗଡ଼ା ହେଉଥିଲା। ଝଗଡ଼ା ବେଳେ ମା' ତାଙ୍କୁ ମରିବୁ ବୋଲି କୁହନ୍ତି। ଏହାରି ଭିତରେ ସାଲଖାନଙ୍କ ଗତ କିଛିଦିନ ଦେହ ଅସୁସ୍ଥ ରହୁଥିଲା। ତେଣୁ ମରିବା କଥା ତାଙ୍କ ମନରେ ଅନ୍ଧବିଶ୍ୱାସ ଜନ୍ମାଇଥିଲା। ମା' ତାଙ୍କୁ ମାରିଦେବା ପାଇଁ କିଛି ଗୁଣିଚୁଣି କରୁଛନ୍ତି ବୋଲି ଭାବି ତାଙ୍କୁ ଜୀବନରେ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସକାଳେ ମା' ବିଲରେ ଧାନ ରୁଆ କାର୍ଯ୍ୟ କରୁଥିବା ବେଳେ ସାଲଖାନ ଏକ ଟାଙ୍ଗିଆରେ ପଛପଟୁ ମୁଣ୍ଡକୁ ହାଣି ହତ୍ୟା କରିଥିଲେ। ବିଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ପଡ଼ିଥିବା ବେଳେ ଅଭିଯୁକ୍ତ ଘଟଗାଁ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏକ ମାମଲା(ନଂ. ୩୧୭/୨୫) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ବୃଦ୍ଧଙ୍କ ମୃତ୍ୟୁ ପରେ ସ୍ତ୍ରୀ ଛାଡ଼ି ପଳାଇଲେ

### ଶେଷକୃତ୍ୟ କରାଇଲେ ଅଙ୍ଗନୱାଡି କର୍ମୀ

କେନ୍ଦୁଝର,୧।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ସାହାପୁର ପଞ୍ଚାୟତ କାଦକସଡ଼ା ଗ୍ରାମରେ ଏକ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ମଙ୍ଗଳ ମୁଣ୍ଡା(୭୦)ଙ୍କ ଏକ ଅଜଣା ରୋଗରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ମୃତ୍ୟୁ ପରେ କାହାକୁ ନ କହି ଛାଡ଼ି ଚାଲିଯାଇଛନ୍ତି। ଅଙ୍ଗନୱାଡ଼ି କର୍ମୀ ଭାଜପା କର୍ମୀଙ୍କ ସହାୟତାରେ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମଙ୍ଗଳ କିଛିବର୍ଷ ପୂର୍ବରୁ ପଦାକେସେଡ଼ାରୁ ଆସି କାଦକସଡ଼ାରେ ରହି ଆସୁଥିଲେ। ତାଙ୍କର ଆତ୍ମୀୟ କହିଲେ ସ୍ତ୍ରୀଙ୍କୁ ଛାଡି ଦେଲେ କେହି ନ ଥିଲେ। ସେ ରୋଗାଗ୍ରସ୍ତ ଥିବା ବେଳେ ୫ ଦିନ ପୂର୍ବରୁ ମଙ୍ଗଳଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଘଟିବା ପରେ ସ୍ତ୍ରୀ କାହାକୁ ନ ଜଣାଇ କୁଆଡ଼େ ଚାଲି ଯାଇଥିଲେ। ମୃତଦେହ ସେଇ ଘରେ ହିଁ ପଡ଼ି ରହିଥିଲା। ଗାଁ ଲୋକେ ମଧ୍ୟ କାହାକୁ ଜଣେଇ ନ ଥିଲେ। ପରେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଖବର ପାଇ ତାଙ୍କ ସ୍ତ୍ରୀ ତଥା ଅଙ୍ଗନୱାଡି କର୍ମୀ ରଜନୀ ଦେହୁରୀକୁ ଗୁରୁବାର ଦିନ ଜଣାଇଥିଲେ। ଅଙ୍ଗନୱାଡି କର୍ମୀ ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ଦେହୁରୀ ତଥା ଅନ୍ୟମାନଙ୍କୁ ଜଣାଇଥିଲେ। କିନ୍ତୁ କେହି କର୍ଣ୍ଣପାତ କରି ନ ଥିଲେ। ବାଂଶପାଳ ବ୍ଲକ୍ ଆସି ଅଧ୍ୟକ୍ଷକୁ ବି ଜଣାଇଥିଲେ। ପରେ ସ୍ଥାନୀୟ ନେତାଙ୍କୁ ଜଣାଇବା ପରେ ଭାଜପାର କେତେ ଜଣ କର୍ମକର୍ତ୍ତା ମିଶି ବୃଦ୍ଧାଙ୍କ ଅଗଣାରେ ହିଁ ଶେଷକୃତ୍ୟ ପାଇଁ ଅଙ୍ଗନୱାଡି କର୍ମୀ କହିଥିଲେ। ଏପରିକି ଗ୍ରାମବାସୀ ଅଗଣାରେ ମଧ୍ୟ ଶେଷକୃତ୍ୟ କରିବାକୁ ଦେଉ ନ ଥିଲେ। ବହୁ କଷ୍ଟରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ଏଭଳି କାମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/49,ତା.30.07.2025ରିଖ

(1) ଟେଣ୍ଡର ସଂ.e-Tender-CENTKUR-172-2025,ତା.18.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହିନ୍ଦୋଳ ରୋଡ଼ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 706.85 ଲକ୍ଷ, EMD (ଟଙ୍କାରେ) : 5,03,400/-।

(2) ଟେଣ୍ଡର ସଂ.e-Tender-CENTKUR-173-2025,ତା.18.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହିନ୍ଦୋଳ ରୋଡ଼ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା ସୟକ୍ଷୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲୋନ୍ କ୍ଷମତା ବିଶିଷ୍ଟ RCC ଓଭର ହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 143.31 ଲକ୍ଷ, EMD (ଟଙ୍କାରେ) : 2,21,700/-।

(3) ଟେଣ୍ଡର ସଂ.e-Tender-CENKUR-174-2025,ତା.18.07.2025ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ପରିସୀମା ଅଧୀନସ୍ଥ 06 ଗୋଟି ଲେଭେଲ କ୍ରସିଙ୍ଗ ଗୁଡ଼ିକଠାରେ ରବରାଇଜ୍ଡ (Rubberized) ପୃଷ୍ଠଭାଗ ପ୍ୟାଡ୍‌ଗୁଡ଼ିକର ସଂସ୍ଥାପନ ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 151.98 ଲକ୍ଷ, EMD (ଟଙ୍କାରେ) : 2,26,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-426/Q/25-26


## ଭୋଗ ଦୋକାନରୁ ଚୋରି

ଯୋଡ଼ା,୧।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟ ନିକଟରେ ଥିବା ଏକ ଭୋଗ ଦୋକାନରୁ ନଗଦ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। ଶିବ ମନ୍ଦିରର ପୂଜକ ପ୍ରତାପ କୁମାର ପତି ଥାନାରେ ଅଭିଯୋଗ କରିଛନ୍ତି। ପୂଜକଙ୍କର ମନ୍ଦିର ନିକଟରେ ଏକ ଭୋଗ ଦୋକାନ ରହିଛି। ଗୁରୁବାର ରାତିରେ ଦୁର୍ବୃତ୍ତ ଦୋକାନରେ ଲାଗିଥିବା ୩ଟି ତାଲା ଭାଙ୍ଗି ଭିତରେ ପଶିଥିଲେ। ଦୋକାନରେ ଥିବା ନଗଦ ୫ ହଜାର ଟଙ୍କା, ଫ୍ରିଜ୍‌ରେ ଥିବା କ୍ଷୀର, ଦହି ଓ ଅନ୍ୟାନ୍ୟ ସାମଗ୍ରୀକୁ ନେଇଯାଇଥିଲେ। ସକାଳେ ମନ୍ଦିର ପୂଜକ ଦେଖି ନଗଦ ଟଙ୍କା ସହିତ ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଜଣାଇଥିଲେ। ଅଭିଯୋଗ ପାଇ ଯୋଡ଼ା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶିମିଳିପାଳରେ ନେଚର କ୍ୟାମ୍ପ ନିର୍ମାଣରେ ଅନିୟମିତତା

■ତଦନ୍ତ ନିର୍ଦ୍ଦେଶ ଦେଲେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ
■ପୂର୍ବତନ ଉପ ନିର୍ଦ୍ଦେଶକଙ୍କୁ କୈଫିୟତ ତଲବ

ବାରିପଦା,୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଶିମିଳିପାଳ ଜାତୀୟ ଉଦ୍ୟାନରେ ନେଚର କ୍ୟାମ୍ପ ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗନାନୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପୂର୍ବତନ ଉପ ନିର୍ଦ୍ଦେଶକଙ୍କୁ କୈଫିୟତ ତଲବ କରିଛନ୍ତି। ତଦନ୍ତ ପରେ ଆବଶ୍ୟକ ହେଲେ ପୂର୍ବତନ ଉପନିର୍ଦ୍ଦେଶକଙ୍କଠାରୁ ଅନିୟମିତତା ଅର୍ଥ ଭରଣା କରାଯାଇପାରେ ବୋଲି ଗୋଗିନେନୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପ ନିର୍ଦ୍ଦେଶକ ସାଇ କିରଣଙ୍କ ସମୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନଅଣା ରେଞ୍ଜରେ ନେଚର କ୍ୟାମ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୩ ଫେବୃୟାରୀ ୧୯ରେ ନେଚର କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ ଅଟକଳ ୪ କୋଟି ୬୦ ଲକ୍ଷ ଟଙ୍କା ରହିଥିଲା। ମାତ୍ର ୨ ବର୍ଷ ପରେ ମଧ୍ୟ ଏହି ନେଚର କ୍ୟାମ୍ପ ନିର୍ମାଣ ସମ୍ପୂର୍ଣ୍ଣ ନ ହୋଇ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଗୋଟିଏ ପଟେ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ବେଳେ ବିଭାଗ ପକ୍ଷରୁ ୟୁସି ଦିଆସରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମଞ୍ଜୁର ଅର୍ଥ ଯଦି ଖର୍ଚ୍ଚ ହେଲା ତେବେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବା ବେଳେ ଏହି ଗୋଟିଏ ଘଟଣା ନୁହେଁ ଏଭଳି ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ଜିଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ସୂଚନା ଦେଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କଡ଼ା ଚେତାବନୀ ଦେଇଛନ୍ତି।


**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫
**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in** ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍ସନ ପାଇଁ ଟିପିୟୁ ରିଙ୍ଗସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୦୮୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସିଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) ସମ୍ବଳିତ। | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ୍ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪୯ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍‌୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାଞ୍ଜିସନ୍ ସ୍କ୍ରୁ କପ୍‌ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ। | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ-୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର ଡ୍ରାୟର। | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-467)**



**GOVERNMENT OF ODISHA**
**OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**
**INVITATION TENDER CALL NOTICE**

**No.2114** **Dt. - 01.08.2025**

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B) / Water Resources / Rural Work / Minor Irrigation / CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for following works under DMF scheme for the year 2025-26.

| Sl. No. | Name of works | Value of Works In Rupees (Excluding GST) | Bid Security @1% (In Rs) | Cost of Bid document (In Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF MPCC BUILDING AT MAJHAPADA, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 2 | CONSTRUCTION OF MPCC BUILDING AT RITHATOLI, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 3 | CONSTRUCTION OF MPCC BUILDING AT JAIKUDAR, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 4 | CONSTRUCTION OF MPCC BUILDING AT BESALBADI, SALANGABAHAL G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 5 | CONSTRUCTION OF ADDITIONAL CLASS ROOM AT GOVT. UPPER PRIMARY SCHOOL, KARICHAPAL JHARBEDA G.P | 1553390.00 | 15535.00 | 6000/- | "C&D" | 6 (Six) Calendar month |
| 6 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, SALANGABAHAL G.P | 1511102.00 | 15112.00 | 6000/- | "C&D" | 6 (Six) Calendar month |
| 7 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, ANDALI G.P | 1509068.00 | 15090.00 | 6000/- | "C&D" | 6 (Six) Calendar month |

The detailed terms & conditions can be downloaded from the district website www.sundargarh.nic.in

**Sd./- Block Development Officer**
**Kuarmunda**

# ଗନ୍ତବ୍ୟ

## ଗଳ୍ପ

ଭବାନୀ ଶଙ୍କର ଦାଶ

ମୋ ସାମ୍ନା ସିଟ୍‌ରେ ସିଏ ବି ଝରକା ପାଖକୁ ଲାଗିକି ବସିଥିଲେ। ଦୁଇ ତିନୋଟି ଷ୍ଟେଶନ ଟପିଗଲା ଭିତରେ ଖୁବ୍ ଅମାୟିକ ଭାବେ ଅତି ପରିଚିତ ଭଳି ସିଏ ମୋ' ସହ କଥାହେଲେ। ମତେ ଲାଗୁଥିଲା ସିଏ ଯେମିତି ପ୍ରସ୍ତୁତ ହୋଇ ଆସିଥିଲେ ଗପିବା ପାଇଁ। ମୋର ବାଙ୍ଗାଲୋର ଯିବାର ଥିଲା ଏକାଏକା। ଭଲ ହେଲା, ଜଣେ ସୁନ୍ଦରୀ ଭଦ୍ର ମହିଳା ପୁଣି ପ୍ରଗଲ୍‌ଭା ମିଳିଗଲେ। ମୋର ଆସବାବପତ୍ର ସାମାନ୍ୟ ଅଧିକ ଥିଲା। ମାତ୍ର ଭଦ୍ର ମହିଳାଙ୍କ ହାତରେ ଥିଲା କେବଳ ଏକ ବଡ଼ ବ୍ୟାଗ୍। କାହିଁକି କେଜାଣି ହସକୁରୀ ସେ ମହିଳା ଜଣଙ୍କର ହସ ଭିତରୁ ତାଙ୍କ ଉଦ୍‌ବିଗ୍ନତା ବେଶ୍ ବାରିହୋଇ ପଡୁଥିଲା। ତଥାପି ସିଏ କଥାକଥାକେ ହସୁଥିଲେ। ବାରମ୍ବାର ପାଇଖାନା ଯାଉଥିଲେ। ଗଲାବେଳେ ତାଙ୍କ ବ୍ୟାଗ୍ ଉପରେ ନଜର ରଖିବାକୁ କହି ଯାଉଥିଲେ। ପାଇଖାନାରୁ ଫେରି ତାଙ୍କ ବ୍ୟାଗ୍‌କୁ ଜାବୁଡ଼ି ଧରୁଥିଲେ। ଯେତେବେଳେ ବ୍ୟାଗ୍‌କୁ ଧରୁଥିଲେ, ସେତେବେଳେ ଆପେ ଆପେ ତାଙ୍କ ଆଖିରୁ ଲୁହ ଟୋପା ଝରିପଡୁଥିଲା; ଯାହାକୁ ସେ ମୋ ଆଖିରୁ ଲୁଚାଇ ରଖିବାକୁ ଯଥାସାଧ୍ୟ ଚେଷ୍ଟା ବି କରୁଥିଲେ। କ୍ରମେ ଏଭଳି ତାଙ୍କ ରହସ୍ୟମୟ ଆଚରଣରେ ମୁଁ ବଶୀଭୂତ ହୋଇଯାଉଥିଲି।

ବହୁତ ପ୍ରଶ୍ନ ମୋ' ଓଠ ପଛପଟେ ଛଟପଟ ହେଉଥିଲେ ହେଁ ମୁଁ କିଛି ପଚାରିପାରୁ ନଥିଲି। ତଥାପି ନିଜର ଅସମ୍ବରଣୀୟ ଉତ୍ସୁକତାବଶତଃ ପଚାରିଦେଲି ଆପଣ କୋଉଠିକି ଯିବେ? ଉତ୍ତରରେ ଭଦ୍ର ମହିଳା କହିଲେ- 'ବିଶାଖାପାଟଣା'। ଟ୍ରେନ୍‌ର ଗତି ଦ୍ରୁତ ହେବା ସହ ମୋ' ହୃତ୍‌ସ୍ପନ୍ଦନ ବଢ଼ିବଢ଼ି ଯାଉଥାଏ। ସେତେବେଳକୁ ରାତି ପ୍ରାୟ ସାଢ଼େ ଦଶଟା ହେବ। ଭଦ୍ର ମହିଳା ଏଥର ମୁହଁ ଉପରେ ଆଉ ନିଜ ହସକୁ ଧରି ରଖି ପାରିଲେନାହିଁ। ଉଜାଣି କୋହର ଭାରରେ ଅତିଷ୍ଠ ହୋଇ ବାଥ୍‌ରୁମ ଗଲେ। ଏଥର ବି ତାଙ୍କ ବ୍ୟାଗ୍ ଉପରେ ନଜର ରଖିବାକୁ କହିକି ଗଲେ। ତା'ପରେ ଆଉ ଫେରିଲେ ନାହିଁ। ମୁଁ ଅପେକ୍ଷା କଲି। ସାରା ରାତି ବିତିଗଲା। ତଥାପି ତାଙ୍କର ଦେଖାନାହିଁ। ବିଶାଖାପାଟଣାରେ ଗାଡ଼ି ପହଞ୍ଚି ପୁଣି ଆଗକୁ ଚାଲିଲା। ଭଦ୍ର ମହିଳାଙ୍କର ଦେଖାନାହିଁ।

ଏଥର ତାଙ୍କ ବ୍ୟାଗ୍ ଉପରେ ଧ୍ୟାନ କେନ୍ଦ୍ରିତ କଲି। ମତେ ଲାଗିଲା ସେ ବ୍ୟାଗ୍‌ଟା ମଝିରେ ମଝିରେ ହଲୁଛି। ଭଦ୍ର ମହିଳା ଗଲେ କୁଆଡ଼େ? ରାତି ସାଢ଼େ ଗୋଟେ ବେଳେ ରାତି ଖାଦ୍ୟ ଖାଇନେଲି। ତା'ପରେ ଭାବିଲି ସେ ବ୍ୟାଗ୍‌କୁ ଅନ୍ୟ କିଏ କାହିଁକି ନବ ବରଂ ମୋ' ପାଖରେ ଥାଉ। ଭଦ୍ର ମହିଳା ବାଟ ବାଉଳା ହେଇଥିବେ କାଳେ। ୟା ଭାବି ସେ ବ୍ୟାଗ୍‌କୁ ଆଣି ମୋ' ସିଟ୍ ତଳେଥିବା ମୋ' ଜିନିଷପତ୍ର ସହ ଏକାଠି ଚେନ୍‌ରେ ବାନ୍ଧି ଦେଇ ଶୋଇଲି। ସେ ବ୍ୟାଗ୍‌ଟା ଥିଲା ଠିକ୍ ମୋ' କାନ ପାଖରେ। ପାହାନ୍ତା ପହରକୁ ସେ ବ୍ୟାଗ୍ ଭିତରୁ କିଛି ଅସ୍ପଷ୍ଟ କଣ୍ଠସ୍ୱର ଶୁଭିଲା। ଭାବିଲି ତା' ଭିତରେ କୁକୁର ଛୁଆଟେ ଅଛି। ବ୍ୟାଗ୍ ଭିତରେ ମଣିଷ ଛୁଆଟେ ଥିବା କଥାଟାକୁ ମୁଁ ବିଶ୍ୱାସ କରିପାରୁ ନଥିଲି। ମାତ୍ର ଅସ୍ପଷ୍ଟରୁ କ୍ରମେ ସ୍ପଷ୍ଟତର ହେଲା ସେ ଶିଶୁର କଣ୍ଠସ୍ୱର। ଯୁଗପତ୍ ଭୟ ଓ କୌତୂହଳପରବଶ ହୋଇ ବ୍ୟାଗ୍‌ଟିକୁ ଖୋଲିବା ଉଚିତ ହେବ ଭାବି ଖୋଲିଦେଲି। ସତରେ ତା' ଭିତରେ ଶିଶୁକନ୍ୟାଟିଏ ଥିଲା। କାନ୍ଦିଲେ ନ ଶୁଭିବା ପାଇଁ ତା' ପାଟିରେ ସରୁ ପତଳା ଅଠାର ଟେପ୍‌ଟିଏ ଲଗାଯାଇଥିଲା। ପାଖରେ ଥିଲା ଶିଶୁଖାଦ୍ୟଭର୍ତ୍ତି ପିଲାଙ୍କ ଖାଦ୍ୟ, ପାଣି ବୋତଲ ଓ ଥିଲା ଫର୍ଦ୍ଦେ କାଗଜରେ କେତେଧାଡ଼ି ଅବ୍ୟବସ୍ଥିତ ଲେଖା।

ହେ ମହାତ୍ମା, ଆପଣ ଏ ଚିଠି ପଢ଼ିଲାବେଳକୁ ଦୁଇଟି ଜୀବନରୁ ଗୋଟିଏ ହୁଏତ ଏ ଦୁନିଆରେ ନ ଥିବ। ବିବାହର ଗୋଟିଏ ବର୍ଷ ମଧ୍ୟରେ ଗର୍ଭରେ ଭ୍ରୂଣସଞ୍ଚାର ହେଲା ଓ ଯୌତୁକ ଆଳରେ ଖୁବ୍ ଅତ୍ୟାଚାରର ହେଲା ଅୟମାରମ୍ଭ। ମୋତେ ଓ ଗର୍ଭସ୍ଥ ଶିଶୁର ହତ୍ୟା ପାଇଁ ଅନେକ ଯୋଜନା ସ୍ୱାମୀଙ୍କ ତରଫରୁ କରାଯିବା ପରେ ବି ଆମେ ଦୁହେଁ ମରିପାରିଲୁ ନାହିଁ। ଛୁଆ ଜନ୍ମ ହେଲା ପରେ ବାରମ୍ବାର ତା' ଖାଦ୍ୟରେ ବିଷ ମିଶାଇଲା ମୋ' ଜହ୍ଲାଦ ସ୍ୱାମୀ। ଏପରିକି ନାଗସାପ ଆଣି ମୋ' ଶୋଇବା ଘରେ ଛାଡ଼ିଲା। ଆଉ କ'ଣ କରିଥାନ୍ତି। କୋଉ ମାଆ ଚାହେଁ ତା' ସାମ୍ନାରେ ତା' ସନ୍ତାନର ଅତ୍ୟାଚାରଜନିତ ଅପମୃତ୍ୟୁ? ଆଉ ସହିପାରିଲିନି। ମତେ ଓ ଛୁଆକୁ ମାରିବା ପଛରେ ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲା ଭଲପାଉଥିବା ଅନ୍ୟ ଏକ ଝିଅକୁ ବିବାହ କରିବା। ତିନିଦିନ ତଳେ କନାଶେଯରେ ଗୁଡ଼ାଇ ଛୁଆକୁ ନେଇ ବାରିପଟ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିଲେ। ସେତେବେଳକୁ ରାତି ଦୁଇଟା। ଅନ୍ଧାରରେ ଛୁଆକୁ ଖୋଜି ପାଇଲି। ଆଉ ଘରକୁ ଫେରିନି। ସିଧା ଆସିଲି ଷ୍ଟେଶନକୁ। ଭାବିଥିଲି ଛୁଆକୁ ଧରି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିବି ବୋଲି। ହେଲେ ପାରିଲିନି। ନିରୁଦ୍ଦିଷ୍ଟ ହେବାପାଇଁ ଟ୍ରେନ୍‌ରେ ବସିଲି। ଆଉ ତା'ପରେ ଆପଣ ଭେଟହେଲେ। ଯଦି ଆପଣ ଘୃଣା କରନ୍ତି, ତେବେ ଟ୍ରେନ୍‌ରେ ପିଲାଟାକୁ ଛାଡ଼ିଦେଇ ଯିବେ। ବଞ୍ଚିଲେ ବଞ୍ଚିବ ନହେଲେ ନାହିଁ। (ଇତି) ହତଭାଗିନୀ ମାଆ।

ଚିଠିରେ କାହାର ନାମ କି ଫୋନ୍ ନମ୍ବର ନଥିଲା। ପିଲାଟାର ପାଟିରୁ ଲଗାଯାଇଥିବା ପଟି ଖୋଲିଲି। ରାହାଧରି ପିଲାଟା କାନ୍ଦୁଥିଲା। ପାଖରେ ରଖାଯାଇଥିବା ବୋତଲରୁ ଖାଦ୍ୟ ଖୁଆଇଲି। ପିଲାର କାନ୍ଦ କମିଲା। ୟା ପରେ ମୋ' ଭିତରେ ଅଜସ୍ର କାନ୍ଦ ସୃଷ୍ଟି ହେଲା ଏଇ ପିଲାକୁ ନେଇ। ଧର୍ମତଃ, ଆଇନତଃ ଓ ନ୍ୟାୟତଃ ମୋର କର୍ତ୍ତବ୍ୟ କ'ଣ ହେବା ଉଚିତ ସ୍ଥିର କରିପାରୁ ନଥିଲି। ଗନ୍ତବ୍ୟ ସ୍ଥଳରେ ଟ୍ରେନ୍ ରହିଲା। ଆଗ ପିଲାଟାକୁ ଆଣି ପ୍ଲାଟ୍‌ଫର୍ମ ଉପରେ ଶୁଆଇ ମୋ' ଆସବାବପତ୍ର ବାହାରକୁ ଆଣି ଛୁଆକୁ କୋଳକୁ ନେବାକୁ ଖୋଜିଲି, ମାତ୍ର ଛୁଆ ନଥିଲା।

ମୋ:୮୯୧୭୬୨୪୩୮୬



## କବିତା

### ଅଭୀପ୍ସିତ

ଶୁଭସ୍ମିତା ତ୍ରିପାଠୀ

ଏମିତି ଏକ ସମୟ ଆସୁ,
ଯେତେବେଳେ ତୁମ ପୃଥିବୀ
ଆଉ ମୋ' ପୃଥିବୀର ଜହ୍ନ
ଅଲଗା ଅଲଗା ନ ଉଇଁ
ଏକାଠି ଉଇଁବେ।

ସେତେବେଳେ ହେଇଥିବ ଗୋଟେ
ବାସ୍ନାବିଭୋର ରାତି
ସେତେବେଳେ ସବୁ ଫୁଲ ମିଛ,
ତାରାମାନେ ମିଛ
ଆଉ ଜହ୍ନକୁ ମିଛ କହି
ସତ ହେଇ ରହିବା ଖାଲି ଆମେ!

ଏମିତି ଏକ ସମୟ ଆସୁ,
ଯେତେବେଳେ ସକାଳ
ମହକିବ ହସଲୁହର କବିତାରେ
ଭୁଲିଯିବା ଆମେ
କେତେବେଳେ ପାହାଡ଼ ଫାଙ୍କରୁ ଉଇଁବ ସୂର୍ଯ୍ୟ,
ଆଉ ରାତିର ସ୍ୱପ୍ନରୁ ଝରୁଥିବ
ମୁଠାମୁଠା କାକର,
କାଶତଣ୍ଡୀର ଅଗଣାରେ
ଆମେ ଶୁଣୁଥିବା ଲୁଚିଲୁଚି
ହଳଦୀବସନ୍ତର ଗୀତ!

ଏମିତି ଏକ ସମୟ ଆସୁ,
ଆବେଗର କୃଷ୍ଣଚୂଡ଼ା ଗଛତଳେ ଶୋଇ
ଆମେ ଅପେକ୍ଷା କରିବା ଫୁଲ ଫୁଟିବାର ଋତୁ
କିଛି ନ ଥିବାର ଜୀବନରେ ଖୋଜିବା
ମହୁଫେଣାର ବାସ୍ନା,
କେତେ ମୁହଁ ଫୁଲେଇ ବସିଥିବା ଅଭିଯୋଗ
ଆଉ ଅଭିମାନର ପୃଷ୍ଠାରେ ଲେଖିବା
ଭଲପାଇବାର ଗଜଲ!

ଏମିତି ଏକ ସମୟ ଆସୁ,
ଘରକୋଣରୁ ଅଳନ୍ଧୁ ସଫା କଲାପରି
ଆମେ ପରସ୍ପରର ମନରୁ
ପୋଛି ଦେଉଥିବା ଦୁଃଖ,
ରାତି ରାତି ନ ଶୋଇ ଗଣି ବସିବା ତାରା,
ମେଘର ନୀଳ ଲଫାପାରେ ଦେବା
ପରସ୍ପରକୁ ଚିଠି।

ସାଉଁଟି ନେବା କେତେ କେଉଁ ବାସ୍ନାୟିତ କାଳ,
ମୁଁ ହେବି କାକର ବତୁରା ଅଳସ ଉଦୟ
ଆଉ ତମେ ମୋ' ଅବୁଝା ଅସ୍ଥିର ଖରାବେଳ!

ଶିକ୍ଷୟିତ୍ରୀ, ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦

### ରହୁ ରହୁ

ଗଜାନନ ମିଶ୍ର

କାରଣ ନାହିଁ କିଛି
ମୋ' କବିତା ଲେଖିବାର।
କିଛି ନାହିଁ କାରଣ
ଫୁଟାଫୁଟା ଆବାଜର।

କ'ଣ ଖୋଜୁଖୋଜୁ
ହଜାଇ ଚାଲିଛି ମୁଁ
ମୋ' ନିଜକୁ ଏଇଠି।
ଦୁଃଖ ଆଉ ସୁଖ
ଭୋଗୁଭୋଗୁ ମୁଁ ଇ
ଦେଖି ଶୁଣି ବିବଶ।

କାରଣ ନାହିଁ କିଛି
କହୁକହୁ ଚୁପ୍ ମୁଁ ବି!
ଏମିତି ବି ଖଣ୍ଡଖଣ୍ଡ
ଦିଶୁଦିଶୁ ଫୁଟା ତାରା।
ଏମିତି ବି ରହୁରହୁ
ଯାଏ ଶୁଖି ସବୁ ସମୁଦ୍ର।

ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

### ଗୀତି-କବିତା

### ତୁମେ ହିଁ କେବଳ ମୋର

ବିଷ୍ଣୁମୋହନ

ମନ ଝରଣାର ସ୍ୱଚ୍ଛ ସଲିଳ
ହୋଇନାହିଁ ପଙ୍କିଳ
କା' ଛାଇ ପଡ଼ିନି ନୀଳ ଜଳ ଦେହେ
ରହିଅଛି ନିରିମଳ।

ରୂପ ଲାବଣ୍ୟର ଶରୀର ତୁମର
ହୃଦ କରଇ ଫେନିଳ
ମନ ମନ୍ଦିରେ ଜାଳଇ ପ୍ରଦୀପ
ପ୍ରେମରେ କରି ସଜଳ।


ତୁମରି ଦେହର ରୂପ ଚିତ୍ରଣେ
ମନ ମୋ ଚଳଚଞ୍ଚଳ
ରୂପମୟ ସେହି ଯଉବନ ତବ
କରଇ ମୋତେ ପାଗଳ।

ଛାଡ଼ି ଚାଲିଗଲେ ଶିରାବଣ ମେଘ
ପରି ହେବି ଅଶ୍ରୁଳ
କୂଳ ଲଂଘିବ ଲୁହର ବନ୍ୟା
ହୋଇ ପ୍ରବଳୁ ପ୍ରବଳ।

ମୋ: ୭୨୦୫୭୫୮୨୫୫

## ପୁସ୍ତକ ପରିଚୟ


### ଓଡ଼ିଆ ସାହିତ୍ୟରେ ରାଧାନାଥ, ସତ୍ୟବାଦୀ ସବୁଜ ଓ ପ୍ରଗତିଯୁଗ



**ଲେଖକ:** ପ୍ର. ବୈଷ୍ଣବ ଚରଣ ସାମଲ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୬୦/-

ମୋଟ ପାଞ୍ଚଟି ପରିଚ୍ଛେଦରେ ପ୍ରଫେସର ସାମଲ ଓଡ଼ିଆ ସାହିତ୍ୟର ଚାରିଟି ଯୁଗ (ତାଙ୍କ ବିଚାରରେ)ର ପ୍ରମୁଖ କବି, ଲେଖକ ଓ ସେମାନଙ୍କର ପ୍ରମୁଖ ରଚନା ସହିତ ଯୁଗଭୁକ୍ତ ଗୌଣ ଲେଖକମାନଙ୍କ ସାହିତ୍ୟକୃତିର ଆଲୋଚନା କରିଛନ୍ତି ଏହି ପୁସ୍ତକରେ। ପରିଚ୍ଛେଦଗୁଡ଼ିକର ନାମକରଣ ହୋଇଛି ଏହିପରି- ଯଥା: ରାଧାନାଥ ଯୁଗ, ନବଯୁଗର କବି ଓ କବିତା, ସତ୍ୟବାଦୀ ଯୁଗ, ସବୁଜ ଯୁଗ ଓ ପ୍ରଗତି ଯୁଗ। ପୁସ୍ତକଟି ମୁଖ୍ୟତଃ ଓଡ଼ିଆ ଭାଷା-ସାହିତ୍ୟର ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ହୋଇଛି। 'ମୋ ତରଫରୁ' ଶୀର୍ଷକ ଗଦ୍ୟଲେଖରେ ଲେଖକ କହିଛନ୍ତି: ''ଛାତ୍ରୀଛାତ୍ରମାନଙ୍କର ରୁଚି ଓ ଆହରଣ କ୍ଷମତାକୁ ଆଖିଆଗରେ ରଖି ଏହି ପୁସ୍ତକର ପରିକଳ୍ପନା କରାଯାଇଛି। ରାଧାନାଥ ଯୁଗ, ସତ୍ୟବାଦୀ, ସବୁଜ ଓ ପ୍ରଗତି ଯୁଗର ମୁଖ୍ୟ କବି ଓ ଲେଖକମାନଙ୍କ ସହିତ ଅନ୍ୟାନ୍ୟ ଗୌଣ କବି ଓ ଲେଖକମାନଙ୍କ ବିଷୟରେ ଆଲୋଚନା କରାଯାଇଛି।'' ଶିରୋନାମାରେ 'ସବୁଜ ଯୁଗ' ଉଲ୍ଲେଖ କରିବା ସତ୍ତ୍ୱେ ପ୍ରଫେସର ସାମଲ ସବୁଜ ସମ୍ପର୍କରେ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ତାଙ୍କ 'ସବୁଜରୁ ସାଂପ୍ରତିକ' ଗବେଷଣାଗ୍ରନ୍ଥରେ ଦେଇଥିବା ମତକୁ ସମର୍ଥନ ଦେଇଛନ୍ତି ଓ କହିଛନ୍ତି: ''ସତ୍ୟବାଦୀ ଯୁଗର ଦ୍ୱିତୀୟ ଦଶନ୍ଧି ଆରମ୍ଭରୁ ସବୁଜ ଚେତନାର ହେଲା ଉନ୍ମେଷ। ଏହାକୁ କେତେକ ସବୁଜ ଯୁଗ ବୋଲି ଅଭିହିତ କରିଛନ୍ତି। ମାତ୍ର ଏହାକୁ ଯୁଗ ନ କହି ଯୁଗାଭାସ କୁହାଯିବା ସମୀଚୀନ।'' ଆଲୋଚନା ପୁସ୍ତକଟି ବିଦ୍ୟାର୍ଥୀମାନଙ୍କ ଜିଜ୍ଞାସା ମୋଚନରେ ଯେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

### ସୂଚୀପତ୍ର



**କବି:** ବିନୟ ଭୂଷଣ ମହାପାତ୍ର
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୯/-

ମୋଟ ୪୪ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିଙ୍କର ଏହା ପ୍ରଥମ କବିତା ସଂକଳନ। ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରଚ୍ଛଦଲେଖରେ କବିଙ୍କ ସମ୍ପର୍କରେ କହିଛନ୍ତି: ''ଆବେଗ ଓ ଆରତ ତାଙ୍କ କବିତାର ମୁଖ୍ୟ ଉପାଦାନ।'' କବି ନିଜ କବିତା ସମ୍ପର୍କରେ ସ୍ୱତନ୍ତ୍ର ଭାବେ କିଛି କହିନାହାନ୍ତି। ତାଙ୍କ ପାଇଁ ତାଙ୍କ କବିତା କହିଛି। ବହିରୁ କେତୋଟି ଉଦ୍ଧୃତି ଆମେ ନେବା କବିଙ୍କୁ ଚିହ୍ନିବା ପାଇଁ- ୧. ''ଲେଖାଅଛି ଏଠି ଅନୁଭୂତି ରସେ/ ଜୀବନର ପ୍ରତିଭାଗ,/ ମନ ଉପବନେ ଯୌବନ କୁସୁମ/ ଫୁଟି ଚହଟଇ ଦିଗ।/ ପ୍ରେମ ପ୍ରଣୟର ଅନ୍ତରଙ୍ଗ ସୂତ୍ରେ/ ହୃଦୟର ଅନୁରାଗ,/ କେତେବେଳେ ମିଳେ ଭବ୍ୟ ପୁରସ୍କାର/ ଆଉ କେବେ ଲାଗେ ଦାଗ।'' (ସୂଚୀପତ୍ର, ପୃ:୧୮), ୨. ''ଅଙ୍କ ବିଭାଜନ ଭାଜ୍ୟ ଏ ଜୀବନ/ ଭାଜକ ସମ୍ପର୍କ ରସ,/ ଭାଗଫଳ ସ୍ଥଳେ ଭାଗ୍ୟଫଳ ମିଳେ/ ମୃତ୍ୟୁ ସଦା ଭାଗଶେଷ।'' (ଜଟିଳ ଗଣିତ, ପୃ:୫୫), ୩. ''ଅଝଟ କପଟ ଛାଡ଼େ ନାହିଁ ବାଟ/ ଜୀବନର ରଣାଙ୍ଗନେ,/ ମଧୁର ସମ୍ପର୍କ କରିଦେଇ ନର୍କ/ ସ୍ୱାର୍ଥ ବଢ଼େ ଆୟତନେ।'' (ଜୀବନଯୁଦ୍ଧ, ପୃ:୧୨୨)। କବିଙ୍କ ଆଖି ଚାରିଦିଗକୁ ମେଲା। ଜୀବନ ଓ ଜଗତକୁ ସେ ମନବୋଧ କରି ଦେଖନ୍ତି। କିନ୍ତୁ ଅଭିଜ୍ଞତାକୁ କବିତା କଲାବେଳେ କବିଠାରୁ ଯେଉଁ ନିକ କବିତ୍ୱର ପ୍ରତ୍ୟାଶା ରଖାଯାଏ, ତାହା ସେ ପୂରଣ କରିପାରନ୍ତି ନାହିଁ। ତାଙ୍କ ପାଖରେ ପ୍ରସଙ୍ଗ ନାନାବିଧ ଓ ସେସବୁକୁ ଧରି ରଖିବା ପାଇଁ ଆବେଗର ମଧ୍ୟ ଊଣା ନାହିଁ। ନିରନ୍ତର ସାଧନା ଦ୍ୱାରା କବିତାରେ ନିଜର କମିପଣକୁ ଅତିକ୍ରମ କରି ସେ ଏକ ନୂଆ ପରିଚୟ ହୋଇପାରିବେ ବୋଲି ଆମେ ଆଶା କରିବା।

## କାଳକାଳକୁ



**''ଯହିଁରେ ଭାବ ନାହିଁ, ଯାହା ରସହୀନ;**
**ତାହା ହୃଦୟ ନୁହେଁ, ପଥର।''**
**- ମୈଥିଳୀ ଶରଣ ଗୁପ୍ତ**

**ମୈଥିଳୀ ଶରଣ ଗୁପ୍ତ**ଙ୍କ ଜନ୍ମ ୩ ଅଗଷ୍ଟ ୧୮୮୬ରେ ଓ ପରଲୋକ ୧୨ ଡିସେମ୍ବର ୧୯୬୪ରେ। ସେ ଏକାଧାରରେ କବି, ରାଜନୀତିଜ୍ଞ, ନାଟ୍ୟକାର ଓ ଅନୁବାଦକ। ତାଙ୍କର ପ୍ରସିଦ୍ଧ କାବ୍ୟଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ- 'ଜୟଦ୍ରଥ ବଧ' (୧୯୧୦), 'ଭାରତ ଭାରତୀ' (୧୯୧୨), 'ପଞ୍ଚବଟୀ' (୧୯୨୫), 'ସାକେତ' (୧୯୩୧), 'ଯଶୋଧାରା' (୧୯୩୨) ଓ 'ଦ୍ୱାପର' (୧୯୩୬)। ଭାରତୀୟ ସାହିତ୍ୟକୁ ଅମ୍ଳାନ ଅବଦାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ୧୯୫୪ରେ ସେ 'ପଦ୍ମଭୂଷଣ'ରେ ସମ୍ମାନିତ। ମହାତ୍ମା ଗାନ୍ଧୀ ତାଙ୍କୁ 'ରାଷ୍ଟ୍ରକବି' ଭାବେ ସମ୍ବୋଧିତ କରୁଥିଲେ। ଖଡ଼ିବୋଲି ଭାଷାର ରଚନାକାର ଭାବେ ସେ ପ୍ରସିଦ୍ଧ ଥିଲେ।

# ମା'ଝିଅର ଆକାଶ

## ଲଘୁ ଗଳ୍ପ

ମହାଶ୍ୱେତା ସାହୁ

କଥାଟିଏ କହୁଁ, କଥାଟିଏ କହୁଁ। କିସ କଥା? ବେଙ୍ଗୁଲୀ କଥା। କି ବେଙ୍ଗ? ଠୁରା ବେଙ୍ଗ। କି ଠୁରା? ବ୍ରାହ୍ମଣ ମରା। କି ବ୍ରାହ୍ମଣ? ଶୁଦ୍ଧ ବ୍ରାହ୍ମଣ। କି ଶୁଦ୍ଧ? ପିଠା ମଧ। କି ପିଠା? ତାଳଗଇଁଠା। କି ତାଳ? ସୋରିଷ ମାଳ। କି ସୋରିଷ? ଅଣସୋରିଷ। କି ଅଣ? କିଆବଣ। କି କିଆ? ରଜାଡିଆ। କି ରଜା? ଖଣ୍ଡି ଖଜା। କି ଖଣ୍ଡି? ମିରିଗ ଲଣ୍ଡି। କି ମିରିଗ? ଝାଡ଼ ମିରିଗ। କି ଝାଡ଼? କଣ୍ଟା ବାଡ଼। କି କଣ୍ଟା? କାନକୋଳି କଣ୍ଟା। ଯହିଁରେ ଲାଗିବ ଲଟାପଟା।

ଗୀତ ଶେଷଆଡ଼କୁ ହୋ ହୋ ହୋଇ ହସୁଥିଲେ ମା' ଝିଅ! ଝିଅ ମା'ର ଜଙ୍ଘ ଉପରେ ନିଜର ଗୁଲୁଗୁଲିଆ କୁନି ପାଦ ଦି'ଟାକୁ ଥୋଇଦେଇ ପେଟ ଉପରକୁ ଚଢ଼ିଆସେ, ମୁଣ୍ଡକୁ ନଦିଦିଏ ମା' ଛାତିରେ। କହେ ଜାଣ ମାମା ଆମ ମିସ୍ କହୁଥିଲେ- ମା' ହେଉଛି ସବୁଠାରୁ ବେଷ୍ଟ ଫ୍ରେଣ୍ଡ୍! ତାକୁ ସବୁ କହିହୁଏ।

ଜାଣ ଆଜି ନା ଅଙ୍କିତା ପଡ଼ିଆଯାକ ବୁଲିଲା ଏକା। ପନିସ୍‌ମେଣ୍ଟ ପାଇଛି ସାର୍‌ଙ୍କଠାରୁ।

- କ'ଣ ପାଇଁରେ?

ତମେ ଜାଣିନ? 'ମୁଁ କେମିତି ଜାଣିବି ଯେ' ତୁମେ ତ ଆମ ସ୍କୁଲରେ ପଢୁନ କି ଚାକିରି କରିନ! ସେ ନା ବହୁତ ଦୁଷ୍ଟ ହଉଥିଲା, କ୍ଲାସ୍‌ଯାକ ଖାଲି ଘୂରିବୁଲେ, ଗୋଟେ ଜାଗାରେ ବସେନି। ପାଟି ଚିଲ୍ଲାଏ- କହେ ଚୁପ୍ ବେ... କେତେ ଅସଭ୍ୟ ସେ। ମାମ୍ ତାକୁ ଗାଳିକରନ୍ତି, କହନ୍ତି- ତୋ ମା'ବାପା କେମିତି ତୋତେ କିଛି ଶିଖାଇ ନାହାନ୍ତି!

ସେ ରାଗିଯାଏ ଖୁବ୍। କହେ ଚୁପ୍ ବେ! ମିସ୍ ତାକୁ ରାଗିକି ପୂରା ସ୍କୁଲ ପଡ଼ିଆଯାକ ବୁଲିବାକୁ କହିଲେ। ପୂରା ସାବାଡ୍। ନାଲି ପଡ଼ିଯାଇଥିଲା ତା' ମୁହଁ। ମାତ୍ର ତା' ମା' ବିଷୟରେ କେବେ ଥରେ ମଧ୍ୟ କହେନି କିଛି।

- ଓଃ! ମା' ଶୁଣେ ଝିଅର ଆବୁର୍ ଜାବୁର୍ ଅନେକ କଥା।

ଝିଅ କଥା ଅଧାରୁ ଧାଇଁଲା ତା' ସାଙ୍ଗକୁ ଦେଖି। ମା' ପିଠା ବନାଇବାରେ ବ୍ୟସ୍ତ। ମା' ଝିଅର ଆକାଶରେ ଆସନ୍ତି ତାରାମାନେ ଫୁଲ ହୋଇ ଫୁଟନ୍ତି ଖସିପଡ଼ନ୍ତି



ରାତି ପାହିଲେ ତାଙ୍କ ବଗିଚାରେ। ଯାହାକୁ ଝିଅ ତୋଳିଆଣେ ଯତ୍ନରେ ଫୁଲଡାଲାରେ। ମା' ପୂଜାକରେ ଠାକୁରଙ୍କୁ। ଝିଅ ଦିନେ ପଚାରିଲା ବିଷଣ୍ଣ ହୋଇ- ମାମା ତୁମେ ମତେ କେମିତି ପାଇଲ? କ'ଣ ହସ୍ପିଟାଲରୁ? ପଚାରେ ଗୁଲୁଗୁଲିଆ ଓଠରେ, ଏ ଅଧାଅଧା ଅସ୍ପଷ୍ଟ ଶବ୍ଦଗୁଡ଼ିକ ବେଶ୍ ମନଲୋଭା। ମା' କହନ୍ତି - କିଏ କହିଲା ମୁଁ ତତେ ପାଇଲି? ମୁଁ ପେଟକାଟି ତୋତେ ଜନ୍ମ କରିଛି। ଦେଖୁନୁ ଏବେ ବି ଅଛି ପେଟରେ କଟାଦାଗ।

ଝିଅ ନଇଁପଡ଼ି ଦେଖୁଛି ଷ୍ଟିଚ୍‌ର ଲମ୍ବା ଦାଗ। କାନ୍ଦିପକାଇ ଆଉଁଶିଦିଏ ମା'ର ପେଟକୁ। ପଚାରେ- ତୁମକୁ ବହୁତ କଷ୍ଟ ହୋଇଥିବ ନା ମାମା!

-ନାଇଁ ଲୋ! ତୁ ଆସିବା ପରେ ମୁଁ ପୂର୍ଣ୍ଣ ହୋଇଗଲି। ଲାଗିଲା ମୋ' ବଞ୍ଚିବା ଲାଗି ସାହାରା ମିଳିଗଲା। ତୁ କେତେ ମୂଲ୍ୟବାନ ତୁ ଜାଣୁନା। ସାରା ପୃଥିବୀର ସବୁ ଧନ ତୋ ପାଖରେ ତୁଚ୍ଛରେ ଧନ!

ଚୁମ୍ବିଲା ମା' ଝିଅର କପାଳ ଓ ଗାଲ। ସ୍ନେହରେ ଓଦା ହୋଇଗଲା ସେ। ମା' ଅନେଇଲା ଆକାଶକୁ, ଝିଅ ମଧ୍ୟ ଅନେଇଲା। ଆକାଶରେ ଆକାଶେ ଧଳା ବଉଦ। ଅତୀତ ଅସ୍ପଷ୍ଟ, ବର୍ତ୍ତମାନ ଅବଶିଷ୍ଟ ଅନୁସନ୍ଧିତ୍ସା। ଜୀବନ କିନ୍ତୁ ସୁନ୍ଦର। ଆନନ୍ଦମୟ, ତାକୁ ସମୟ ଅତି ନିଷ୍ଠୁର ନିର୍ମମ ଭାବରେ ଛଳାଇନିଏ।

ଝିଅ ମା'ର ଆଖିକୁ ଝାଙ୍କି ପଚାରିଲା- ମାମା ତୁମ ଆଖି ସବୁବେଳେ ଓଦା କାହିଁକି? କାହିଁକି ଆପୁ ମମି ପରି ହସ ନାହିଁ ଠୋ ଠୋ..., କାହିଁକି ତୁମେ ପିନ୍ଧନାହିଁ ଜିନ୍‌ସ। କାହିଁକି ତୁମେ ଯାଅନାହିଁ ବୁଲିବାକୁ?

ଓଠରେ ହସଫୁଟାଇ ମା' କହିଲା ଝିଅକୁ- ବୁଝିଲୁ ଝିଅ, ସୁସଜ୍ଜିତ ଜମାଣରେ ଥିବା ଏଇ ହତଭାଗିନୀ ମାମା ତୋର ଚିରକାଳ ଏକୁଟିଆ ଲୋ, ତୁହି ଏକମାତ୍ର ସମ୍ପତ୍ତି ଯାହାକୁ ମୁଁ ଅଣ୍ଟିରେ ସାଇତି ରଖିଛି। ଯାହା ପାଖରେ ମୋର ସବୁ ପାପ, ସବୁ ପୁଣ୍ୟର ହିସାବ ମୁଁ ଦେଇପାରିବି। ଆଉ ତୁ ମଧ୍ୟ ନିରବରେ ଉଦାରତାରେ ମତେ ସହିନେବୁ।

- ହଁ ମାମା! ତୁମେ କୁହ ପରା ତୁମର ମୁଁ ମାମା! ମୁଁ ବଡ଼ ହୋଇଗଲେ ତୁମକୁ ସାରା ପୃଥିବୀ ବୁଲେଇବି, ବୁଢ଼ୀ ହୋଇଗଲେ ମଧ୍ୟ ଜିନ୍‌ସ ପିନ୍ଧେଇ ଗାଡ଼ିରେ ବସାଇ ଘୂରାଇବି। ଗୋଟେ ଦୀର୍ଘ ବର୍ଷା ରାତିରେ ଆମେ ମାଛ ଧରିବା ପୋଖରୀରୁ। ବଣରେ ଭୋଜି କରିବା, ଢେର୍ ବୁଲିବା ସାରା ପୃଥିବୀ।

ଝିଅ ଆଖିରେ ଅସରନ୍ତି ସ୍ୱପ୍ନ। ଚମକିପଡ଼ିଲା ମା', ଝିଅ ଏତେ କୁନିରୁ ଏତେ ବୟସ୍କ କେବେ ପାଲଟିଗଲା! ଝିଅରୁ ମା' କେବେ ହୋଇଗଲା। ବୋଧହୁଏ ସବୁ ଝିଅମାନେ ମା'ର ମା' ପାଲଟିଯାଆନ୍ତି ସାମାନ୍ୟ ହେଉହେଉ। ଜନ୍ମ ସହ ମାତୃତ୍ୱକୁ ଉତାରି ଆଣିଥିବା ଝିଅର ଛାତିରେ ମା' ମୁଣ୍ଡ ଚାପିଦେଲା। ଆଖିରେ ଟଳମଳ ଲୁହ। ସେ ଲୁହ କିନ୍ତୁ ଓଦା କରୁଥିଲା ତା' ମନର ଆକାଶକୁ...।

ଅଧ୍ୟାପିକା, ଓଡ଼ିଆ ବିଭାଗ,
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ, ରାଉରକେଲା
ମୋ: ୮୩୨୭୭୫୭୬୧୯


ଯୋଗାଯୋଗ: E-mail:dharitrisahityayana@gmail.com

# ହାତଗୋଡ଼ ବାନ୍ଧି ପଥରରେ ଛେଚି ଦେଇଥିଲେ

ବାରିପଦା/କୁଳିଅଣା,୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବଡ଼ନୂଆଗାଁ ଗ୍ରାମ ଡବଲ ମର୍ଡର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ନୂଆଗାଁ ଗ୍ରାମର ମୃତା ସୋନାଲିଙ୍କ ସ୍ୱାମୀ ଦେବାଶିଷ ପାତ୍ର(୩୬), ଦେବାଶିଷଙ୍କ ମା' ଭାରତୀ ପାତ୍ର(୬୦) ଓ ତିତିରି ଗ୍ରାମର ଶମ୍ଭୁନାଥ ନାଏକ(୨୯) ଓ ସିପୁନ ପ୍ରଧାନ(୨୫)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୩୬/୨୫) ରୁଜୁ କରିଛି। ମା' ଝିଅଙ୍କ ହାତଗୋଡ଼ ବାନ୍ଧି ପଥର ଓ କୁରାଢ଼ିରେ ଛେଚି ହତ୍ୟା କରାଯାଇଥିବା ନେଇ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାଯୋଗ୍ୟ, ଦେବାଶିଷ ୨ ବର୍ଷ ପୂର୍ବେ ସୋନାଲିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କଳିଝଗଡ଼ା ଲାଗିରହୁଥିଲା। ଏହାକୁ ନେଇ ସୋନାଲି ବାରମ୍ବାର ନିଜ ବାପଘର ଆମ୍ବଡୁବି ଗ୍ରାମକୁ ପଳାଇ ଯାଉଥିଲେ। ଇତିମଧ୍ୟରେ ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସୋନାଲି ବାପଘରକୁ ପଳାଇଯାଉଥିବାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ସୁସମ୍ପର୍କ ରହୁ ନ ଥିଲା। ୨୦୨୪ ସେପ୍ଟେମ୍ବର ୮ରେ ସୋନାଲି କୁଳିଅଣା ଥାନାରେ ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୧/୨୪) ରୁଜୁ କରିଥିଲା। ଅନ୍ୟପକ୍ଷରେ ଶାଶୁ ସୁମତୀଙ୍କ କଥାରେ ପଡ଼ି ସୋନାଲି ବାରମ୍ବାର ବାପ ଘରକୁ ପଳାଇଯାଉଥିବାରୁ ତାଙ୍କ ଶିଶୁପୁତ୍ରର ଲାଳନପାଳନରେ ଅସୁବିଧା ହେଉଥିଲା। ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ରହୁ ନ ଥିବାରୁ ଦେବାଶିଷ ତାଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ହତ୍ୟା କରିବାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ। ନିଜ ଘରବାଡ଼ିରେ ୧୦ଫୁଟର ଗାତ ଖୋଳି ରଖିଥିଲେ। କିଛିଦିନ ପୂର୍ବରୁ ସୋନାଲି ରାଗି ବାପଘରକୁ ପଳାଇଥିଲେ। ପରେ ଦେବାଶିଷ ଫୋନ୍ କରିବାରୁ ଗତ ୧୨ ତାରିଖରେ ସୋନାଲିଙ୍କୁ ଏକ ଅଟୋ ଯୋଗେ ମା' ସୁମତୀ ଓ ଭାଇ ଆଣି ଶାଶୁଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅଘରେ ସୁମତୀ ରହି ଆସୁଥିଲେ। ଗତ ୧୪ ତାରିଖ ସନ୍ଧ୍ୟାରେ ପୁନର୍ବାର ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଦେବାଶିଷ ଉତ୍ତ୍ୟକ୍ତ ହୋଇ ସୋନାଲି ଓ ସୁମତୀଙ୍କ ହାତ ଗୋଡ଼ ବାନ୍ଧିବା ପାଇଁ ୨ ସହଯୋଗୀ ଶମ୍ଭୁନାଥ ଓ ସିପୁନ୍‌ଙ୍କୁ ଡକାଇଥିଲେ। ସହଯୋଗୀ ଦ୍ୱୟ ୨ ହଜାର ଟଙ୍କା ଲେଖାଏ ନେଇ ସୋନାଲି ଓ ସୁମତୀଙ୍କ ହାତଗୋଡ଼ ବାନ୍ଧିଦେଇ ସେଠାରୁ ପଳାଇଯାଇଥିଲେ। ପରେ ବିଳମ୍ବିତ ରାତିରେ ଦେବାଶିଷ ଏକ ପଥର ଏବଂ କୁରାଢ଼ିରେ ଛେଚି ଅତି ନିର୍ମମ ଭାବେ ମା' ଝିଅଙ୍କୁ ହତ୍ୟାକରିଥିଲେ। ଅପରାଧକୁ ଲୁଚାଇବା ପାଇଁ ଶବକୁ ପଲିଥିନ୍‌ରେ ଘୋଡ଼ାଇ ପୂର୍ବରୁ ଖୋଳାଯାଇଥିବା ଗାତରେ ପୋତି ଦେଇ ସେହି ସ୍ଥାନରେ କଦଳୀଗଛ ଲଗାଇଦେଇଥିଲେ। ହତ୍ୟାକାଣ୍ଡ ବିଷୟରେ ଜାଣି ଚୁପ୍ ରହିବା ଏବଂ ସହଯୋଗ କରିବା ଅଭିଯୋଗରେ ଦେବାଶିଷଙ୍କ ମା' ଭାରତୀଙ୍କୁ ପୋଲିସ ଗିରଫ କରିଛି। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି, ପଥର ଏବଂ ପିନ୍ଧା ଲୁଗାପଟାକୁ ଅଦ୍ୟାବଧି ପୋଲିସ ଜବତ କରିପାରିନାହିଁ। ଘଟଣାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି। ୧୧ ମାସର ଶିଶୁପୁତ୍ରର ଲାଳନପାଳନ ପାଇଁ ମୃତା ସୋନାଲିଙ୍କ ଭଉଣୀଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।


ଅତିରିକ୍ତ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

**କୁଳିଅଣା ଡବଲ ମର୍ଡର ଘଟଣା**
**୪ ଅଭିଯୁକ୍ତ କୋର୍ଟ ଚାଲାଣ**

# ବଡ଼ଭାଇ ଫାଉଡ଼ା ମାଡ଼ରେ ସାନଙ୍କ ଜୀବନ ଗଲା

## ଧାନବିକ୍ରି ଅନ୍‌ଲାଇନ ପଞ୍ଜୀକରଣକୁ ନେଇ ହତ୍ୟାକାଣ୍ଡ

ଭବାନୀପାଟଣା/ଜୁନାଗଡ଼,୧।୮
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର (ଖୁଣ୍ଡୁପଡ଼ା) ଗ୍ରାମରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଧାନବିକ୍ରି ଅନ୍‌ଲାଇନ ପଞ୍ଜୀକରଣକୁ କେନ୍ଦ୍ର କରି ବଡ଼ଭାଇ ପ୍ରେମାନନ୍ଦ ନାଏକ(୫୦)ଙ୍କ ଫାଉଡା (ରଫା) ମାଡ଼ରେ ସାନ ଭାଇ ଲିଙ୍ଗରାଜ (୪୪)ଙ୍କ ଜୀବନ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ନିଜ ପୈତୃକ ଜମିର ଧାନ ବିକ୍ରୟ କରିବା ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବଡ଼ଭାଇ ପ୍ରେମାନନ୍ଦ ଉତ୍ତ୍ୟକ୍ତ ହୋଇ ଫାଉଡାରେ ଲିଙ୍ଗରାଜଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଜୁନାଗଡ଼ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ପ୍ରେମିଶୀଳା ତାଙ୍କ ସ୍ୱାମୀଙ୍କୁ ନିଜ ଦେଢ଼ଶୁର ପ୍ରେମାନନ୍ଦ ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ଏକ ମାମଲା (ନଂ.୫୧୩/୨୫) ରୁଜୁ କରି ଅଭିଯୁକ୍ତ ପ୍ରେମାନନ୍ଦଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କଠାରୁ ସୂଚନା ମିଳିଛି।

# ଚୋରି ଅଳଙ୍କାର ଜବତ, ୬ ଗିରଫ

**ଘରେ ପଶି ଚୋରି ମାମଲା**

ଚମ୍ପୁଆ,୧।୮ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ରାହ୍ମଣ ଶାସନରେ ବୁଧବାର ଦୁର୍ବୃତ୍ତ ଜଣଙ୍କ ଘରେ ପଶି ସୁନା, ରୁପା ଗହଣା ଲୁଟିନେଇଥିଲେ। ଘଟଣାରେ ପୋଲିସ ତଦନ୍ତକରି ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲାର ଭାନୀ ସବର, ଭାସ୍କର ସବର, ଅନୀଲ ସବର, ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଅଞ୍ଚଳର ଶଙ୍କର ସବର, ମୟୂରଭଞ୍ଜ ଜିଲାର ସୀମା ସବର ଓ ବିହାର ରାଜ୍ୟ ଗୟାବିହାରର ଚାଲମା ସବର। ସେମାନଙ୍କ ନିକଟରୁ ଚୋରି ଅଳଙ୍କାର ଜବତ କରାଯାଇ କୋର୍ଟଚାଲାଣ କରାଯାଇଥିବା ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସୂଚନା ଅନୁସାରେ, ଗତ ୩୦ତାରିଖ ଅପରାହ୍ନରେ ଚମ୍ପୁଆ ବ୍ରାହ୍ମଣ ଶାସନସ୍ଥିତ ଭୋଳାନାଥ ମିଶ୍ରଙ୍କ ପରିବାର ନିଜ ଘରଠାରୁ ଅନତି ଦୂରରେ କୌଣସି ଏକ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସେ ସମୟରେ ଦୁର୍ବୃତ୍ତ ଭିକ୍ଷାମାଗିବା ବାହାନାରେ ଘର ଭିତରକୁ ପଶିଥିଲେ। କେହି ନ ଥିବାର ସୁଯୋଗ ଦେଖି ଘର ଭିତରେ ଥିବା ଆଲମିରାରୁ ସୁନା ଓ ରୁପା ଗହଣା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଭୋଳାନାଥ ଜାଣିବା ପରେ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ.୨୨୧/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ୨ ପୋଲିସ ଟିମ୍ ଗଠନ କରାଯିବା ସହ ଚମ୍ପୁଆ ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଥିଲା। ତୁରୁମୁଙ୍ଗା ସାପ୍ତାହିକ ହାଟ ନିକଟରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ପରେ ତାଙ୍କଠାରୁ ୪ ଗୋଟି ସୁନାଚୁଡ଼ି, ୫ ହଳ ସୁନା କାନଫୁଲ, ୬ ସୁନା ହାତମୁଦି, ଗୋଟାଏ କାନ ଚନ୍ଦ୍ର ଚେନ୍, ଗୋଟିଏ ସୁନା ଲକେଟ୍, ୪ଟି ନାକ ନୋଥ, ୩ ନାକଫୁଲ, ୨ ରୁପା ଚେନ୍, ୫ହଳ ସୁନା ପାଉଁଜି ଓ ୩ଟି ବାଇକ୍ ଜବତ କରାଯାଇଛି। ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିଛି।


ଗିରଫ ଅଭିଯୁକ୍ତ ଓ ଜବତ ଅଳଙ୍କାର।


**boyanika** CAD-1351

**CANCELLATION OF EXPRESSION OF INTEREST NO.450 DTD.11.02.2025**

Expression of Interest invited vide this office **EOI No. 450 dated 11.02.2025** from registered handloom societies for supply of Blankets/ durries/ dining mats & pillows to Boyanika is hereby canceled, since the bids were not submitted via Registered Post/ Speed Post violating the Terms & Conditions of the EOI.

Sd/ G.M–Cum–Secretary Boyanika

OIPR-31004/11/0115/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

Bid identification no : VI-46(14)/SERIFED/2025-26/1003/Dt.28.07.2025

**No.CAD-1327** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, for 2 no. of work. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt.04.08.2025 to 5.00 P.,M. up to 19.08.2025. Tender shall be received till 5.00 P.M. on 19.08.2025 & shall be opened at 11.30 A.M. on 20.08.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0008/2526 Sd./- MANAGING DIRECTOR

**ODISHA STATE DISASTER MANAGEMENT AUTHORITY**

OSDMA

(A Government of Odisha Agency)
9th Floor, Rajiv Bhawan, Unit-5, Bhubaneswar-751001
Phone-0674-2395398/2395531
Website:www.osdma.org, E-mail:osdma@osdma.org

**Request for Proposal Reference No.2225/OSDMA dated 31.07.2025**

No.CAD-1353: Sealed Proposals are invited from eligible Bidders (Registered Firms/ Agencies) interested in "Outsourcing of Office Management and Technical Support" to Odisha State Disaster Management Authority (OSDMA), Bhubaneswar as per a service contract with specific terms and conditions.
For details please visit our website www.osdma.org. Last date for submission of sealed quotation is 16.08.2025 upto 5.30 P.M. through registered or Speed Post or by Courier only.

Sd./- General Manager (P&A)

OIPR-24007/11/0021/2526

**Information & Public Relations Department**
**Government of Jharkhand**

**Tender Name: Selection of Event Management Agency to organise Jharkhand Tribal Festival in various states.**

Tender ID: **2025_IPRD_103565_1**
Tender Ref No:- 1064

**Corrigendum**
**(PR No. 358420)**

Point No-11 & 12 has been revised and the revised points are available at www.jharkhandtenders.gov.in.

Sd./- Director

PR 358702 (IPRD) 25-26 (D)

GOVERNMENT OF ODISHA
ST & SC DEVELOPMENT DEPARTMENT
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, JEYPORE**

**E-PROCUREMENT NOTICE**

BID IDENTIFICATION No. PA ITDA (I)-03/2025-2026
**No.1462/2025** **Dated, the 28th July, 2025**

No.CAD-1344: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. "www.tendersodisha.gov.in".

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02 | No. of Works | : | 32 (Thirty Two) Numbers only |
| 03 | Estimated Cost | : | Rs.14.00 Lakhs to Rs.34.00 Lakhs |
| 04 | Period of Completion | : | 04 (Four) to 06 (Six) Calendar Months |
| 05 | Date & Time of Bidding | : | From 01.08.2025 at 10.00 Hours to 15.08.2025 Upto 17.00 Hours |
| 06 | Last date & time for receipt of bids in portal | : | 15.08.2025 Upto 17.00 Hours |
| 07 | Offline Documents Received through Speed Post/ Registered Post | : | 02.08.2025 at 10.00 Hours to 18.08.2025 Upto 14.00 hours (Working Days only) |
| 08 | Bids received online shall be opened on | : | 18.08.2025 at 14.00 Hours onwards |
| 09 | Bid received offline documents shall be opened & Transparency Lottery Draw | : | 20.08.2025 at 10.30 AM onwards Offline Document Open & Transparency Lottery Draw |
| 10 | Name and Address of the Officer Inviting Bid | : | Project Administrator, I.T.D.A., Jeypore |

Further details can be seen from the www.tendersodisha.gov.in.

Sd./- Project Administrator I.T.D.A, Jeypore

OIPR-26037/11/0002/2526

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**

**NOTIFICATION**

**Bhubaneswar Dated 25th July, 2025**

**No.N-139:** No. S.W.(SCH)-116/2025/3388/ CHSE(O), This is notified for information of the students who are pursuing Graduate/Post Graduate, Professional Courses such as Medical, Engineering, Degree in Colleges & Universities etc. that "Pradhan Mantri Uchchtar Shiksha Protsahan" (PM-USP) Yojana is a Central Sector Scheme of Scholarship for College & University Students awarded by Govt. of India, Ministry of Education, Department of Higher Education, New Delhi.
The objective of the scheme of Scholarship is to provide financial assistance to meritorious students from poor families to meet a part of their day-to-day expenses while pursuing higher studies. The Scholarship applications are invited online through the National Scholarship Portal and the Scholarship payment is disbursed directly through APBS (Adhar Payment Bridge System).
The National Scholarship Portal (NSP) (https://scholarship.gov.in) is now live for submission of applications by the students pursuing higher education. The allocated quota for Odisha is 2736. Students who have passed the Higher Secondary Examinations 2025 from CHSE(O), BBSR and their gross parental income is upto Rs.4.5 Lakhs per annum are eligible to apply for this Scholarship.
A detailed guideline is attached herewith for reference and more information.
**Last date for submission of online application for such Scholarship is 31.10.2025.**
For detailed information, Please visit the website (NSP) www.scholarship.gov.in.

By Order of the Chairman
Sd./- Secretary

OIPR-11003/11/0023/2526

No.CAD-1319

**ODISHA STATE CO-OPERATIVE MARKETING FEDERATION LTD. MARKFED-ODISHA**

Old Station Road, Bhubaneswar-751006, E-mail : odishamarkfed@gmail.com

**"e" Procurement Notice**
**Bid Identification No. MARKFED/02/2025-26**
**Civil/393/2024-25**
**No.2887 Date.28.07.2025**

1. Name of the work : Costruction of CC approach road for 500 MT godown at Bhubaneswar Buffer
2. No. of works : 1 (one)
3. Estimated cost : Rs.20.00 lakh
4. Period of completion : 2 months
5. Date & time of availability of Bid document in the portal : From **11.00 A.M.** of **04.08.2025** to **5.30 P.M.** on **22.08.2025**
6. Last date/time of receipt of Bids in the portal : **5.30 P.M.** on **22.08.2025**
7. Date of opening of Bid from portal : **12.00** hours on **25.08.2025**
8. Name & address of the officer inviting Bid : Managing Director, MARKFED-ODISHA, old station road, Bhubaneswar-751006.
9. The Bidders have to participate in **ONLINE** bidding only. Further details can be seen from the website "e-Procurement portal www.tendersodisha.gov.in." & any addendum, corrigendum, cancelation of tender can also be seen in the said website.

Sd./- Managing Director MARKFED-ODISHA

OIPR-39017/11/0014/2526

No.C-788

**CUTTACK MUNICIPAL CORPORATION**

**"e" PROCUREMENT NOTICE**
**Tender ID : 2025_ORULB_113870**
**Bid Reference No. MC(CMC)CTC_Div_II_No.10/2025-26**
**Tender Call Notice No. 9196 (PW) Date : 31.07.2025**

Name of works : Civil Works
No. of Works : 12 Nos
Bid Value : Rs.36.32 Lakh to 2.92 Lakh
Date of Completion : One Calendar Month to Two Calendar Months
Date and Time schedule :

| Start | End | Opening |
|---|---|---|
| 3.00 P.M. on dt.02.08.2025 | 5.00 P.M. on dt.14.08.2025 | 11.00 A.M. on dt.19.08.2025 |

Tender Details : Can be seen from the procurement portal : **www.tendersorissa.gov.in**

Executive Engineer City Div-II

OIPR-13031/11/0199/2526

**OFFICE OF THE MUNICIPAL COUNCIL, BALANGIR**

No.3527/BM/Dt.30.07.2025
**e-Procurement Notice**
BID IDENTIFICATION NUMBER-BLGRMPTY/07 (01-10)/2025-26

No.C-789: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

1. Name of the Work : Civil Construction work as mentioned in DTCN
2. No. of Works : 10 (Ten) Nos.
3. Estimated Cost : Rs.3,46,519/- to Rs.14,14,189/-
4. Period of Completion : 3 (Three) Calendar Months
5. Date and Time of online Bidding : From 11.00 AM of 31.07.2025 to 5.00 PM of 12.08.2025
6. Online Bids shall be opened on : 13.08.2025 on 11.00 AM
7. Name & Address of the Officer Inviting Bid : Executive Officer, Balangir Municipality
8. Further details can be seen from the website: www.tendersorissa.gov.in.
9. Further any addendum/ corrigendum/ clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details.

Sd./- Executive Officer Balangir Municipality

OIPR-13169/11/0067/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com

**No.A-450** **e-Procurement Notice**
**Bid Identification No.ACEM/MDC-29/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDC-29/2025-26
5. Estimated Cost : Rs.19,48,401/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.01.08.2025 (10.00 AM) to dt.11.08.2025 (5.30 PM)
8. Last date/time for receipt of bid in the Portal : dt.11.08.2025 (upto 5.30 PM)
9. Date and Place of Opening of Bid : Dt.12.08.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer Mechanical Circle Bhubaneswar

OIPR-32405/11/0086/2526

No.i-254:

**GOVERNMENT OF ODISHA**
**PANCHAYAT SAMITI, JUNAGARH**
**E-Procurement Notice**
**Bid Identificaton No.PS-JNG-T-2/2025-26**

| | | | |
|---|---|---|---|
| 1 | No. of the Work | : | Building works 3 Nos. |
| 2 | Estimated Cost | : | Rs.22.14 lakh to Rs.22.26 Lakh |
| 3 | Class of Contractor | : | "C & B" |
| 4 | Period of Completion | : | 6 Months |
| 5 | Date and Time of availability of bid document in the portal | : | 11.00 hrs of 04.08.25 to 17.00 hrs. of 15.08.25 |
| 6 | Last date/time for receipt of bid in the portal | : | 17.00 hour of 15.08.25 |
| 7 | Name and address of the Officer Inviting Bid | : | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 16.08.2025 at 11.00 AM in the Office of the Panchayat Samiti, Junagarh |

Further details can be seen from the e-Procurement portal **https://tendersodisha.gov.in**

Sd./- Block Development Officer Junagarh

OIPR-19180/11/0006/2526

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
No.C-778
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.29.07.2025**

1. Nos. of works : 02 (Two) Nos works
2. Estimate cost : Rs.40.25 Lakhs & 42.46 lakhs
3. Period of completion : 01 (One Month)
4. Class of contractor : B Class
5. Date & Time of availability of bid document in the portal : From 11.00 A.M. of Dt. 04.08.25 to 5.00 P.M. of 18.08.2025
6. Last date / time of receipt of bids in the portal : 5.00 P.M. of 18.08.2025
7. Last date & time of seeking clarification : 5.00 P.M. of 08.08.2025
8. Date & time of opening of bids : At 12.30 P.M. of 19.08.2025
9. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER WATCO DIVISION-II, BHUBANESWAR

OIPR-13089/11/0026/2526

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-05/2025-26, Memo No.-2037 Dt.25.07.2025

**No.B-348** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

1. Nature of Work : Building Works
2. No. of Work : 2 Nos.
3. Tender Cost : Rs. 10000.00 (On-Line)
4. Class of Contractor : A Class & B Class
5. Available of Bid document in the Website : From 10.00 A.M. of Dt. 07.08.2025 up to 05.00 P.M. of Dt. 21.08.2025 up to 5.00 P.M.
6. Date of opening of Bid : Dt. 22.08.2025 at 11.30 A.M.
7. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Chief Construction Engineer Khordha (R&B) Circle, Khordha

OIPR-34127/11/0043/2526

**ZILLA SWASTHYA SAMITI, BARGARH**
Dept. of Health & Family Welfare, Govt.of Odisha
District Head Quarter Hospital, Bargarh-768028, Phone/Fax:06646-231763
Advt. No.2119/NHM, BARGARH/2025-26 Date:29.07.2025

**Expression of Interest for selection of Agencies to conduct chest X-rays under intensified TB Elimination Campaign**

No.E-272:Sealed bid documents are invited from registered agencies/ dealers for conducting chest X-rays of Presumptive TB patients under intensified TB Elimination Campaign in Bargarh District. The Agency is required to provide X-ray films alongwith the X-ray reports to the beneficiaries. Details regarding eligibility criteria, terms & conditions and the formats for submission of bid documents (Technical & Price Bid) are mentioned in the bid document which may be downloaded from the website: www.bargarh.odisha.gov.in. Interested agencies/dealers have to submit their bid documents in a sealed envelope superscribing on the top of the sealed envelope as "Expression of interest for selection of Agencies to conduct chest X-rays under Intensified TB Elimination Campaign. The bid documents should reach to the office of the undersigned on or before Dt.20.08.2025 till 4 P.M. through Speed Post/ Regd. Post/ Courier only and will be opened on Dt.21.08.2025 at 04.00 P.M. The undersigned reserves the right to reject any or the entire bid documents without assigning any reason thereof. The authority is not responsible for any postal delay.

Sd./- Chief District Medical & Public Health Officer, Bargarh

OIPR-10124/11/0015/2526

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No.CCEKC-07/2025-26**
e-mail:ccekeonjharpwdcircle@gmail.com
sekcpwd_keonjhar@yahoo.com
**No.B-351** Letter No.3524 Dt.25.07.2025

1. No. of the Work : 2 number Road Works
2. Estimated Cost : Rs.196.07 Lakhs to Rs.710.22 Lakhs
3. Class of Contractor : "B", "A" & "Special" Class
4. Period of Completion : 04 (Four) Calendar Months to 07 (Seven) Calendar Months
5. Date and Time of availability of Bid document in the Portal : From 11.00 Hours of 05.08.2025 to 16.00 Hours of 19.08.2025
6. Last date/time for receipt of bids in the portal : 16.00 Hours of 19.08.2025
7. Date of Opening of Bid from Portal : 11.30 Hours on 20.08.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer Keonjhar (R&B) Circle, Keonjhar

OIPR-34033/11/0087/2526

**ZILLA SWASTHYA SAMITI, RAYAGADA**

**Advt. No.04/NHM/2025** **Date : 30.07.2025**

**WALK-IN-INTERVIEW FOR MO MBBS (UPHCs)/(UHWCs)/(SNCU)/NPCDCS DOCTORS UNDER NATIONAL HEALTH MISSION (NHM/NUHM)**

**No.E-271** : A Walk-In-Interview will be conducted for the engagement / empanelment of MO-MBBS Doctors having doctorate degrees. Interested eligible candidates can download the details about prescribed application format from www.rayagada.odisha.gov.in. and detailed vacancy positions also hoisted in the said website. The eligible candidates may attend Physically before the CDM&PHO, Rayagada at his office on 12.08.2025 from 10.00 A.M to 11.00 A.M along with all relevant testimonials / documents. No application will be received beyond the scheduled time. The undersigned reserves all the rights to cancel any or all the applications/positions at any stage without assigning any reason thereof.

Sd./- CDM & PHO-Cum-DMD, Rayagada

OIPR-10035/11/0017/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଚିତ୍ତରଞ୍ଜନ
ପରିବାରବର୍ଗ


ବଣ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁଲାଇରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୮**

ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସରେ ପ୍ରାୟ ୧.୯୬ ଲକ୍ଷ କୋଟି (୧,୯୫,୭୩୫ କୋଟି ଟଙ୍କା)ର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ହୋଇଥିଲାବେଳେ

### ବାର୍ଷିକ ଭିତ୍ତିରେ ୭.୫% ବୃଦ୍ଧି

୨୦୨୫ ଜୁଲାଇରେ ୧,୯୫,୭୩୫ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୮୨,୦୭୫ କୋଟିଠାରୁ ଏହା ବାର୍ଷିକ ଭିତ୍ତିରେ ୭.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି



୨୦୨୫-୨୬ ଆର୍ଥିକ ବର୍ଷର ୪ର୍ଥ ମାସରେ ମୋଟ ୧,୯୫,୭୩୫ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୫,୪୭୦ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସଟି) ବାବଦକୁ ୪୪,୦୫୯ କୋଟି ଆଦାୟ ହୋଇଛି। ଏପରିକି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୧,୦୩,୫୨୬ ଟଙ୍କା ଏବଂ ସେସ୍ ବାବଦରେ ୧୨,୬୩୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ସେହିପରି କେନ୍ଦ୍ର ସରକାର ୨୦୨୫ ଜୁଲାଇରେ ମୋଟ ୧,୯୫,୭୩୫ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆକାରରେ ସଂଗ୍ରହ କରିଥିଲାବେଳେ ସେଥିମଧ୍ୟରୁ ଘରୋଇ ରାଜସ୍ୱ ପ୍ରାୟ ୧,୪୩,୦୨୩ ଲକ୍ଷ କୋଟି ଏବଂ ରପ୍ତାନି ବାବଦୀୟ ରାଜସ୍ୱ ୫୨,୭୧୨ କୋଟି ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ (୨୦୨୫ ଜୁଲାଇ) ଓଡ଼ିଶାରୁ ମୋଟ ୪୯୯୧ କୋଟି ଟଙ୍କାର ରାଜସ୍ୱ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ମୋଟ ୪୯୨୫ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟରୁ ଚଳିତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୧%ରୁ ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।

# କେ.ଜେ. ପଟେଲ ଇଫ୍‌କୋର ନୂଆ ଏମ୍‌ଡି


କେ.ଜେ. ପଟେଲଙ୍କୁ ଇଫ୍‌କୋର ଚେୟାରମ୍ୟାନ ଦିଲୀପ ସଂଘାନି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଉଛନ୍ତି।

**ନୂଆଦିଲ୍ଲୀ,୧।୮ (ଅଭୟ ଦାଶ)**

ଇଣ୍ଡିଆନ ଫାର୍ମସ ଫର୍ଟିଲାଇଜର କୋଅପରେଟିଭ (ଇଫ୍‌କୋ)ର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି) ଭାବେ କେ.ଜେ. ପଟେଲ ନିକଟରେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଇଫ୍‌କୋର ଡାଇରେକ୍ଟର (ଟେକ୍‌ନିକାଲ) ଭାବେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି। ଅପରପକ୍ଷରେ ଇଫ୍‌କୋର ଚେୟାରମ୍ୟାନ ଦିଲୀପ ସଂଘାନି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର ଭାବେ ପଟେଲଙ୍କ ନାମ ଘୋଷଣା କରିଥିଲେ । ପଟେଲ ସୌରାଷ୍ଟ୍ର ୟୁନିଭର୍ସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ବିଶେଷକରି ନାଇଟ୍ରୋଜେନ୍‌ସ ଓ ଫସ୍‌ଫେଟିକ୍ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଭାରତର ସର୍ବବୃହତ୍ କମ୍ପ୍ଲେକ୍ସ ସାର କାରଖାନା ତଥା ପାରାଦୀପ ପ୍ଲାଣ୍ଟର ସେ ନେତୃତ୍ୱ ନେଉଥିଲେ। ସେହିଭଳି ଇଫ୍‌କୋର ନୂଆ ଏମ୍‌ଡି ପଟେଲଙ୍କୁ ଚେୟାରମ୍ୟାନ ସଂଘାନି ସ୍ୱାଗତ କରିବା ସହ କହିଛନ୍ତି, ତାଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି। ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହ ମେଳ ଖାଉଛି। ସେହିପରି ଦିଲୀପ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡ. ୟୁ.ଏସ୍. ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପ୍ରକଳ୍ପ ଉଦ୍‌ଘାଟିତ



**ଭୁବନେଶ୍ୱର,୧।୮**

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ନୂତନ ପ୍ରକଳ୍ପ ତଥା ଦୁଇଟି ସୌରଚାଳିତ ପାନୀୟ ଜଳ ୟୁନିଟ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନ ଏହାକୁ ନିର୍ମାଣ କରାଯାଇଛି। ଏପରିକି କମ୍ପାନୀର ପ୍ରମୁଖ ପଦକ୍ଷେପ 'ତୃପ୍ତି' ପ୍ରକଳ୍ପ ଅନ୍ତର୍ଗତ ଯଥାକ୍ରମେ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲାର ବେଲକୁଣ୍ଡି ଏବଂ ମୋଟୁପଦର ଗ୍ରାମରେ ଦୁଇଟି ସୌରଚାଳିତ ପାନୀୟ ଜଳ ଯୋଗାଣ ୟୁନିଟ୍ ଆରମ୍ଭ ହୋଇଛି। ସେହିଭଳି ଠାକୁରାଣୀ ଖଣି ନିକଟସ୍ଥ ବଡ଼ବିଲ ପୌରପାଳିକାର ୱାର୍ଡ-୨ରେ ଅବସ୍ଥିତ ବେଲକୁଣ୍ଡି ଗ୍ରାମରେ ନୂତନ ଭାବେ ସ୍ଥାପିତ ପାନୀୟ ଜଳ ୟୁନିଟ୍ ସ୍ଥାନୀୟ ବାସିନ୍ଦାଙ୍କ ନିର୍ଭରଯୋଗ୍ୟ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବ। ଉଦ୍‌ଘାଟନୀ ଉତ୍ସବରେ ୱାର୍ଡ-୨ର ପୂର୍ବତନ କାଉନସିଲର ଲକ୍ଷ୍ମଣ ମହନ୍ତ, ଏଏମ୍ ଏନ୍‌ଏସ୍ ଇଣ୍ଡିଆ ସିଏସ୍ଆର୍ ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସୁରକ୍ଷା ବିଭାଗ ମୁଖ୍ୟ ଉଦୟ କୁମାର ବର୍ମାଙ୍କ ସହ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅଧିକାରୀଏବଂ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ।

ସେହିପରି କୋଇଡା ବ୍ଲକ୍‌ର ମାଲଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୋଟୁପଦର ଗ୍ରାମରେ ଆଉ ଏକ ପାନୀୟ ଜଳ ୟୁନିଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାର ପାଇପଲାଇନ୍ ପ୍ରୋଜେକ୍ଟ ମୁଖ୍ୟ ଅଜିତ ସିଂହ ଏବଂ କମ୍ପାନୀର ଅନ୍ୟ ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# କମିଲା କମର୍ସିଆଲ ଗ୍ୟାସ ଦର

**ନୂଆଦିଲ୍ଲୀ,୧।୮**



କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ (୧୯କେଜି)ର ଦର ପରିବର୍ତ୍ତନ ହେଉଥିବାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା)ର ଦର ପୂର୍ବ ପରି ସ୍ଥିର ରହିଛି। ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୩୪ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ ଦର ୩୩.୫୦ ଟଙ୍କା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ ବିପଣନକାରୀକମ୍ପାନୀଗୁଡିକ ପକ୍ଷରୁ ଚଳିତ ମାସର ନୂତନ ଗ୍ୟାସ ଦର ସୂଚୀ (ନୂଆ ଦର) ଶୁକ୍ରବାର ଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୩୪ ଟଙ୍କା କମି ୧୭୭୫ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ କମର୍ସିଆଲ ଗ୍ୟାସ (୧୯କେ.ଜି) ଦର ୧୮୦୯ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେ.ଜି) ଦର ପୂର୍ବ ପରି ୮୭୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ୩୩.୫୦ ଟଙ୍କା ହ୍ରାସ ଘଟି ୧୬୩୧.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ଦର ୮୫୩ ଟଙ୍କାରେ ରହିଛି। ସେହିପରି କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ଯଥାକ୍ରମେ ୧୭୩୪.୫୦ ଟଙ୍କା, ୧୫୮୨.୫୦ ଟଙ୍କା ଏବଂ ୧୭୮୯ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୭୯ ଟଙ୍କା, ୮୫୨.୫୦ ଟଙ୍କା ଏବଂ ୮୬୮.୫୦ ଟଙ୍କାରେ ବିକ୍ରି ହେଉଛି।

# ସେବିର ନିବେଶକ ସଚେତନତା ଅଭିଯାନ


### ଜନ୍ମଦିନ ଶୁଭେଚ୍ଛା



**ରଶ୍ମିରଞ୍ଜନ (ବଣ୍ଟି)**
ସୁଡୁସାଇଲୋ, ସାଇଲୋ ବଡ଼ବିଲି, କଟକ
୧୯ତମ ଜନ୍ମତିଥିରେ ଶଙ୍କର, ପାର୍ବତୀଙ୍କ ଆଶୀର୍ବାଦରୁ ତୋର ଶରୀର ସୁଖମୟ ହେଉ। ଶୁଭେଚ୍ଛା ସହ- ଜେଜେବାପା, ଜେଜେମା, ପିଣ୍ଟୁ ଭାଇ, ଭିକିଭାଇ, ଅନିଲଭାଇ, କାବେରୀଦିଦି, ପପୁଦିଦି, ବାପା, ବୋଉ
ଧ-୧୫୧୭


**ଭୁବନେଶ୍ୱର,୧।୮:** ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ସର୍ବଭାରତୀୟସ୍ତରରେ ଏକ ନିବେଶକ ସଚେତନତା ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ହାସ୍‌ଟ୍ୟାଗ୍ ସେବି ବନାମ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା ଅଭିଯାନ/କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ନିବେଶକଙ୍କୁ ସଶକ୍ତ କରିବାକୁ ଚାହୁଁଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧।୮**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୬ (୫୮୫.୬୭) ପଏଣ୍ଟ ହ୍ରାସ ଘଟି ୮୦,୬୦୦ (୮୦,୫୯୯.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୩ (୨୦୩.୦୦) ପଏଣ୍ଟ କମି ୨୪,୫୬୫ (୨୪,୫୬୫.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଇକ୍ୱିଟି ସେଭିଙ୍ଗସ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୧।୮**

ବଜାଜ ଫିନସର୍ଭ ଏଏମସି ପକ୍ଷରୁ ଏକ ଓପନ-ଏଣ୍ଡେଡ ସ୍କିମ ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍‌ସ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି ଯାହା ଇକ୍ୱିଟି, ମଧ୍ୟସ୍ଥ ଲାଭ ଓ ଋଣ ଉତ୍ପାଦଗୁଡିକରେ ନିବେଶ କରିଥାଏ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ୨୦୨୫ ଅଗଷ୍ଟ ୧୧ରେ ବନ୍ଦ ହେବ। ଏ ସମ୍ପର୍କରେ ବଜାଜ ଫିନସର୍ଭ ଏଏମସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍‌ସ ଫଣ୍ଡ ନିବେଶକଙ୍କୁ ଏକ ସନ୍ତୁଳିତ ଆଭିମୁଖ୍ୟ ମାଧ୍ୟମରେ ଆର୍ଥିକ ବିଶ୍ୱାସ ଓ ଏକ ସ୍ଥିର ସମ୍ପତି ସୃଷ୍ଟି ସୁଯୋଗ ଦେଇଥାଏ। ଅଭିବୃଦ୍ଧି-ଆଧାରିତ ଇକ୍ୱିଟି, ସ୍ଥିର ଋଣ ଓ କମ୍ ରିସ୍କର ମଧ୍ୟସ୍ଥି ଲାଭକୁ ଏକତ୍ରିତ କରି ଏହା କମ୍ ଅସ୍ଥିରତା ସହ ନିରନ୍ତର ରିଟର୍ଣ୍ଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।


# Classified Everyday
**0674-2580101, 9692975378**


REAL ESTATE
SALE

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati-8763740343.** D-76296

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D-1515




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

500Sft Carpet area Ground floor and 1000Sft carpet area 1st floor for commercial/office purposes at Plot No.- 280, Saheed Nagar, Near Sai Temple. Interested person may contact Mob- 9937152700 D-1511

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Positively health benifits SPA expert female therapist homely atmosphere. 9114559830. D-1516

## LOST

I, Manmeet Singh Chhabda, S/o- Surjeet Singh Chhabda, R/o- Khariar Road, Ward No.- 10, P.S.- Jonk, Dist- Nuapada have lost the original sale deed vide No.- 1777/2005 somewhere on date 04.11.2024. Till date I have not found the same and reported at Jonk Police Station G.D. No.- 009, date 31.07.2025. D-1510

ମୁଁ ଶ୍ରୀ ବିଚିତ୍ର କୁମାର ନାୟକ (୪୬), ପିତା- ସ୍ୱର୍ଗତ ଭ୍ରମରବର ନାୟକ, ଗ୍ରା- ଆମ୍ବସୌରୀ, ପୋ/ଥା- ବାଲିଚନ୍ଦ୍ରପୁର, ଜି- ଯାଜପୁର ଜଣାଉ ଅଛିକି ଗତ ୨୩।୦୭।୨୫ ଦିନ ସନ୍ଧ୍ୟା ସମୟରେ ମୁଁ ବାଲିଚନ୍ଦ୍ରପୁର ବଜାରକୁ ଜେରକ୍ସ କରିବାକୁ ଯାଇଥିବା ସମୟରେ ମୋର ଜମିର ଦଲିଲ ତିନି ଗୋଟି RSD No.- 1281, dated- 05.09.2008, RSD No.- 250, dated- 25.02.2008, RSD No.- 10791201853, dated- 28.09.2012 ହଜି ଯାଉଛି। ଉକ୍ତ ଦଲିଲ ବନ୍ଧକ ରଖି ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଶାଖାରୁ ଋଣ ଆଣିବି। ୯୪୩୭୯୬୬୪୨୫ D- ୧୫୦୯

## AFFIDAVIT

**I, Sahnaz Bari, W/o- Late Sk Abdul Bari, resident at Plot No.- 146, Chintamaniswar area, Canal road, Dist- Khordha, Bhubaneswar- 751006, Odisha, declare by this affidavit CFN- 96, dtd- 26.06.2025, that from now onwards, I shall be known as Shanaz Bari for all future purposes.** D-1513

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Cuttack Dated- 22.07.2025, I Sagir Ahamed, At- Gobindpur, P.O.- Jharakata, P.S.- Cuttack Sadar, PIN- 754112. I have declared that my son's sur- name has been corrected as Ahamed instated of Shaikh. Henceforth now the correct name is Shaikh Farhan Ahamed. D-1508

By virtue of an affidavit sworn before the Executive Magistrate, Hemgir, Dist.- Sundargarh, date- 04.02.2025, I, Damodara Padhan, R/o. Vill- Khunti Jharia, P.S.- Hemgir, Dist.- Sundargarh do hereby declare that the good name of my daughter is Naina Padhan which is recorded in her Aadhaar Card and Birth Certificate. That in the School leaving certificate her name is recorded as Nainarani Padhan, that Naina Padhan and Naina rani Padhan is a one and same person, that is my daughter. D-1514

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate G. Udayagiri, dated- 31.07.2025, I Rupali Pradhan, Village- Beredakia, P.O.- Beredakia, P.S.- Raikia, Dist.- Kandhamal, PIN- 762101, declare that I have changed the name of my daughter from Nigrasini Pradhan to Arohi Pradhan. Henceforth, she shall be known as Arohi Pradhan for all purposes. D-1507

By virtue of an affidavit before Notary Public, Kantabanji on 01.08.2025 that before marriage I known as Basanti Dharua, D/o- Kashinath Dharua which is mentioed in my Aadhaar Card and S.B. Account and after marriage to Siba Majhi of Village- Kirekela P.O.- Karlakote P.S.- Boden, Dist.- Nuapada, I updated my Aadhaar Card and known as Basanti Majhi, W/o- Siba Majhi, whereas Basanti Dharua and Basanti Majhi W/o- Siba Majhi is same and one person. D-1512

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଟଙ୍କା ପାଇଁ ୧୩ ବର୍ଷର ବାଳକଙ୍କୁ ଅପହରଣ ପରେ ହତ୍ୟା

ବେଙ୍ଗାଲୁରୁ,୧।୮

ବେଙ୍ଗାଲୁରୁରୁ ଗତ ବୁଧବାର ନିଖୋଜ ହୋଇଥିବା ଜଣେ ୧୩ ବର୍ଷୀୟ ବାଳକଙ୍କ ପୋଡ଼ିଯାଇଥିବା ମୃତଦେହ କଗାଲିପୁରା ରୋଡ୍ ଅଞ୍ଚଳରୁ ମିଳିଛି। ନିଶ୍ଚିଥ ଏ ନାମକ ଏହି ପିଲା କ୍ରିଷ୍ଟ ସ୍କୁଲ୍‌ର ଅଷ୍ଟମ ଶ୍ରେଣୀ ଛାତ୍ର। ବୁଧବାର ଅପରାହ୍ନ ୫ଟାରେ ଟ୍ୟୁଶନ ପାଇଁ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ। ତାଙ୍କ ବାପା ଜେ.ସି. ଅଚିତ ଏକ ଘରୋଇ କଲେଜର ଆସିଷ୍ଟାଣ୍ଟ ପ୍ରଫେସର। ବହୁ ଖୋଜାଖୋଜି ପରେ ଆରେକେରେ ଫାମିଲି ପାର୍କ ନିକଟରୁ ନିଶ୍ଚିଥଙ୍କ ସାଇକେଲ ମିଳିଥିଲା। ଏକ ଅଜଣା ନମ୍ବରରୁ ଅଚିତଙ୍କୁ ଫୋନ୍ କରି କେହି ଜଣେ ପୁଅଙ୍କ ମୁକ୍ତି ପାଇଁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଫଳରେ ହୁଲିମାଭୁ ଥାନାରେ ନିଖୋଜ ଓ ଅପହରଣ ମାମଲା ରୁଜୁ ହୋଇଥିଲା। ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କ ଲୋକେଶନ ଖୋଜୁଥିବାବେଳେ ଗୁରୁବାର ବାଳକଙ୍କ ମୃତଦେହ ମିଳିଥିଲା। ଏହି ମାମଲାରେ ଅଭିଯୁକ୍ତ ଗୁରୁମୂର୍ତ୍ତି ଏବଂ ଗୋପାଳ କ୍ରିଷ୍ଣଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ପୋଲିସ ଅଫିସରଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ପୋଲିସ ଗୁଳିରେ ସେମାନେ ଆହତ ହୋଇଛନ୍ତି।

# ବିହାର ପାଇଁ ଚିଠା ଭୋଟର ତାଲିକା ପ୍ରକାଶିତ

ପାଟନା,୧।୮(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ନିର୍ବାଚନ କମିଶନଙ୍କ ଦ୍ୱାରା ଦୀର୍ଘ ମାସେ ଧରି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିବା ପରେ ଶୁକ୍ରବାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏବେ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ଅଭିଯୋଗ ଓ ଦାବି ଆହ୍ୱାନ କରାଯିବ। ରାଜ୍ୟବ୍ୟାପୀ ସଂକଳିତ ତାଲିକା ଉପଲବ୍ଧ କରାଯାଇ ନ ଥିବାବେଳେ ଭୋଟରମାନେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ସେମାନଙ୍କ ନାମ ଯାଞ୍ଚ କରିପାରିବେ। ଜୁନ୍‌ରେ ଏସ୍‌ଆଇଆର୍ ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ୭.୯୩ କୋଟି ପଞ୍ଜୀକୃତ ଭୋଟର ରହିଥିଲେ। ତେବେ ସଦ୍ୟପ୍ରକାଶିତ ଭୋଟର ତାଲିକାରେ ମୋଟ ଭୋଟରଙ୍କ ସଂଖ୍ୟା କେତେ ଅଛି ଜଣାପଡ଼ିନାହିଁ। ବିଭିନ୍ନ ଜିଲାର ଜିଲାପାଳମାନେ ଚିଠା ଭୋଟର ତାଲିକାକୁ ସମ୍ପୃକ୍ତ ଜିଲାର ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରିଛନ୍ତି। ଯେଉଁମାନଙ୍କ ନାଁ ବାଦ୍ ପଡ଼ିଥିବ କିମ୍ବା ତ୍ରୁଟି ଥିବ ସେମାନେ ଆବଶ୍ୟକ ଦସ୍ତାବିଜ ସହ ଆବେଦନ କରି ଭୋଟର ତାଲିକାରେ ନାମ ସଂଯୋଗ କରିପାରିବେ କିମ୍ବା ସଂଶୋଧନ କରାଇପାରିବେ। ଏଥିପାଇଁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ ପର୍ଯ୍ୟନ୍ତ ଚାଲିଥିଲା ଏବଂ ୭.୨୩ କୋଟି ଭୋଟର ସେମାନଙ୍କ ଏନୁମେରେଶନ ଫର୍ମ ଦାଖଲ କରିଥିଲେ। ୩୫ ଲକ୍ଷ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ କିମ୍ବା ସେମାନଙ୍କ ଖୋଜଖବର ନ ଥିଲା ବୋଲି ନିର୍ବାଚନ କମିଶନ କହିଛନ୍ତି। ଏହା ବ୍ୟତୀତ ୨୨ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଲକ୍ଷ ଲୋକ ଏକାଧିକ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରାଇଥିଲେ। ୧.୨ ଲକ୍ଷ ଭୋଟର ଏନୁମେରେଶନ ଫର୍ମ ଦାଖଲ କରି ନ ଥିବା ଇସି କହିଛନ୍ତି।

## ଇସି ଭୋଟ ଚୋରି କରୁଥିବାର ପ୍ରମାଣ ରହିଛି: ରାହୁଲ

### ଭିତ୍ତିହୀନ ଅଭିଯୋଗକୁ ଅଣଦେଖା କରୁଛୁ: ଇସି

ନୂଆଦିଲ୍ଲୀ,୧।୮(ପି.ଟି.)

ନିର୍ବାଚନ କମିଶନ ଭାଜପା ପାଇଁ ଭୋଟ ଚୋରି କରୁଥିବା ପ୍ରମାଣ କରିବା ପାଇଁ କଂଗ୍ରେସ ପାଖରେ ପ୍ରମାଣର ପରମାଣୁ ବୋମା ରହିଛି ବୋଲି ଦଳର ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏହି ବୋମା ଫୁଟିଲେ ନିର୍ବାଚନ କମିଶନ ଦେଶରେ ଲୁଚିବାକୁ କେଉଁଠି ସ୍ଥାନ ପାଇବେ ନାହିଁ ବୋଲି ରାହୁଲ କହିଥିଲେ। ଇସିର ତଳୁ ଉପର ପର୍ଯ୍ୟନ୍ତ ଅଧିକାରୀମାନେ ରାଜଦ୍ରୋହରେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା


ରାହୁଲ ଗାନ୍ଧୀ

କହିଥିଲେ। ତେବେ ରାହୁଲଙ୍କ ଏଭଳି ଅଭିଯୋଗକୁ ନିର୍ବାଚନ କମିଶନ ଭିତ୍ତିହୀନ କହିବା ସହ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଅଣଦେଖା କରିବା ଲାଗି ଏହାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ କଂଗ୍ରେସ ନେତା ଏଭଳି ଭିତ୍ତିହୀନ ଅଭିଯୋଗ ଆଣୁଥିବାରୁ ଆମେ ତାକୁ ଅଣଦେଖା କରୁଛୁ ଓ ଆମର ସମସ୍ତ ଅଧିକାରୀମାନଙ୍କୁ ଅଣଦେଖା କରିବାକୁ କହିଛୁ ବୋଲି ନିର୍ବାଚନ କମିଶନ କହିଛନ୍ତି। ୨୦୨୩ ମଧ୍ୟପ୍ରଦେଶ ବିଧାନସଭା ନର୍ବାଚନରେ ଅନିୟମିତତା ହୋଇଥିବା କଂଗ୍ରେସ ସନ୍ଦେହ କରୁଛି ବୋଲି ରାହୁଲ ପୂର୍ବରୁ କହିଥିଲେ। ଏହାପରେ ଲୋକ ସଭା ନିର୍ବାଚନ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଏବେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ବିରୋଧୀ ସଦସ୍ୟମାନେ ରାଜ୍ୟ ବିଧାନସଭା ଏବଂ ସଂସଦରେ ପ୍ରବଳ ବିରୋଧ କରିଆସୁଛନ୍ତି। ବିହାର ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ସଂଶୋଧନ ନାମରେ ଅନେକ ଭୋଟରଙ୍କ ମତାଧିକାର ଛଡ଼ାଇନେବାକୁ ଉଦ୍ୟମ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

# ପ୍ରଜ୍ୱଳ ରେଭନ୍ନା ଦୋଷୀସାବ୍ୟସ୍ତ

### ବଳାତ୍କାର ମାମଲା

ବେଙ୍ଗାଲୁରୁ,୧।୮(ପି.ଟି.)

କର୍ନାଟକ ହାସନ୍‌ର ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ରୁ ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର କୋର୍ଟ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ଶନିବାର ଦଣ୍ଡାଦେଶ ଘୋଷଣା କରିବେ।

ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳ ହାସନ୍ ଜିଲାର ହୋଲେନରସିପୁରସ୍ଥିତ ତାଙ୍କ ପରିବାରର ଫାର୍ମହାଉସ୍‌ରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିବା ଜଣେ ୪୮ ବର୍ଷୀୟା ମହିଳାଙ୍କୁ ୨୦୨୧ରେ ୨ ଥର ବଳାତ୍କାର କରିବା ସହ ନିଜ ମୋବାଇଲ୍ ଫୋନ୍‌ରେ ଏହାର ଭିଡିଓ ରେକର୍ଡିଂ କରାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ୧୪ ମାସ ହେଲା ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିଲେ। ଶୁକ୍ରବାର ବିଚାରପତି ରାୟ ଶୁଣାଇବା ବେଳେ ଅଦାଲତରେ ଉପସ୍ଥିତ ଥିବା ପ୍ରଜ୍ୱଳ ଥରିବା ସହ କାନ୍ଦୁଥିବା ଦେଖାଯାଇଥିଲା। ଏହି ମାମଲାର ଶୁଣାଣି ଜୁଲାଇ ୧୮ରେ ଶେଷ ହେବା ପରେ ମୋବାଇଲ ଲୋକେଶନ ତଥ୍ୟ ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରମାଣ



ପାଇଁ ବିଚାରପତି ରାୟ ସଂରକ୍ଷିତ ରଖିଥିଲେ। ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗତବର୍ଷ ସେପ୍ଟେମ୍ବରରେ ୧୧୩ ଜଣ ସାକ୍ଷୀଙ୍କ ବୟାନ ସହ ୧,୬୩୨ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ପ୍ରଜ୍ୱଳଙ୍କ ବିରୋଧରେ ଆଇପିସିର ଦଫା ୩୭୬(୨)(କେ)(ମହିଳାଙ୍କ ନିୟନ୍ତ୍ରଣ କରିବା ସ୍ଥିତିରେ ରହି ତାଙ୍କୁ ବଳାତ୍କାର କରିବା), ୩୭୬(୨)(ଏନ୍)(ବାରମ୍ବାର ବଳାତ୍କାର), ୩୫୪ଏ(ଯୌନ ନିର୍ଯାତନା), ୩୫୪ବି (ଉଲଗ୍ନ କରିବା ଉଦ୍ଦେଶ୍ୟରେ ମାଡ଼ ମାରିବା ବା ଆପରାଧିକ ବଳପ୍ରୟୋଗ) ଆଦିରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତକାରୀ ଅଧିକାରୀ ୨୬ ଜଣ ସାକ୍ଷୀଙ୍କୁ ଜେରା କରିବା ସହ ୧୮୦ଟି ଦସ୍ତାବିଜ୍ ଦଖଲ କରିଥିଲେ।



ବିହାରରେ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ବିରୋଧ କରି ଶୁକ୍ରବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପ୍ରମୋଦ ତିୱାରୀ, ଡିଏମ୍‌କେର ଟି.ଆର୍. ବାଲୁ ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ସାଂସଦମାନେ ବିକ୍ଷୋଭ କରୁଛନ୍ତି।

# ଅନିଲ ଅମ୍ବାନୀଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ

ନୂଆଦିଲ୍ଲୀ,୧।୮

୩,୦୦୦ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି ମାମଲା ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛି। ଅନିଲଙ୍କୁ ଜେରା ପାଇଁ ମଙ୍ଗଳବାର ଇଡି କାର୍ଯ୍ୟାଳୟରେ ହାଜର ହେବା ନିମନ୍ତେ ସମନ ଜାରି କରାଯାଇଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ ରିଲାଏନ୍ସ ଗ୍ରୁପ୍ କମ୍ପାନୀକୁ ୟେସ୍ ବ୍ୟାଙ୍କ ୩,୦୦୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଏହାକୁ ବେଆଇନ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଋଣ ମଞ୍ଜୁରୀ ପୂର୍ବରୁ ବ୍ୟାଙ୍କ୍ ପ୍ରମୋଟରମାନଙ୍କୁ ଉତ୍କୋଚ ମିଳିଥିବା ଇଡି ଜାଣିବାକୁ ପାଇଛି। ଜୁଲାଇ ୨୪ରେ ଇଡି ଏହି ମାମଲା ସହ ସମ୍ପୃକ୍ତ ୫୦ଟି ସଂସ୍ଥା ଉପରେ ଚଢ଼ାଉ କରିଥିଲା।

# ୮ ପୁରୁଷଙ୍କୁ ବାହାହୋଇ ଅନେକ ଲକ୍ଷ ଲୁଟିଥିବା ମହିଳା ଗିରଫ

ନାଗପୁର,୧।୮


ମହାରାଷ୍ଟ୍ରର ନାଗପୁରରେ ପୋଲିସ ଜଣେ ଲୁଣ୍ଠନକାରୀ ବୋହୂଙ୍କୁ ଗିରଫ କରିଛି। ସେ ଜଣେ କି ୨ ଜଣ ନୁହେଁ, ଜଣକ ପରେ ଜଣେ ଏପରି ୮ ଜଣଙ୍କୁ ବିବାହ କରି ଅନେକ ଲକ୍ଷ ଟଙ୍କା ଲୁଟିଥିଲେ। ସମୀରା ଫତିମା ନାମ୍ନୀ ଏହି ମହିଳା ପରବର୍ତ୍ତୀ ଟାର୍ଗେଟ ତଲାସରେ ଥିଲାବେଳେ ଗିରଫ ହୋଇଥିବା ପୋଲିସ ଅଧିକାରୀ କହିଛନ୍ତି। ସମ୍ଭାବ୍ୟ ୯ମ ବରକୁ ଭେଟିବା ବେଳେ ସେ ଧରାପଡ଼ିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ, ଅଭିଯୁକ୍ତ ମହିଳା ଜଣକ ସ୍ୱାମୀମାନଙ୍କୁ ବ୍ଲାକ୍‌ମେଲ୍ କରି ସେମାନଙ୍କଠାରୁ ଟଙ୍କା ଶୋଷଣ କରୁଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଅନୁଯାୟୀ ସମୀରା ଜଣେ ଶିକ୍ଷିତା ଓ ପେସାରେ ଜଣେ ଶିକ୍ଷୟିତ୍ରୀ। ସେ ବିଭିନ୍ନ ସ୍ୱାମୀଙ୍କଠାରୁ ଅର୍ଥ ଶୋଷଣ ପାଇଁ ଏକ ଗ୍ୟାଙ୍ଗ୍ ସହ କାମ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ୧୫ ବର୍ଷ ମଧ୍ୟରେ ସମୀରା ଅନେକ ଧନୀ ଓ ବିବାହିତ ମୁସଲମାନ ପୁରୁଷଙ୍କୁ ପ୍ରଲୋଭିତ କରିଥିଲେ। ସେ ଜଣେ ସ୍ୱାମୀଠାରୁ ୫୦ ଲକ୍ଷ ଟଙ୍କା ଲୁଟିଥିବାବେଳେ ଅନ୍ୟ ଜଣକଠାରୁ ୧୫ ଲକ୍ଷ ଟଙ୍କା ଶୋଷଣ କରିଥିଲେ।

# ଭାରତ ସମେତ ବିଭିନ୍ନ ଦେଶ ପାଇଁ ଆମେରିକାର ନୂଆ ଟାରିଫ୍

### ପାକିସ୍ତାନକୁ ୧୯%, ବାଂଲାଦେଶ ପାଇଁ ୨୦%

ୱାଶିଂଟନ,୧।୮(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନି ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ସହ ବିଭିନ୍ନ ଦେଶର ସାମଗ୍ରୀ ଉପରେ ନୂଆ ଟାରିଫ୍ ଘୋଷଣା କରିଛନ୍ତି। ଆମେରିକୀୟ ସଂରକ୍ଷଣବାଦର ନୂଆ ଯୁଗ ସାରା ବିଶ୍ୱର ବାଣିଜ୍ୟ ସହଯୋଗୀଙ୍କ ମଧ୍ୟରେ ସାନି ଉତ୍ତେଜନା ଓ ଉଦ୍‌ବେଗ ସୃଷ୍ଟି କରିଛି। 'ଜବାବୀ ଶୁଳ୍କ ହାରରେ ସାନି ସଂଶୋଧନ' ନାମରେ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ପାଖାପାଖି ୭୦ଟି ଦେଶ


ଡୋନାଲ୍ଡ ଟ୍ରମ୍ପ


ପାଇଁ ସେ ନୂଆ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ପାଇଁ ୨୫% ରେସିପ୍ରୋକାଲ୍ ଟାରିଫ୍ ଲାଗୁ ହୋଇଥିବା ଉକ୍ତ ତାଲିକାରୁ ଜଣାପଡ଼ିଛି। ତେବେ ରୁଷିଆରୁ ଇନ୍ଧନ କ୍ରୟ କରି ଏହାକୁ ସାମରିକ ସରଞ୍ଜାମ କିଣିବା ପାଇଁ ଅର୍ଥ ଯୋଗାଉଥିବା ଭାରତ ଉପରେ ଜରିମାନା ଲଗାଇବେ ବୋଲି ଗତ ବୁଧବାର ଟ୍ରମ୍ପ କହିଥିଲେ ହେଁ ତାଲିକାରେ ତାହା ଉଲ୍ଲେଖ ନାହିଁ। ଟାରିଫ୍‌ର ଶେଷ ତାରିଖ ଅଗଷ୍ଟ ୧ ଥିବାବେଳେ ଅଗଷ୍ଟ ୭ରୁ ନୂଆ ଶୁଳ୍କ କାର୍ଯ୍ୟକାରୀ ହେବ।

ୟୁରୋପୀୟ ସଂଘ, ଜାପାନ ଓ ଦକ୍ଷିଣ କୋରିଆ ଭଳି ସହଯୋଗୀଙ୍କ ସହ ଆମେରିକା ବାଣିଜ୍ୟ ଚୁକ୍ତିନାମା କରିଥିବାବେଳେ ଭାରତ ଉପରେ ଚାପ ପକାଇବା ପାଇଁ ପାକିସ୍ତାନ ଓ ବାଂଲାଦେଶ ଉପରେ କମ୍ ଟାରିଫ୍ ଲଗାଇଛି। ପାକିସ୍ତାନ ଉପରେ ୧୯% ଓ ବାଂଲାଦେଶ ଉପରେ ୨୦% ଟାରିଫ୍ ଲଗାଯାଇଛି। ସେହିପରି ଭିଏତ୍‌ନାମ ଉପରେ ୨୦%, ମାଲେସିଆ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ଉପରେ ୧୯% ଟାରିଫ୍ ଲାଗୁ କରାଯାଇଛି। କାନାଡା ସାମଗ୍ରୀ ଉପରେ ୩୫% ଶୁଳ୍କ ଶୁକ୍ରବାରଠାରୁ ଲାଗୁ ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବାବେଳେ ମେକ୍ସିକୋ ସହ ବାଣିଜ୍ୟ ବୁଝାମଣା ପାଇଁ ୯୦ ଦିନ ସମୟ ବଢ଼ାଇଛନ୍ତି।

### ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା


ବିକ୍ରାନ୍ତ ମେସି


ଶାହରୁଖ ଖାନ୍


ରାଣୀ ମୁଖାର୍ଜୀ

ନୂଆଦିଲ୍ଲୀ, ୧।୮

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବର୍ଷ ୨୦୨୩ ପାଇଁ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଘୋଷଣା କରାଯାଇଛି। ଅଭିନେତା ଶାହରୁଖ ଖାନ୍ ଏବଂ ବିକ୍ରାନ୍ତ ମେସି ମିଳିତ ଭାବେ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ ହୋଇଛନ୍ତି। ଏଟଲୀ କୁମାରଙ୍କ ନିର୍ଦ୍ଦେଶିତ ଆକ୍ସନ ଥ୍ରୀଲର ଫିଲ୍ମ 'ଯୱାନ' ପାଇଁ ଶାହରୁଖ ସମ୍ମାନିତ ହୋଇଛନ୍ତି। ସେହିପରି 'ଟୁଏଲ୍‌ଭ୍‌ଥ ଫେଲ୍' ଫିଲ୍ମ ପାଇଁ ଅଭିନେତା ବିକ୍ରାନ୍ତ ମେସି ମଧ୍ୟ ଶ୍ରେଷ୍ଠ ଅଭିନେତା ପୁରସ୍କାର ହାତେଇଛନ୍ତି। ଅସୀମା ଚିବ୍ବରଙ୍କ ନିର୍ଦ୍ଦେଶିତ 'ମିସେସ୍ ଚାଟାର୍ଜି ଭର୍ସେସ୍ ନରୱେ' ଫିଲ୍ମ ପାଇଁ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ

### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ

ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭ୍‌ଥ ଫେଲ୍' ଫିଲ୍ମ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ସମ୍ମାନିତ ହୋଇଛି। 'ଦି କେରଳ ଷ୍ଟୋରି' ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁଦୀପ୍ତ ସେନ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଛି। ସୁସ୍ଥ ମନୋରଞ୍ଜନ ପାଇଁ ଲୋକପ୍ରିୟ ଫିଲ୍ମ ଭାବେ ଫିଲ୍ମ ନିର୍ମାତା କରନ ଜୋହରଙ୍କ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ସମ୍ମାନିତ ହୋଇଛି। ମେଘନା ଗୁଲଜାରଙ୍କ 'ସାମ ବାହାଦୁର' ଫିଲ୍ମ ଜାତୀୟତାବାଦ, ପରିବେଶଗତ ଏବଂ ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ସମ୍ମାନିତ ହୋଇଛି।


OHPC ISO 9001-14001 18001 Certified

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-22/2025-26, DATED 29.07.2025**

**No.CAD-1333:** Sealed Tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies / vehicle owners / service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for Valve House Shift Duty of UIHEP, Mukhiguda for 04 Years | 7,080/- (inclusive of GST) | 01% of quoted price | From 04.08.2025 to 16.08.2025 up to 13.00 Hrs | 16.08.2025 (Up to 13:30 Hrs) | 16.08.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0038/2526 — Sd./- C&P Head, UIHEP, Mukhiguda



PUBLIC SERVICE COMMISSION ODISHA

# ODISHA PUBLIC SERVICE COMMISSION CUTTACK

## NOTICE

**No. 5468 / P.S.C., Dt. 31.07.2025**
**(1R-11-24/25) (DR-V)**

**Assistant Professor (Stage-I) in History**
**(Advertisement No.27 of 2023-24)**

**No.D-153** : It is for information of all concerned that, document verification of **171 (One Hundred Seventy-One)** candidates having **PPSAN** mentioned below for the post of **Assistant Professor (Stage-I) in "History"**, pursuant to Advertisement No.27 of 2023/24 shall be held **from 07.08.2025 to 14.08.2025 (Except 09.08.2025, 10.08.2025)** as per the following programme in the Office of the Commission at 19, Dr. P. K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 07.08.2025 | 10.30 A.M. | P240303124, P220088919, P230144622, P240312855, P240306533, P240303846, P240310071, P220043002, P240275031, P220037877, P240301505, P230140647, P240309200, P240304511, P240301712 & P240306633 = **16 Candidates** |
| | 2.30 P.M. | P220002782, P240307391, P240306736, P240314026, P240306840, P240249993, P240302017, P240308895, P240284328, P240313242, P240305781, P240304335 & P240305704 = **13 Candidates** |
| 08.08.2025 | 10.30 A.M. | P230154664, P240308286, P230095678, P240309497, P240301412, P240303032, P240305808, P240302550,P240306528, P240306487, P230144280, P240306595, P230231248, P240305530, P240306425 & P240309535 = **16 Candidates** |
| | 2.30 P.M. | P240310506, P240306986, P240309172, P230162220, P240308964, P240295144, P240306368, P240307364, P240307607, P240306701, P230124342, P240311303 & P240302000 = **13 Candidates** |
| 11.08.2025 | 10.30 A.M. | P240304080, P240307014, P240247057, P230159842, P240304122, P240302873, P220077697, P240311875, P240306163, P240302059, P230123612, P240302794, P240309236, P230159126, P240299777 & P240253812 = **16 Candidates** |
| | 2.30 P.M. | P240307623, P240302978, P240302052, P240309072, P240303426, P240303921, P240305798, P240311458, P240294688, P240306094, P240305839, P240296546 & P240308002 = **13 Candidates** |
| 12.08.2025 | 10.30 A.M. | P240308122, P240270389, P240311894, P240302343, P240306447, P240304365, P240301797, P240305387, P240306893, P240296457, P230156094, P240311754, P240303738, P240307416, P230132115 & P240238695 = **16 Candidates** |
| | 2.30 P.M. | P240308981, P240309001, P240284756, P240305631, P230143869, P240285309, P220040461, P240305382, P240305945, P240305074, P240302507, P240306479 & P240296758 = **13 Candidates** |
| 13.08.2025 | 10.30 A.M. | P240283360, P230152332, P240250120, P220021422, P230113860, P240306287, P240297411, P240289722, P240309025, P230131418, P230149990, P240312117, P240311750, P240302364, P220000096 & P240299227 = **16 Candidates** |
| | 2.30 P.M. | P240299030, P230155122, P240304158, P240310418, P240272501, P240304217, P240241420, P240311892, P240302710, P240303922, P240236651, P220071607 & P240311509 = **13 Candidates** |
| 14.08.2025 | 10.30 A.M. | P240312908, P220056696, P240306584, P220085646, P240294339, P240304874, P240250666, P240304812, P240249050, P240308514, P240311119, P220048898, P230105078, P240308608 & P230144528 = **15 Candidates** |
| | 2.30 P.M. | P230132225, P230160805, P240307827, P230151435, P230113796, P240298729, P220063008, P230121073, P240308851, P240308018 & P230111850 = **11 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0286/2526 — Sd./- Secretary

# ଭାରତର ଦୃଢ଼ ପ୍ରତ୍ୟାବର୍ତ୍ତନ



ଜୋ ରୁଟ୍‌ଙ୍କ ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ସିରାଜ।

## ପଞ୍ଚମ ଟେଷ୍ଟ

### ଆଟକିନସନଙ୍କୁ ୫ ଉଇକେଟ

**ଲଣ୍ଡନ,୧।୮**

ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣାଙ୍କ ପ୍ରଭାବୀ ବୋଲିଂ ପ୍ରଦର୍ଶନ ବଳରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଭ୍ରମଣକାରୀ ଭାରତୀୟ ଦଳ ତା'ର ପ୍ରଥମ ଇନିଂସରେ ୨୨୪ ରନରେ ଅଲଆଉଟ୍ ହୋଇଯାଇଛି। ଜବାବରେ ଦ୍ୱିତୀୟ ଦିନରେ ଇଂଲଣ୍ଡ ୪୮ ଓଭରରେ ୮ ଉଇକେଟ ହରାଇ ୨୩୫ ରନ କରିଛି। ଭାରତ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ୪ ଓ ମହମ୍ମଦ ସିରାଜ ୩ ଉଇକେଟ ନେଇଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ହ୍ୟାରୀ ବ୍ରୁକ ୪୮ ଓ ଜୋଶ ଟଙ୍ଗ ବିନା ରନରେ ବ୍ୟାଟିଂ କରୁଛନ୍ତି। ବର୍ତ୍ତମାନ ଇଂଲଣ୍ଡ ହାତରେ ୨ ଉଇକେଟ ରଖି ମ୍ୟାଚ୍‌ରେ ୧୮ ରନରେ ଆଗରେ ରହିଛି। ପ୍ରଥମ ଦିନରେ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିବା କ୍ରିସ ୱକ୍ସ ପୂରା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶୁକ୍ରବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ବ୍ୟାଟିଂ ଆରମ୍ଭ କରି ବଳକା ୪ ଉଇକେଟରେ ଦଳୀୟ ସ୍କୋରରେ ୨୦ ରନ ଯୋଡ଼ିପାରିଥିଲା। ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର କରୁଣ ନାୟର ୫୭ ଓ ୱାଶିଂଟନ ସୁନ୍ଦର ୨୬ ରନ କରି ଆଉଟ୍ ହୋଇଥିଲେ। ସିରାଜ ଓ ପ୍ରସିଦ୍ଧଙ୍କୁ ଖାତା ଖୋଲିବା ପୂର୍ବରୁ ଆଟକିସନ ପାଭିଲିଅନ ପଠାଇଥିଲେ। ଫଳରେ ଭାରତ ୨୨୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପାଇଁ ଆଟକିନସନ ୫ ଉଇକେଟ ସଫଳତା ହାସଲ କରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ଚତୁର୍ଥ ୫ ଉଇକେଟ ସଫଳତା ଥିଲା। ତାଙ୍କ ବ୍ୟତୀତ ଜୋଶ ଟଙ୍ଗ ୩ ଓ କ୍ରିସ ୱକ୍ସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍ (କରୁନ ନାୟର-୫୭, ସାଇ ସୁଦର୍ଶନ-୩୮, ୱାଶିଂଟନ ସୁନ୍ଦର-୨୬, ଗସ ଆଟକିନସନ-୫/୩୩, ଜୋଶ ଟଙ୍ଗ-୩/୫୭)। ଇଂଲଣ୍ଡ ପ୍ରଥମ ଇନିଂସ: ୪୮ ଓଭରରେ ୨୪୨/୮ (ଜ୍ୟାକ କ୍ରଲି-୬୪, ବେନ ଡକେଟ-୪୩, ହ୍ୟାରୀ ବ୍ରୁକ-୪୮*, ପ୍ରସିଦ୍ଧ କ୍ରିଷ୍ଣା-୪/୬୦, ମହମ୍ମଦ ସିରାଜ-୩/୭୬, ଆକାଶ ଦୀପ-୧/୮୦ )।

### ଭାରତୀୟ ଦଳରୁ ଛାଡ଼ ପାଇଲେ ବୁମରା

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୩ ମ୍ୟାଚ୍ ଖେଳିବାର କୋଟା ପୂରଣ କରିସାରିଥିବାରୁ ଯଶପ୍ରୀତ ବୁମରାଙ୍କୁ ଶୁକ୍ରବାର ଭାରତୀୟ ଦଳରୁ ଛାଡ଼ ପ୍ରଦାନ କରାଯାଇଛି। ଏଥିଯୋଗୁ ସେ ପୁଣି କେବେ ଭାରତୀୟ ଦଳ ପାଇଁ ଖେଳିବେ, ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୩୧ ବର୍ଷୀୟ ବୁମରା ୩ ଟେଷ୍ଟ ମ୍ୟାଚ୍‌ରେ ୧୧୯.୪ ଓଭର ବୋଲିଂ କରି ୧୪ ଉଇକେଟ ନେଇଥିଲେ। ହେଡିଂଲିରେ ପ୍ରଥମ ଟେଷ୍ଟ ଓ ଲର୍ଡ୍ସରେ ତୃତୀୟ ଟେଷ୍ଟରେ ସେ ୫ ଉଇକେଟ ସଫଳତା ପାଇଥିଲେ। କିନ୍ତୁ ମାଞ୍ଚେଷ୍ଟରରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ସେ କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ଇନିଂସରେ ୧୦୦ରୁ ଅଧିକ ରନ ବ୍ୟୟ କରିଥିଲେ। କ୍ୟାରିୟରରେ ଏପର୍ଯ୍ୟନ୍ତ ବୁମରା ୪୮ ଟେଷ୍ଟ ଖେଳି ୨୧୯ ଉଇକେଟ ନେଇଛନ୍ତି। ଭାରତୀୟ ଦଳ ଆସନ୍ତା ମାସରେ ୟୁଏଇରେ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଖେଳିବ। ଏହାର ସପ୍ତାହ ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ଆରମ୍ଭ ହେବ। ଏଣୁ ଏସିଆ କପ୍‌ରେ ତାଙ୍କର ଖେଳିବା ସମ୍ଭାବନା କମ୍ ରହିଛି। ଏସିଆ କପ୍ ସେପ୍ଟେମ୍ବର ୨୯ରେ ଶେଷ ହେବାକୁ ଥିବାବେଳେ ଅକ୍ଟୋବର ୨ରୁ ଅହମ୍ମଦାବାଦରେ ପ୍ରଥମ ଟେଷ୍ଟ ଖେଳାଯିବ।

# ଟାଏକୋଣ୍ଡୋରେ ଜାନଭିଙ୍କୁ ବ୍ରୋଞ୍ଜ ପଦକ




ଜାନଭୀ (ବାମ)ଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୧।୮ (ବିଜୟ ରଣା)**

ସ୍ଥାନୀୟ କିଟ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଜାନଭି ଟାଏକୋଣ୍ଡାରେ ବ୍ରୋଞ୍ଜ ପଦକ ହାସଲ କରି ସ୍କୁଲ ଓ ଖୋର୍ଦ୍ଧା ଜିଲା ପାଇଁ ଗର୍ବ ଗୌରବ ଆଣିଛନ୍ତି। ସିଲଂସ୍ଥିତ ବି.ଡି.ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସ୍‌ଇ ଜୋନ ଟାଏକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜାନଭି ତାଙ୍କର ପରାକାଷ୍ଠା ଦେଖାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜାନଭି ନିରଞ୍ଜନ ପାତ୍ର ଓ ରଶ୍ମିତା ପୃଷ୍ଟିଙ୍କର ଜ୍ୟେଷ୍ଠ କନ୍ୟା ତଥା ଶିଳ୍ପପତି ଡ଼.ନାରାୟଣ ପାତ୍ରଙ୍କର ନାତୁଣୀ।

# ରିଅଲ କଶ୍ମୀରକୁ ହରାଇଲା ଇଣ୍ଡିଆନ ନେଭି

## ଡୁରାଣ୍ଡ କପ୍ ଫୁଟ୍‌ବଲ

**ଇମ୍ଫାଲ, ୧।୮ (ପି.ଟି.)**

ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଉଥିବା ଗ୍ରୁପ୍ 'ଏ'ର ଏକ ମ୍ୟାଚ୍‌ରେ ଇଣ୍ଡିଆନ ନେଭି ୨-୧ ଗୋଲ୍‌ରେ ରିଅଲ କଶ୍ମୀରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିଜୟ ମାରାଣ୍ଡି (୬ଷ୍ଠ ମିନିଟ) ଓ ଶ୍ରେୟସ ଭି.ଜି. (୭୦ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ରିଅଲ କଶ୍ମୀର ତରଫରୁ ଫ୍ରାଙ୍କ୍ ୱିଲିୟମ ସେସେଗନନ୍ସ (୬୪ତମ) ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ଦେଇଥିଲେ। ଇଣ୍ଡିଆନ ନେଭି ଏହି ମ୍ୟାଚରୁ ୩ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ଏଫ୍' ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି।

# ଆତ୍ମହତ୍ୟା କରିବାକୁ ଭାବିଥିଲି: ଚହଲ

**ନୂଆଦିଲ୍ଲୀ,୧।୮(ପି.ଟି.)**

ଭାରତୀୟ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରଥମ ଥର ପାଇଁ ପୂର୍ବତନ ପତ୍ନୀ ଧନଶ୍ରୀ ବର୍ମାଙ୍କଠାରୁ ଛାଡ଼ପତ୍ର ପରବର୍ତ୍ତୀ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ କଦାପି ଚିଟ୍ କରି ନ ଥିବା ଏବଂ ଆତ୍ମହତ୍ୟା କଥା ମନକୁ ଆସିଥିବା ସେ ପ୍ରକାଶ କରିଛନ୍ତି।

'ମୋ ଛାଡ଼ପତ୍ର ପରେ ମୋତେ ଚିଟର ବା ଠକ କୁହାଗଲା। କିନ୍ତୁ ମୁଁ ଜୀବନରେ କଦାପି କାହାକୁ ଠକି ନାହିଁ। ମୁଁ ଅତ୍ୟନ୍ତ ବିଶ୍ୱସ୍ତ, ସମ୍ଭବତଃ ପ୍ରାୟଙ୍କଠାରୁ ଅଧିକ। ମୁଁ ଯେଉଁମାନଙ୍କୁ ଭଲ ପାଏ, ସେମାନଙ୍କ ସମ୍ପର୍କରେ ମୁଁ ହୃଦୟରୁ ଚିନ୍ତା କରେ' ବୋଲି ଚହଲ ଏକ ପଡକାଷ୍ଟରେ କହିଛନ୍ତି। ପୂର୍ବତନ ପତ୍ନୀଙ୍କ ସହ ବିଚ୍ଛେଦ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ମୁଁ ମୋ ଜୀବନରେ ଥକି ଯାଇଥିଲି। ଏପରି କି ଆତ୍ମହତ୍ୟା କଥା ମୋ ମନକୁ ଆସିଥିଲା। ମୁଁ ଦିନକୁ ୨ ଘଣ୍ଟା କାନ୍ଦୁଥିଲି ଓ ୨ ଘଣ୍ଟା ଶୋଉଥିଲି। ମୁଁ ୪୦ ଦିନ ଧରି ଏଭଳି ସଂଘର୍ଷ କରିଥିଲି। ସେହି ସମୟରେ ମୁଁ ଆନ୍‌ଜାଇଟି ଓ ଡିପ୍ରେଶନର ସମ୍ମୁଖୀନ ହୋଇଥିଲି। ଯେଉଁମାନେ ମୋ ଘନିଷ୍ଠ, କେବଳ ସେମାନେ ହିଁ ଜାଣିଛନ୍ତି, ମୁଁ କେଉଁ ଭଳି ସଂଘର୍ଷ କରିଥିଲି। ଏତଦ୍ ବ୍ୟତୀତ ସେ ତାଙ୍କ ବିବାହ ସମ୍ପର୍କରେ କହିଛନ୍ତି, ଉଭୟଙ୍କ ପେସାରେ ବୃଦ୍ଧି ପାଉଥିବା ବ୍ୟସ୍ତତା ଆମ ବିବାହ ବିଚ୍ଛେଦର ମୁଖ୍ୟ କାରଣ ଥିଲା। ଯଦି ଉଭୟ ବ୍ୟକ୍ତି ସର୍ବଦା ବ୍ୟସ୍ତ ରହିବେ, ତେବେ ସେମାନଙ୍କ ମଧ୍ୟରେ ଦୂରତା ବୃଦ୍ଧି ପାଇବା ସ୍ୱାଭାବିକ। ଆମେ ନିଶ୍ଚିତ ନ ହେଲା ପର୍ଯ୍ୟନ୍ତ ଲୋକଙ୍କୁ ଜଣାଇବାକୁ ଚାହୁଁ ନ ଥିଲୁ। ମୋର ଦୁଇ ଭଉଣୀ ଅଛନ୍ତି। ଏଣୁ ମହିଳାଙ୍କୁ କେଉଁ ଭଳି ସମ୍ମାନ ଦିଆଯାଏ, ତାହା ମୋତେ ଜଣା। ମୁଁ ଡ୍ରାମା କରିବାକୁ ଚାହେଁ ନାହିଁ।

# ଭାରତୀୟ ପୁରୁଷ, ମହିଳା ଦଳକୁ ଯୋଗ୍ୟତା

**ନୂଆଦିଲ୍ଲୀ, ୧।୮ (ପି.ଟି.):** ଭାରତୀୟ ପୁରୁଷ ଓ ମହିଳା ଟେବୁଲ ଟେନିସ ଦଳ ସମ୍ମାନଜନକ ବିଶ୍ୱ ଟେବୁଲ ଟେନିସ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିଟି)ରେ ଭାଗ ନେବେ। କାଠମାଣ୍ଡୁରେ ଅନୁଷ୍ଠିତ ୨୦୨୫ ଦକ୍ଷିଣ ଏସିଆ ଆଞ୍ଚଳିକ ଚାମ୍ପିୟନଶିପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦଳ ଏହି ଯୋଗ୍ୟତା ଅର୍ଜନ କରିଛି। ବିଶ୍ୱ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ଏସିଆରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ମାତ୍ର ୧୬ଟି କୋଟା ରହିଛି। କେନ୍ଦ୍ରାଞ୍ଚଳ ଏସିଆ, ଦକ୍ଷିଣ ଏସିଆ, ଦକ୍ଷିଣ-ପୂର୍ବ ଏସିଆ ଓ ପଶ୍ଚିମ ଏସିଆ ଆଦି ଚାରୋଟି ଆଞ୍ଚଳିକ ଚାମ୍ପିୟନଶିପ୍‌ରୁ ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରାଯାଇପାରିବ। ଭାରତର ଉଭୟ ଦଳ ୫୦ଟି ଦେଶକୁ ନେଇ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯାଇଥିବା ଦକ୍ଷିଣ ଏସିଆ ଆଞ୍ଚଳିକ ଚାମ୍ପିୟନଶିପ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିବା ସହ ଅପରାଜିତ ରହିଥିଲେ। ଆକାଶ ପାଲ, ରୋନିତ ଭଞ୍ଜ, ଅନିର୍ବାନ ଘୋଷ, ପି.ବି. ଅଭିନନ୍ଦ ଏବଂ ଦିବ୍ୟାଂଶ ଶ୍ରୀବାସ୍ତବଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ମାଲଦ୍ୱୀପକୁ ସମାନ ୩-୦ ବ୍ୟବଧାନରେ ପରାସ୍ତ କରିଥିଲା।

# ଲକ୍ଷ୍ୟ, ଥରୁନ ସେମିଫାଇନାଲରେ

## ମାକାଉ ଓପନ ବ୍ୟାଡ୍‌ମିଣ୍ଟନ

**ମାକାଉ, ୧।୮ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଉଦୀୟମାନ ଥରୁନ ମାନେପାଲି ସଂଘର୍ଷପୂର୍ଣ୍ଣ ବିଜୟ ସହ ମାକାଉ ଓପନ ସୁପର ୩୦୦ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ବିଶ୍ୱର ୪୭ତମ ର୍‌ୟାଙ୍କିଂପ୍ରାପ୍ତ ୨୩ ବର୍ଷୀୟ ଥରୁନ ୮୭ତମ ର୍‌ୟାଙ୍କିଂ ଚାଇନାର ହୁ ଝେଙ୍କୁ ୨୧-୧୨, ୧୩-୨୧, ୨୧-୧୮ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୭୫ମିନିଟ ଧରି ଚାଲିଥିଲା। ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ତଥା ଏଠାରେ ଦ୍ୱିତୀୟ ସିଡ୍ ଲକ୍ଷ୍ୟ ଚାଇନାର ଜୁଆନ୍ ଚେନ୍ ଝୁଙ୍କୁ ୨୧-୧୪, ୧୮-୨୧, ୨୧-୧୪ରେ ପରାସ୍ତ କରିଛନ୍ତି। ଏହି କ୍ୱାର୍ଟରଫାଇନାଲ ମ୍ୟାଚ ୧ଘଣ୍ଟା ୩ ମିନିଟ ଧରି ଚାଲିଥିଲା। ଲକ୍ଷ୍ୟ ସେମିଫାଇନାଲରେ ୫ମ ସିଡ୍ ଇଣ୍ଡୋନେସିଆର ଆଲୱି ଫାରହାନ୍‌ଙ୍କୁ ଭେଟିବାକୁ ଥିବା ବେଳେ ଥରୁନ ମାଲେସିଆର ଜଷ୍ଟିନ ହୋଙ୍କୁ ଭେଟିବେ। ଏକ ବିଡବ୍ଲ୍ୟୁଏଫ୍ ସୁପର ୩୦୦ ଇଭେଣ୍ଟରେ ଥରୁନଙ୍କର ଏହା ହେଉଛି ପ୍ରଥମ ସେମିଫାଇନାଲ। ପୂର୍ବରୁ ଫେବୃଆରୀରେ ସେ ଜର୍ମାନ ଓପନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ତେବେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସେମାନଙ୍କ ମ୍ୟାଚ ହାରି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। କ୍ୱାର୍ଟରଫାଇନାଲରେ ସେମାନେ ମାଲେସିଆର ଜୁଙ୍ଗ୍ ହନ୍ ଜୈନ ଓ ହାଇକାଲ ମହମ୍ମଦଙ୍କଠାରୁ ୧୪-୨୧, ୨୧-୧୩, ୨୦-୨୨ରେ ପରାଜିତ ହୋଇଛନ୍ତି।




ରିଟର୍ନ ଶଟ୍ ଖେଳିବା ଅବସରରେ ଥରୁନ ମାନେପାଲି ।

# ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ



ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରୁଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର ୧।୮ (ବିଜୟ ରଣା)**

ଆସନ୍ତା ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେବ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଏହି ପରିପ୍ରେକ୍ଷୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ଶୁକ୍ରବାର ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଆଥଲେଟିକ୍ସ ଫେଡ଼େରେଶନ ଅଫ୍ ଇଣ୍ଡିଆ, ଓ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥେୟଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମରେ ପ୍ରତିଯୋଗିତା ଆୟୋଜନ ବେଳେ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଏଥିରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ ୱାଲର୍ଡ଼ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓ କ୍ରୀଡ଼ାବିତ୍ ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଶୁକ୍ରବାର ଏହି ପ୍ରସ୍ତୁତି ସମୀକ୍ଷା ବେଳେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ଅତିରିକ୍ତ ପୋଲିସ କମିଶନର ଭୁବନେଶ୍ୱର ନରସିଂହ ଭୋଳ, ହକି ପ୍ରମୋଶନ କାଉନସିଲ, ଓ ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜମିଲ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୧।୮ (ପି.ଟି.)**

ଷ୍ଟିଫେନ୍ କନ୍‌ଷ୍ଟାନଷ୍ଟିନ୍ ଓ ଷ୍ଟିଫାନ ଟାର୍କୋଭିଚ୍‌ଙ୍କୁ ପଛରେ ପକାଇ ଖଲିଦ ଜମିଲ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଫଳରେ ୧୩ ବର୍ଷ ପରେ ଜଣେ ଭାରତୀୟ ଜାତୀୟ ଫୁଟ୍‌ବଲ ଟିମ୍‌ର ମୁଖ୍ୟକୋଚ୍ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ଶେଷ ଭାରତୀୟ ଭାବେ ସାଭିଓ ମେଡିରା ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଥିଲେ। ୪୮ ବର୍ଷୀୟ ଜମିଲଙ୍କ ନେତୃତ୍ୱରେ ଆଇଜଲ ଫୁଟ୍‌ବଲ କ୍ଲବ ୨୦୧୭ରେ ଆଇ-ଲିଗ୍ ଟାଇଟଲ ହାସଲ କରିଥିଲା। ସଂଘର୍ଷ ଚଳାଇଥିବା ଭାରତୀୟ ଦଳର ଭାଗ୍ୟରେ ପରିବର୍ତ୍ତନ ଆଣିବା ତାଙ୍କ ପାଇଁ ସହଜ ହେବନାହିଁ। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଜାମସେଦପୁର ଏଫ୍‌ସିର ଦାୟିତ୍ୱରେ ରହିଛନ୍ତି। ଜମିଲ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ର କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ମନୋନୀତ ହୋଇଛନ୍ତି। କନ୍‌ଷ୍ଟାନଷ୍ଟିନ ହେଉଛନ୍ତି ଜଣେ ପୂର୍ବତନ ଭାରତୀୟ ଫୁଟ୍‌ବଲ କୋଚ୍। ଟାର୍କୋଭିଚ୍ ଅତୀତରେ ସ୍ଲୋଭାକିଆ ଜାତୀୟ ଦଳର ମ୍ୟାନେଜର ଥିଲେ। କିମ୍ବଦନ୍ତୀ ଷ୍ଟ୍ରାଇକର ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍ ଟେକ୍‌ନିକାଲ କମିଟି ୩ ଜଣିଆ ଶର୍ଟଲିଷ୍ଟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଥିଲା। କାର୍ଯ୍ୟନିର୍ବାହୀ କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିଲା। ଜମିଲ ହେଉଛନ୍ତି ଜଣେ ଏଏଫ୍‌ସି ପ୍ରୋ ଲାଇସେନ୍ସ ଡିପ୍ଲୋମାଧାରୀ। ସ୍ପେନର ମାନୋଲୋ ମାର୍କ୍ୱେଜଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ମିଳିଛି। ଭାରତୀୟ ଦଳର ଭାଗ୍ୟରେ ପରିବର୍ତ୍ତନ ଆଣି ନ ପାରିବାରୁ ମାର୍କ୍ୱେଜ ଗତ ମାସରେ ଏଆଇଏଫ୍‌ଏଫ୍‌ରୁ ଦୂରେଇ ଯାଇଥିଲେ। ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟି ଯଦିଓ ଖଲିଦ ଜମିଲଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରିନି। ଏହି ପରିପ୍ରେକ୍ଷୀରେ ବୈଠକପରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଆମେ ନିଜ ଭିତରେ ଏବଂ ଜମିଲଙ୍କ ସହିତ ଆଲୋଚନା ପରେ ତାଙ୍କ କାର୍ଯ୍ୟକାଳ ଓ ବେତନ ଧାର୍ଯ୍ୟ କରିବୁ। ଅନ୍ୟପକ୍ଷରେ ଜମିଲ କିନ୍ତୁ ୩ବର୍ଷ କାର୍ଯ୍ୟକାଳ ଚାହୁଁଥିବା ବେଳେ କେତେଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ୧ବର୍ଷ କିମ୍ବା ୨ବର୍ଷ ହୋଇପାରେ ବୋଲି କହୁଛନ୍ତି। କିନ୍ତୁ ଚୌବେଙ୍କ ସୂଚନା ଅନୁସାରେ ପ୍ରଦର୍ଶନ ଭିତ୍ତିରେ ଜମିଲଙ୍କ କାର୍ଯ୍ୟକାଳ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ଏଆଇଏଫ୍‌ଏଫ୍ ସଭାପତି ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଜମିଲଙ୍କୁ ଭାରତୀୟ ଦଳର ଫୁଲ୍ ଟାଇମ୍ କୋଚ ହେବାକୁ ପଡ଼ିବ। କାର୍ଯ୍ୟକାଳ ସମୟରେ ସେ ଅନ୍ୟ କୌଣସି ଦଳ ପାଇଁ କାର୍ଯ୍ୟ କରିପାରିବେ ନାହିଁ। ଜମିଲଙ୍କ ପୂର୍ବବର୍ତ୍ତୀ ମାନୋଲୋଙ୍କୁ ତାଙ୍କ ଏକ ବର୍ଷୀୟ କାର୍ଯ୍ୟକାଳ ସମୟରେ ଦ୍ୱୈତ ଭୂମିକାରେ ଦେଖିବାକୁ ମିଳିଥିଲା। ଜାତୀୟ ଦଳର ମ୍ୟାଚ ନ ଥିବା ବେଳେ ସେ ଏଫ୍‌ସି ଗୋଆ ପାଇଁ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୨୯ରୁ ତାଜିକିସ୍ତାନ ଓ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ହେବାକୁଥିବା ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏଶନ (କାଫା) ନେଶନ୍ସ କପ୍‌ରେ ଜମିଲଙ୍କୁ ପ୍ରଥମେ ମୁଖ୍ୟକୋଚ୍ ଦାୟିତ୍ୱରେ ଦେଖିବାକୁ ମିଳିବ।



ଖଲିଦ ଜମିଲ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ